୪୫
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୨୫/୨୦୧୮ (୧୬ ପୃଷ୍ଠା) Bhubaneswar, Sunday, November 25/ 2018 (ଛୁଟିଦିନ ସହ) ★★★★
୪୫ଶ ଭାଗ ୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



**ରାମ ମନ୍ଦିର ନିର୍ମାଣର ତାରିଖ କୁହ**
ଅଯୋଧ୍ୟାରେ କେବେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ, କେନ୍ଦ୍ର ସରକାର ସେହି ତାରିଖ ଘୋଷଣା କରନ୍ତୁ ବୋଲି ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହିଛନ୍ତି।
୧୦

୦୫
**ସିନେମାରେ ସମାଜ ପରିବର୍ତ୍ତନର ବାର୍ତ୍ତା**
ସିନେମାରେ ସମାଜ ପରିବର୍ତ୍ତନର ବାର୍ତ୍ତା ରହିଛି ବୋଲି ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି।






ଧରିତ୍ରୀର ୪୫ତମ ଜନ୍ମଦିବସ ଅବସରରେ ଶନିବାର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମାରୋହରେ ବାର୍ଷିକ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'କୁ ଉନ୍ମୋଚନ କରୁଛନ୍ତି (ବାମରୁ) ଫିଚର ସମ୍ପାଦକ ବୀରଭଦ୍ର ବିଶ୍ୱାଳ, ସାହିତ୍ୟାୟନ ସମ୍ପାଦନା ଦାୟିତ୍ୱରେ ଥିବା ଡ. ହୃଷୀକେଶ ମଲ୍ଲିକ, ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଡାଇରେକ୍ଟର ମାର୍କେଟିଂ ହିମାଂଶୁ ହୋତା।

# ନିରପେକ୍ଷ ତଦନ୍ତ ଦାବି କଲେ ବିରୋଧୀ

## ବିୟର ଫ୍ୟାକ୍ଟ୍ରି ପାଇଁ ଗଛକଟା
■ ମନ୍ତ୍ରୀ କହିଲେ, ତାହା ଜଙ୍ଗଲ ନୁହେଁ, ପତିତ ଜମି

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

୬୦ବର୍ଷର ୯୫୬ ଶାଳଗଛ କାଟି ଗଡ଼େଇ ଦେଲ। ଗୋଚର ଜମିକୁ ଜାଲିଆତି କରି ପତିତ ଜମି କିସମ ପରିବର୍ତ୍ତନ କରି ଜଙ୍ଗଲକୁ ଧ୍ୱଂସ କଲ। ତୁମର ଦେହ ସହିଲା କେମିତି। କେବଳ ଢେଙ୍କାନାଳ ଜିଲାର ବଳରାମପୁରରେ ଗଛ କଟାଯାଉନି ରାଜ୍ୟର ସବୁ ଜଙ୍ଗଲରୁ ଶହ ଶହ ଦୈନିକ କଟାଯାଉଛି। ଗଣମାଧ୍ୟମ ଦେଖାଇ ନ ଥିଲେ ସବୁ ଗଛ କାଟି ସଫା କରି ଦେଇଥାଆନ୍ତେ। ଗଛ କଟା ପାଇଁ ଦାୟୀ ଅଧିକାରୀଙ୍କ ଦରମାରୁ କ୍ଷତିପୂରଣ ଭରଣା କରିବା ସହ ନିରପେକ୍ଷ ତଦନ୍ତ କରାଯାଉ। ଏଥିସହିତ ମଦ ଫ୍ୟାକ୍ଟ୍ରିକୁ ସେହି ଜାଗା ଦେବାକୁ ଅନୁମତି ଦେଇଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେହି ଅଞ୍ଚଳରେ ନୂଆ ଗଛ ଲଗାଯାଉ। ଗଛକଟାକୁ ନେଇ ବିରୋଧୀ ଦଳ ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ସରକାରଙ୍କୁ ଏଭଳି ଭାଷାରେ କଡ଼ା ସମାଲୋଚନା କରିଥିଲେ।

ଢେଙ୍କାନାଳ ଜିଲା ବଳରାମପୁରଠାରେ ବିୟର ଫ୍ୟାକ୍ଟ୍ରି ନିର୍ମାଣ କରିବା ପାଇଁ ୯୫୬ ☞ପୃଷ୍ଠା–୪

### ଶନିବାର ବିଧାନସଭାରେ ଉପସ୍ଥିତ ବିଧାୟକଙ୍କ ସଂଖ୍ୟା

| ସମୟ | ସଂଖ୍ୟା | ପ୍ରତିଶତ |
|---|---|---|
| ପୂର୍ବାହ୍ନ ୧୦.୩୦ | ୩୧ | ୨୧% |
| ପୂର୍ବାହ୍ନ ୧୦.୫୫ | ୩୬ | ୨୫% |
| ପୂର୍ବାହ୍ନ ୧୧.୧୭ | ୩୩ | ୨୩% |
| ପୂର୍ବାହ୍ନ ୧୧.୩୩ | ୨୨ | ୧୫% |
| ମଧ୍ୟାହ୍ନ ୧୨.୨୩ | ୧୯ | ୧୩% |
| ମଧ୍ୟାହ୍ନ ୧୨.୩୦ | ୧୮ | ୧୨% |

(ବାଚସ୍ପତିଙ୍କୁ ଛାଡ଼ି ୧୪୬ ବିଧାୟକଙ୍କୁ ନେଇ ହିସାବ କରାଯାଇଛି)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁର ନିକଟରେ ପ୍ରସ୍ତାବିତ ବିୟର ବଟଲିଂ ପ୍ଲାଣ୍ଟ ପାଇଁ ହୋଇଥିବା ଗଛକଟାକୁ ନେଇ ଉପୁଜିଥିଲା ବିବାଦ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ପରେ ତାହା ତତ୍‌କ୍ଷଣାତ୍ ସମାଧାନ ହୋଇଯାଇଛି। ଏହାପରେ ବି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଉଛି ଓ ସମାଲୋଚନା କରାଯାଉଛି। କିନ୍ତୁ ଉକ୍ତ ସମାଲୋଚନା କେବଳ ଲୋକଦେଖାଣିଆ ବୋଲି ଶନିବାର ବିଧାନସଭାରେ ବଳରାମପୁର ଘଟଣା ସମ୍ପର୍କିତ ବିତର୍କ ବେଳେ ମାତ୍ର ୧୨% ବିଧାୟକଙ୍କ ଉପସ୍ଥିତିରୁ ସ୍ପଷ୍ଟ ହେଉଛି।

ଆପଣଙ୍କ ଏହି କପି ସହିତ ପାଇବେ **ଛୁଟିଦିନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ଆଜିର ମନ୍ତବ୍ୟ
"ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ କଂଗ୍ରେସ ଶାସନରେ ଚାଷୀ ବରବାଦ ହୋଇ ନ ଥାଆନ୍ତେ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## କିଛି ତଥ୍ୟ
ଗତ ବର୍ଷ ତୁଳନାରେ ଚଳିତ ବର୍ଷର ଏପ୍ରିଲ–ସେପ୍ଟେମ୍ବର ସମୟ ମଧ୍ୟରେ ଘରୋଇ ବଜାରରୁ ଚାଉଳ ରପ୍ତାନି ୯.୬% ହ୍ରାସ ଘଟି ୫.୮ ନିୟୁତ ଟନ୍ ରହିଛି।
– ବାଣିଜ୍ୟ ମନ୍ତ୍ରଣାଳୟ

# ମେରି କମ୍‌ଙ୍କୁ ରେକର୍ଡ ୬ଷ୍ଠ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୪।୧୧ (ପି.ଟି.)

ଭାରତର ତାରକା ମହିଳା ବକ୍ସର ଏମ୍.ସି. ମେରି କମ୍ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ କ୍ୟାରିୟରରେ ୬ଷ୍ଠ ଥର ପାଇଁ ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହିତ ସେ ଏହି ମେଗା ଇଭେଣ୍ଟର ସବୁଠାରୁ ସଫଳ ବକ୍ସର ହେବାର ଗୌରବ ଅର୍ଜନ କରିଛନ୍ତି। ଶନିବାର ଏଠାରେ ଅନୁଷ୍ଠିତ ଏକତରଫା ଫାଇନାଲରେ ସେ ୫–୦ରେ ୟୁକ୍ରେନ୍‌ର ହାନ୍ନା ଓଖୋତାଙ୍କୁ ପରାସ୍ତ କରିଛନ୍ତି। ଲଣ୍ଡନ ଗେମ୍ସ ବ୍ରୋଞ୍ଜ ପଦକ ବିଜୟିନୀ ୩୫ବର୍ଷୀୟା ମେରି କମ୍ ୪୮କେଜି ଶ୍ରେଣୀ ମୁକାବିଲାରେ ☞ପୃଷ୍ଠା–୪




ବିଶ୍ୱ ମହିଳା ବକ୍ସିଂରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଭାରତର ଏମ୍.ସି. ମେରି କମ୍।

# କେନାଲକୁ ଖସିଲା ବସ୍: ୩୦ ମୃତ

ବେଙ୍ଗାଲୁରୁ,୨୪।୧୧(ପି.ଟି.)

କର୍ଣ୍ଣାଟକର ମାଣ୍ଡ୍ୟ ଜିଲାରେ ଶନିବାର ଏକ ଯାତ୍ରୀବାହୀ ବସ୍ କେନାଲ ଭିତରକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ ୩୦ ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ଆଉ କେତେଜଣ ଗୁରୁତର ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

୩୫ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ର ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ତାହା ଭିସି କେନାଲ ମଧ୍ୟରେ ଖସିପଡି ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା। ଫଳରେ ୧୫ ମହିଳା ଓ ୯ ଜଣ ସ୍କୁଲ ଛାତ୍ରଙ୍କ ସମେତ ୩୦ ଜଣଙ୍କର ପ୍ରାଣହାନି ଘଟିଥିଲା। ଅନ୍ୟ ଆହତମାନଙ୍କୁ ୧୨ ଫୁଟ ଗଭୀର କେନାଲ ମଧ୍ୟରୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ଥିବାରୁ ହାଫ ଡେ' ପରେ ପିଲାମାନେ ଘରକୁ ଫେରୁଥିଲା ବେଳେ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଦଉଡି ☞ପୃଷ୍ଠା–୪

ଅନିବାର୍ଯ୍ୟ କାରଣବଶତଃ 'ଆଗାମୀ ଆଶା' ଏହି ସଂଖ୍ୟାରେ ପ୍ରକାଶ ପାଇପାରୁ ନାହିଁ।

## ଆଜିର ସମ୍ପାଦକୀୟ
ନକାରାତ୍ମକ ଚିନ୍ତା

NATIONAL EGG CO-ORDINATION COMMITTEE 24.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 70 | 119 | 129 |
| BDK | 69 | 118 | 128 |
| BLS | 69 | 118 | 128 |
| ANG | 72 | 122 | 132 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers






# ଧରିତ୍ରୀର ୪୫ତମ ଜନ୍ମଦିବସ ସମାରୋହ





**ରାୟଗଡ଼ା** ନଭେମ୍ବର ୧୮ ରବିବାର ରାୟଗଡ଼ାର ପିତାମହଲସ୍ଥିତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମ୍ପାଦକ ତଥାଗତ ସତପଥୀଙ୍କ ଗହଣରେ ଉପସ୍ଥିତ ଖବରଦାତା, ଏଜେଣ୍ଟ ଓ ଧରିତ୍ରୀ ପରିବାରର ସଦସ୍ୟମାନେ।







**ସମ୍ବଲପୁର** ନଭେମ୍ବର ୧୯ ସୋମବାର ସମ୍ବଲପୁରର ବରେଇପାଲିସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମ୍ପାଦକ ତଥାଗତ ସତପଥୀଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି। କାର୍ଯ୍ୟକ୍ରମରେ ଅଛନ୍ତି ଖବରଦାତା, ଏଜେଣ୍ଟ ଓ ଧରିତ୍ରୀ ପରିବାରର ସଦସ୍ୟ।




**ଅନୁଗୋଳ** ନଭେମ୍ବର ୨୦ ମଙ୍ଗଳବାର ଅନୁଗୋଳ ଶିଳ୍ପାଞ୍ଚଳସ୍ଥିତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ସମ୍ପାଦକ ତଥାଗତ ସତପଥୀଙ୍କ ଗହଣରେ ଖବରଦାତା, ଏଜେଣ୍ଟ ଓ ଧରିତ୍ରୀ ପରିବାରର ସଦସ୍ୟମାନେ।



**ଭୁବନେଶ୍ୱର** ନଭେମ୍ବର ୨୪ ଶନିବାର ଧରିତ୍ରୀର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ଉପସ୍ଥିତ ଖବରଦାତା, ଏଜେଣ୍ଟ ଓ ଧରିତ୍ରୀ ପରିବାରର ସଦସ୍ୟବୃନ୍ଦ।

DADLS-196
15001/13/0435/1819



# ଶିଶୁଙ୍କ ଅଶ୍ଳୀଳ ଭିଡ଼ିଓ ରଖିଲେ ୫ ବର୍ଷ ଜେଲ୍

### ପୋକ୍ସୋ ଆଇନରେ ସଂଶୋଧନ ହେବ

ନୂଆଦିଲ୍ଲୀ,୨୪।୧୧(ପି.ଟି.)

ଶିଶୁ ପର୍ନୋଗ୍ରାଫିର ଭିଡିଓ ବ୍ୟବସାୟିକ ବ୍ୟବହାର ଲାଗି କିମ୍ବା ଅନ୍ୟ ଉଦ୍ଦେଶ୍ୟରେ ପାଖରେ ରଖିଲେ, ଏହାର ପ୍ରସାରଣ କଲେ କିମ୍ବା ବଣ୍ଟନ କଲେ ଏଥିପାଇଁ ସର୍ବାଧିକ ୫ ହଜାର ଟଙ୍କା ଜରିମାନା ସାଙ୍ଗକୁ ୫ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ । ଏଥିସହ ଏହାକୁ ଜାମିନବିହୀନ ଅପରାଧ ଭାବେ ବିବେଚନା କରାଯିବ। ଦ୍ୱିତୀୟ ଥର ଲାଗି ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହେଲେ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ମିଳିବ। ସରକାର ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ,୨୦୧୨ରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ହ୍ୱାଟ୍ସଆପରେ ଶିଶୁଙ୍କ ଅଶ୍ଳୀଳ ଫଟୋ କିମ୍ବା ଭିଡିଓ ରଖିବା ମଧ୍ୟ ଦଣ୍ଡନୀୟ ଅପରାଧ ଭାବେ ପରିଗଣିତ ହେବ। ଏହି ପ୍ରସ୍ତାବ ଆଇନ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ଅନୁମୋଦନ ଅପେକ୍ଷାରେ ରହିଛି। ଆସନ୍ତା ସପ୍ତାହ ସୁଦ୍ଧା ଏହାକୁ ମଞ୍ଜୁରୀ ମିଳିଯିବ ବୋଲି ଆଶା କରାଯାଉଥିବା ଏକ ସୂତ୍ରରୁ ଜଣାପଡିଛି। ଏହା ପରେ ଖୁବଶୀଘ୍ର ଉକ୍ତ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଲାଗି ଉପସ୍ଥାପନ କରାଯିବ। ଶିଶୁ ଯୌନ ଅପରାଧ ବୃଦ୍ଧି ପାଉଥିବାରୁ ଏହାକୁ ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଉଦ୍‌ବେଗ ପ୍ରକାଶ କରିଆସୁଛି। ଏହାକୁ ସଙ୍ଗୀନ ଅପରାଧ ଭାବେ ଗ୍ରହଣ କରିବା ଲାଗି ପଦକ୍ଷେପ ନେବାକୁ ପିଏମଓ ପରାମର୍ଶ ଦେଇଥିଲା। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ଶିଶୁ ପର୍ନୋଗ୍ରାଫି ଏବଂ ପ୍ରତିଶୋଧମୂଳକ ପର୍ନକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲାବେଳେ ଆଇନରେ ସଂଶୋଧନ ଆଣି ଏଭଳି ଅପରାଧକୁ ରୋକିବା ଲାଗି ପରାମର୍ଶ ଦେଇଥିଲେ। ପୋକ୍ସୋ ଆଇନର ଧାରା ୧୫ରେ ସଂଶୋଧନ ଲାଗି କେନ୍ଦ୍ର ସରକାର ବିଚାର କରୁଛନ୍ତି।




# ସଭାରେ ଖାରବେଳଙ୍କୁ ମାଡ଼

କାଶୀପୁର, ୨୪।୧୧(ଡି.ଏନ୍.ଏ)



ରାୟଗଡା ଜିଲା କାଶୀପୁର ବ୍ଲକ୍ ସଦର ମହକୁମାରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ପ୍ରଚାର ପାଇଁ କାଶୀପୁର ଆସିଥିବା 'ଉତ୍କଳ ଭାରତ' ସଭାପତି ଖାରବେଳ ସ୍ୱାଇଁଙ୍କୁ କେତେକ ଯୁବକ ମାଡ ମାରିଛନ୍ତି। ଏହି ଘଟଣାରେ ପୋଲିସ ସୁମନ୍ତ ନାଏକ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି ।

ଉତ୍କଳ ଭାରତ ଦଳ ମୁଖ୍ୟ ଖାରବେଳ କାଶୀପୁରରେ ଏକ ପଥ ସଭା କରୁଥିଲେ ।ସଭାରେ ବିଜେଡି ସରକାରଙ୍କ ଅପାରଗତା ଓ ଦୁର୍ନୀତି ବିରୋଧରେ ସେ କହୁଥିବାବେଳେ କେତେଜଣ ଯୁବକ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ସଭାରେ ଉପସ୍ଥିତ ଥିବା ପ୍ରତ୍ୟୁଷ ନାଏକ ମଧ୍ୟ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ସେମାନେ ଖାରବେଳ ଏବଂ ତାଙ୍କ ସହଯୋଗୀଙ୍କୁ ଗାଳିଗୁଲଜ କରିବା ସହ ବିଜେଡି ବିରୋଧରେ କିଛି କହିଲେ ହାଣି ଦେବୁ ବୋଲି ଧମକ ଦେଇଥିଲେ । ପରେ ସେ କାଶୀପୁରରୁ ୧୨କି.ମି ଦୂର ମାଣ୍ଡିବିଶି ନିକଟରେ ଲୁଚି ରହିଥିଲେ । ଏହାପରେ ଭୟଭୀତ ହୋଇ କାଶୀପୁର ଥାନାରେ ଏତଲା ନ ଦେଇ ରାୟଗଡା ଏସପିଙ୍କ ନିକଟରେ ଏତଲା ଦେବୁ ବୋଲି ଖାରବେଳ ପ୍ରକାଶ କରିଛନ୍ତି । ସଭା ପୂର୍ବରୁ ପୋଲିସକୁ ଜଣାଇଥିଲେ ମଧ୍ୟ ସେମାନେ କୌଣସି ସୁରକ୍ଷା ଦେଇ ନ ଥିବା ଖାରବେଳ କହିଛନ୍ତି। ଏହି ଆକ୍ରମଣକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ , ବିଜେଡି ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ପ୍ରମୁଖ ନିନ୍ଦା କରିଛନ୍ତି। ସେହିପରି ବିଜେଡି ପକ୍ଷରୁ ଏହି ଆକ୍ରମଣ କରାଯାଇ ନ ଥିବା ସ୍ପଷ୍ଟୋକ୍ତି ଦିଆଯାଇଛି।

■ ଖୋର୍ଦ୍ଧା ସହରରେ ମାତିଲେ ଦୁର୍ବୃତ୍ତ

# ୯ ଦୋକାନରୁ ଚୋରି

### ଶଟର ଭାଙ୍ଗି କେବଳ ଟଙ୍କା ଲୁଟିନେଲେ

ଖୋର୍ଦ୍ଧା ଅଫିସ,୨୪।୧୧




ଦୁର୍ବୃତ୍ତମାନେ ଶଟର ଭାଙ୍ଗି ଚୋରି କରିନେଇଛନ୍ତି।

ଖୋର୍ଦ୍ଧା ସହରରେ ଦୁର୍ବୃତ୍ତମାନେ ଶୁକ୍ରବାର ବିଳମ୍ବିତ ରାତିରେ ୯ଟି ଦୋକାନରୁ ଶଟର ଭାଙ୍ଗି ଟଙ୍କା ଚୋରି କରି ନେଇଛନ୍ତି। ଏହା ସାଧାରଣରେ ଭୟ ସଞ୍ଚାର କରିଛି। ୫୭ ନଂ. ଜାତୀୟ ରାଜପଥ ଓ ଖୋର୍ଦ୍ଧାର ମୁଖ୍ୟ ସଡ଼କ ପାର୍ଶ୍ୱରୁ ଚୋରି ହେବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ହପାଜତରେ ୯ଟି ଦୋକାନରୁ ଚୋରି ହେବା ପରେ ପୋଲିସର ପାଟ୍ରୋଲିଂ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଖୋର୍ଦ୍ଧା ଟାଉନ ଥାନାର ନୟାଗଡ ରୋଡରେ ଥିବା ଚଣ୍ଡିଚୁଆ ଛକର ମହାବୀର ଭେରାଇଟ୍ ଷ୍ଟୋର ଓ ସଙ୍କଟ ମୋଚନ ଅଲଟ୍ରା ସାଉଣ୍ଡ ଦୋକାନ, ପ୍ରାକ୍ଟିସ ସ୍କୁଲ ଛକର ମା' କୃପା ଭେରାଇଟ୍ ଷ୍ଟୋର ଓ ଡେଲିସିୟସ ଭେରାଇଟ୍ ଷ୍ଟୋର, ଶ୍ରୀବିହାର ଛକର ବିଜୟଲକ୍ଷ୍ମୀ ଭେରାଇଟ୍ ଷ୍ଟୋର, ମେଡିକାଲ ଛକର ସନ୍ତୋଷ ହାର୍ଡ ଓୟାର ଆଣ୍ଡ ଟୁଲସ୍ ଦୋକାନରୁ ଚୋରି ହୋଇଛି। ଅନ୍ୟପକ୍ଷରେ ଚଣ୍ଡିଚୁଆ ଛକର ମହାବୀର ଭେରାଇଟ୍ ଷ୍ଟୋର ପରି କିଛି ଦୋକାନରେ ଚୋରି ସମୟର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ମେଶିନ ବ୍ୟବହାର କରାଯାଇ ଶଟର କାଟି ଚୋରି ହୋଇଥିବା ପୋଲିସ ସନ୍ଦେହ କରୁଛି। ଚୋରି ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଟାଉନ୍ ଥାନା ଆଇଆଇସି ରଣଜିତ୍ ସାହୁ କହିଛନ୍ତି। ଚୋରି ନେଇ ଦୋକାନ ମାଲିକ ବିରଞ୍ଚି ନାରାୟଣ ସାହୁ, ସଙ୍ଗୀତ ରାୟ, ଆଲୋକ ରଞ୍ଜନ ସାହୁ, ସୁଶାନ୍ତ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟ ୫ଜଣ ଦୋକାନୀ ଚୋରି ସମ୍ପର୍କରେ ଅଭିଯୋଗ କରି ନ ଥିବା ସେ ସୂଚନା ଦେଇଛନ୍ତି।










■ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

# ଜଗାବଳିଆଙ୍କ ଚିକିତ୍ସା ଜାରି ରଖିବାକୁ ଅନୁରୋଧ

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ନୂଆଦିଲ୍ଲୀ ଏମ୍‌ସରେ ଜଗା ବଳିଆଙ୍କ ଚିକିତ୍ସା ଜାରି ରଖିବା ପାଇଁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଚିଠି ଲେଖିଛନ୍ତି। ଯଦିଓ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଛି ତଥାପି ବର୍ତ୍ତମାନ ସମୟରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ଠିକ୍ ନୁହେଁ ବୋଲି ଓଡ଼ିଶାରୁ ଯାଉଥିବା ଡାକ୍ତରୀ ଦଳଙ୍କ ମତ ରହିଛି। ତେଣୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ଯାଏ ଉଭୟଙ୍କୁ ଦିଲ୍ଲୀ ଏମ୍‌ସରେ ଚିକିତ୍ସା କରାଯାଉ ବୋଲି ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, କନ୍ଧମାଳ ଜିଲା ଫିରିଙ୍ଗିଆ ଅଞ୍ଚଳର ଜଗାବଳିଆଙ୍କ ଯୋଡ଼ାମୁଣ୍ଡ ଅସ୍ତ୍ରୋପଚାର ପରେ ଅଲଗା କରାଯାଇଛି। ବର୍ତ୍ତମାନ ଜଗା ହସ୍ପିଟାଲରେ ବେଡ୍‌ରୁ ଉଠି ବାହାରେ ବୁଲାବୁଲି କରୁଛି। କିଛିଦିନ ତଳେ ସେ ଏମ୍‌ସ ବାହାରକୁ ଯାଇ ଇଣ୍ଡିଆ ଗେଟ୍ ବୁଲିଥିଲା। ସେହିପରି ବଳିଆ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେଉଛି। ସେ ବର୍ତ୍ତମାନ ତରଳ ଖାଦ୍ୟ ଖାଉଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବିଶ୍ୱଜିତ୍
ପରିବାରବର୍ଗ


ସୁଭଦ୍ରା
ପରିବାରବର୍ଗ


ଯୋଗୀ
ପରିବାରବର୍ଗ


ଦୀପାଞ୍ଜଳୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଉଦାହରଣ ସୃଷ୍ଟି କଲେ ଲଖନାପଡ଼ା ଗ୍ରାମବାସୀ

# ପାହାଡ଼ କାଟି ତିଆରି କଲେ ରାସ୍ତା

ଉତ୍ତମ କୁମାର ଦାଶ
କୁନାଗଡ,୨୪।୧୧(ଡି.ଏନ.ଏ.)

ଦୀର୍ଘଦିନର ଦାବି କେବଳ ପ୍ରତିଶ୍ରୁତିରେ ରହିଲା । ଜିଲା ପ୍ରଶାସନ, ରାଜନୈତିକ ନେତୃବୃନ୍ଦ କେହି ଶୁଣିଲେ ନାହିଁ । ବଡ଼ ବଡ଼ ବାବୁମାନେ ଥରେ ଦୁଇ ଥର ଗାଁକୁ ଆସି କେବଳ ପ୍ରତିଶ୍ରୁତି ଦେଇ ଚାଲିଗଲେ । ଶେଷରେ ନିଷ୍ପତ୍ତି ନେଲେ ଗ୍ରାମବାସୀ । ନିଜ ଗାଁ ପାଇଁ ନିଜେ ତିଆରି ଆରମ୍ଭ କଲେ ରାସ୍ତା । କୋଦାଳ, ଶାବଳ ଧରି ପାହାଡ଼ କାଟିଲେ, ମାଟି ପକାଇ ରାସ୍ତା ସମତଳ କଲେ । ଗ୍ରାମବାସୀଙ୍କ ଏମିତି ଶ୍ରମଦାନରେ ଏବେ ତିଆରି ହୋଇସାରିଛି ପ୍ରାୟ ଦେଢ଼ କିଲୋମିଟର ରାସ୍ତା । ଆଉ ମାତ୍ର ଦେଢ଼ କିଲୋମିଟର ରାସ୍ତା କାମ ବାକି ଅଛି । ସେହି କାମରେ ଲାଗିଛନ୍ତି ସାରା ଗାଁ ଲୋକେ । ଏମିତି ଉଦାହରଣ ସୃଷ୍ଟି କରିଛନ୍ତି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁର୍ଗମ ଅଞ୍ଚଳ କୁହାଯାଉଥିବା ବୁଡିଦର ପଞ୍ଚାୟତ ଲଖନାପଡା ଗ୍ରାମବାସୀ ।

ଲଖନାପଡା ଗାଁ ଜୁନାଗଡ ବ୍ଲକ ଅଫିସଠାରୁ ୨୩ କି.ମି. ଦୂର । ବୁଡିଦର ପଞ୍ଚାୟତରୁ ୮ କି.ମି. । ଜନସଂଖ୍ୟା ୩ ଶହରୁ ଊର୍ଦ୍ଧ୍ୱ । ଗ୍ରାମର ପ୍ରାୟ ସମସ୍ତେ ଆଦିବାସୀ । ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ପୋଡୁଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଦୀର୍ଘଦିନ ହେବ ଗାଁକୁ ଯିବାକୁ ଭଲ ରାସ୍ତାଟିଏ ନ ଥିଲା । କେବଳ ଜଙ୍ଗଲ ରାସ୍ତା ସାହାଭରସା ଥିଲା । ଜଙ୍ଗଲ ରାସ୍ତାରେ ବି ବଡ ବଡ ପଥର ଚାଲି ଚାଲି ଯିବାକୁ ପ୍ରତିବନ୍ଧକ ସୃଷ୍ଟି କରୁଥିଲା । ଫଳରେ ଗ୍ରାମବାସୀ ଜୀବନକୁ ପାଣି ଛଡାଇ ସେହି ରାସ୍ତାରେ ଗର୍ଭବତୀ ଓ ଗୁରୁତର ରୋଗୀମାନଙ୍କୁ ଭାର, ଖଟରେ ବୋହି ୫ କି.ମି. ପର୍ଯ୍ୟନ୍ତ ଶଙ୍କରପଲା ଗାଁ ଯାଏ ଆଣିଥାନ୍ତି। ସେଠାରେ ଗାଡି କିମ୍ବା ଆମ୍ବୁଲାନ୍ସରେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥାନ୍ତି। ଖଟରେ କିମ୍ବା ଭାରରେ ବୋହି ନେବା ସମୟରେ ଅଧିକାଂଶ ଗୁରୁତର ରୋଗୀ ଅଧା ବାଟରେ ଆଖି ବୁଜି ଦେଉଥିବା ଗ୍ରାମବାସୀ କହିଛନ୍ତି। ପିଡିଏସ ସାମଗ୍ରୀ ଓ ଭତ୍ତା ନେବା ପାଇଁ ସ୍ଥାନୀୟ ହିତାଧିକାରୀ ୮ କି.ମି. ଦୂର ବୁଡିଦର ପଞ୍ଚାୟତ କାର୍ଯ୍ୟାଳୟକୁ ବହୁ କଷ୍ଟରେ ଆସିଥାନ୍ତି। ଗମନାଗମନରେ ଏପରି ଅସୁବିଧା ଦୂର ପାଇଁ ଲଖନାପଡାବାସୀ ପ୍ରଶାସନ ଓ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ହେଲେ କେବଳ ପ୍ରତିଶ୍ରୁତି ଛଡା ସେମାନଙ୍କୁ କିଛି ସୁଫଳ ମିଳି ନ ଥିଲା । ସମସ୍ତଙ୍କଠାରୁ ନିରାଶ ହେବା ପରେ ଗ୍ରାମବାସୀ ଏକ ଦୃଢ଼ ନିଷ୍ପତ୍ତି ନେଇଥିଲେ । ନିଜ ଗାଁ ପାଇଁ ନିଜେ ପାହାଡ କାଟି ରାସ୍ତା ତିଆରି କରିବାକୁ ଶପଥ ନେଲେ ।


ଲଖନାପଡାବାସୀ ପାହାଡକାଟି ରାସ୍ତା ତିଆରି କରୁଛନ୍ତି।

- **ଦେଢ କିଲୋମିଟର କାମ ସରିଲାଣି**
- **ଅବଶିଷ୍ଟ କାମ ଜାରି ରଖିଛନ୍ତି ଗାଁ ଲୋକେ**

ସପ୍ତାହରେ ୩ ଦିନ ଶନି, ରବି ଓ ସୋମବାର ସେମାନେ ରାସ୍ତା ତିଆରି କରୁଛନ୍ତି। ଏହି କାମରେ ଛୋଟରୁ ବଡଯାଏଁ ମହିଳା, ପୁରୁଷ ସମସ୍ତେ ସାମିଲ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ସେମାନେ ଡାଇନିଗୁଡାରୁ ଦେଢ କି.ମି. ଉପରକୁ ପାହାଡ କାଟି ରାସ୍ତା ତିଆରି କରି ସାରିଛନ୍ତି। ଅବଶିଷ୍ଟ ଦେଢ କି.ମି. ଲଖନାପଡା ଗାଁ ପର୍ଯ୍ୟନ୍ତ ରାସ୍ତା ତିଆରିରେ ଲାଗିପଡିଛନ୍ତି। ରାସ୍ତା ତିଆରି ଲାଗି ସମସ୍ତଙ୍କୁ ବହୁ କଷ୍ଟ କରିବାକୁ ପଡୁଛି । ତଥାପି ନିଜ ଗାଁ ପାଇଁ ରାସ୍ତା ତିଆରି ହେଉଥିବାରୁ ସମସ୍ତେ ଖୁବ୍ ଉତ୍ସାହିତ । ଏହି ଖବର ଜାଣିବା ପରେ ଶନିବାର ଆମ ଖବରଦାତା ୩ କି.ମି. ପାହାଡ ଉପରକୁ ଚାଲି ଚାଲି ଯାଇ ସେହି ଗ୍ରାମବାସୀଙ୍କୁ ଭେଟିଥିଲେ । ସମସ୍ତେ ରାସ୍ତା ନ ହେବା ପାଇଁ ପ୍ରଶାସନ ଓ ରାଜନେତାଙ୍କୁ ଦାୟୀ କରିଥିଲେ। ସ୍ଥାନୀୟ ୱାର୍ଡମେମ୍ବର ଜଟିଚନ୍ଦ୍ର ମାଝି, ଗ୍ରାମର ବରିଷ୍ଠ ବ୍ୟକ୍ତି ବଡ ମାଝି, ମାନିଆ ମାଝି, ବୁଢା ମାଝି ପ୍ରମୁଖ ଏହି ରାସ୍ତା ନିର୍ମାଣର ନେତୃତ୍ୱ ନେଇଥିବା ଗ୍ରାମବାସୀ କହିଥିଲେ। ଶ୍ରମଦାନ କରୁଥିବା ଲୋକମାନେ ନିଜ ପାଇଁ ରାସ୍ତା ତିଆରି କରୁଥିବାରୁ ଖୁବ୍ ଖୁସିଥିବା କହିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଦରବରେ ଲହର ପହର
ଛଡ଼ାଇ ଘେନିଲେ ଲାଜରେ ମର ।**

ପର ଲୋକର ପ୍ରଦତ୍ତ ବସ୍ତୁ ବା ପଦାର୍ଥକୁ ନିଜର ବୋଲି କହିବାର କିଛି ଜୋର ନ ଥାଏ। ଏପରି ଦାନସୂତ୍ରରେ ମିଳିଥିବା ଜିନିଷକୁ ନିଜର ବୋଲି ଦାବି କରି ଦାମ୍ଭିକତା ବା ବଡ଼ିମା ଦେଖାଉଥିବା ବ୍ୟକ୍ତିଙ୍କୁ ବେଳେ ବେଳେ ଏଥିପାଇଁ ଅପଦସ୍ଥ ହେବାକୁ ମଧ୍ୟ ପଡ଼ିଥାଏ। ତେଣୁ ପରଦ୍ରବ୍ୟକୁ ନିଜର ବୋଲି ଭାବି ବୃଥା ଗର୍ବ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପେଟରେ ଭୋକ, ମୁହଁରେ ଲାଜ
ସେ ଲାଜରେ କିସ କାର୍ଯ୍ୟ ?**

ଭୋକ ଲାଗୁଥିଲେ ଅଧିକ ଖାଦ୍ୟ ମଗାଇ ଖାଇବାରେ କୌଣସି ସଙ୍କୋଚ କରିବା ଉଚିତ ହୋଇ ନ ଥାଏ। ତେବେ ଲଜ୍ଜାବଶତଃ ଖାଇବାକୁ ନ ମାଗିଲେ ପେଟ ଆପୋଷା ରହିଯିବାର ସମ୍ଭାବନା ରହିଥାଏ। ମୁହଁ ନ ଖୋଲିଲେ କେହି ଯାଚିକରି ଦେଇଯିବା ସମ୍ଭବ ନୁହେଁ। ଏପରିସ୍ଥଳେ ବ୍ୟକ୍ତି ନିଜର ଆବଶ୍ୟକତାକୁ ଚାହିଁ ମୁହଁ ନ ଖୋଲିଲେ ଅସୁବିଧାରେ ପଡ଼ିଯିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# କୃଷ୍ଣଙ୍କ ଆବାହକତ୍ୱରେ ଡିସେମ୍ବର ୬ରେ ସମାବେଶ

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

କୋରାପୁଟ ବିଧାୟକ ପଦରୁ ଇସ୍ତଫା ଦେବା ପରେ କୃଷ୍ଣ ସଗରିଆଙ୍କୁ ନେଇ କଂଗ୍ରେସ ରାଜନୀତି ଜୋର ଧରିଛି। ଦଳର କେତେଜଣ ବରିଷ୍ଠ ନେତା କୃଷ୍ଣଙ୍କ ବିରୋଧରେ ଶୃଙ୍ଖଳା କମିଟି ବସାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମସୁଧା କରୁଛନ୍ତି। ଅପରପକ୍ଷରେ କୃଷ୍ଣଙ୍କ ସପକ୍ଷରେ ମତ ରଖି ଚର୍ଚ୍ଚାକୁ ଆସିଛନ୍ତି ପ୍ରଚାର କମିଟି ଅଧକ୍ଷ ଭକ୍ତ ଚରଣ ଦାସ। ସେ କହିଥିଲେ ଯେ, କୃଷ୍ଣ ଦଳ ବିରୋଧୀ କୌଣସି କାମ କରିନାହାନ୍ତି। ଏକ ମହତ୍ ଉଦ୍ଦେଶ୍ୟ ନେଇ ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି। ଏହା ସ୍ୱାଗତଯୋଗ୍ୟ ବିଷୟ। ପିସିସି ଏସ୍‌ସି ସେଲ୍ ୨୭ରେ ସମାବେଶ ଡାକରା ଦେଇଛି। ଅପରପକ୍ଷରେ ଏହାର କିଛିଦିନ ପରେ କୃଷ୍ଣଙ୍କ ଆବାହକତ୍ୱରେ ଆଉ ଏକ ସମ୍ମିଳନୀ ଡାକରା ଦିଆଯାଇଛି। ଏକ ଖବରଦାତା ସମ୍ମିଳନୀରେ ଶନିବାର କୃଷ୍ଣ କହିଛନ୍ତି ଯେ, ଆସନ୍ତା ଡିସେମ୍ବର ୬ରେ ସମ୍ବିଧାନ ସୁରକ୍ଷା ସମ୍ପର୍କରେ ଏକ ବୈଠକ କରାଯିବ। ଏଥିରେ ଏସ୍‌ସି,ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷାରେ ୪୦ ପ୍ରତିଶତ ସଂରକ୍ଷଣ, ପଛୁଆବର୍ଗଙ୍କୁ ୨୭% ଶିକ୍ଷା ଓ ନିଯୁକ୍ତିରେ ସଂରକ୍ଷଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ରାଜ୍ୟରେ ଥିବା ବହୁଜନଙ୍କୁ ରାଜନୈତିକ ଭାବେ ସୁସଙ୍ଗଠିତ କରିବା ପାଇଁ ଚେଷ୍ଟା କରାଯିବ। କଂଗ୍ରେସ ପକ୍ଷରୁ ୨୭ରେ ଆୟୋଜିତ ସଭାରେ ଯୋଗ ଦେବାରେ କୌଣସି ଅସୁବିଧା ନାହିଁ। ୨ ଡିସେମ୍ବରରେ ହେବାକୁ ଥିବା ସଭା ଏବଂ ଆଲୋଚନା ଚକ୍ରକୁ ସମସ୍ତଙ୍କୁ ସ୍ୱାଗତ କରୁଛି ବୋଲି କୃଷ୍ଣ କହିଛନ୍ତି। ସେହିପରି ଅକ୍ଷୟ ମଲିକ କହିଛନ୍ତି ଯେ, ୧୯୮୦ ମସିହା ପରେ ରାଜ୍ୟ ରାଜନୀତିକୁ ଅନୁଶୀଳନ କଲେ ଜଣାଯାଏ ଯେ, ରାଜ୍ୟରେ ଦୁଇଟି ପରିବାର ହିଁ କ୍ଷମତା କେନ୍ଦ୍ରରେ ରହିଛନ୍ତି। ଏବେ ସେହି ପରିବାର ପ୍ରାୟ ଏକାକାର। ତେଣୁ ଭୋଟ ଆମର, ଶାସନ ତାଙ୍କର ଚାଲିବ ନାହିଁ। ପରିବର୍ତ୍ତନର ସମୟ ଆସିଛି। ଭୋଟ ବହୁଜନଙ୍କର, ଶାସନ ବି ବହୁଜନର ହେବା ଉଚିତ ବୋଲି ଅକ୍ଷୟ କହିଛନ୍ତି।


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୨ | ୧୪.୪ |
| ଚାନ୍ଦବାଲି | ୨୯.୨ | ୧୫.୮ |
| କଟକ | --- | ୧୫.୫ |
| ପାରାଦ୍ୱୀପ | ୨୯.୪ | ୧୭.୯ |
| ଭୁବନେଶ୍ୱର | ୩୦.୫ | ୧୫.୦ |
| ଗୋପାଳପୁର | ୩୧.୬ | ୧୭.୫ |
| ପୁରୀ | ୩୦.୨ | ୧୮.୬ |
| ଅନୁଗୋଳ | ୨୯.୧ | ୧୨.୬ |
| ବାରିପଦା | ୨୭.୪ | ୧୪.୪ |
| ଝାରସୁଗୁଡ଼ା | ୨୯.୯ | ୧୨.୭ |
| କେନ୍ଦୁଝର | ୨୬.୩ | ୧୨.୪ |
| ସମ୍ବଲପୁର | ୩୦.୪ | ୧୩.୮ |
| ସୁନ୍ଦରଗଡ଼ | ୨୯.୦ | ୧୪.୦ |
| ହୀରାକୁଦ | ୨୯.୭ | ୧୩.୮ |
| ତାଳଚେର | ୩୩.୨ | ୧୩.୪ |
| ଭବାନୀପାଟଣା | ୩୦.୦ | ୧୨.୫ |
| ବଲାଙ୍ଗୀର | ୩୦.୩ | ୧୫.୦ |
| କୋରାପୁଟ | ୨୭.୬ | ୧୧.୦ |
| ଫୁଲବାଣୀ | ୨୬.୫ | ୮.୫ |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୩୦.୦ | --- |
| ସୋନପୁର | ୩୦.୨ | ୧୨.୮ |
| ଦାରିଙ୍ଗିବାଡ଼ି | ୨୯.୫ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାଶିର ଏକାଦଶାଧିପତି ଶନି ବାଧକାଧିପତି ଭାବରେ ଚନ୍ଦ୍ରଙ୍କ ପ୍ରତି ଦୃଷ୍ଟିଦେଇଥିବାରୁ ପରିବାରରେ ସନ୍ଦେହ ଓ ଭୁଲବୁଝାମଣା ସୃଷ୍ଟି କରିପାରନ୍ତି। ନୈରାଶ୍ୟର ଛାୟା ଆଚ୍ଛାଦିତ ମନ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡିବ। ଅଫିସରେ କୌଣସି ବିଷୟ ନେଇ ବୁଝାମଣାରେ ତିକ୍ତତା ସୃଷ୍ଟି ହୋଇପାରେ। ଅଶ୍ୱିନୀ ନକ୍ଷତ୍ରର ଆଲୋଚନା, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ ଦୂର ହୋଇପାରେ।

**ବୃଷ** ସ୍ୱସ୍ଥାନପାଳ ଶନି ସମସ୍ୟା ଓ ପ୍ରତିବନ୍ଧକ ସ୍ଥାନରେ ଧନ ଓ କାର୍ଯ୍ୟହାନିର କାରଣ ହୋଇପାରନ୍ତି। ସତର୍କତାର ସହ ମାପିଚୁପି କହୁଥିଲେ ମଧ୍ୟ କିଛି ନା କିଛି ଅଭିଯୋଗର କୈଫିୟତ ଦେବାକୁ ପଡିପାରେ। ଜମିଜମା, କଚେରି ମାମଲା, ଆଲୋଚନା ସଭା ଓ ଲେଖାପଢ଼ା ଦିଗରୁ ଉପକୃତ ହେବେ। ସନ୍ତାନଙ୍କ ବିଷୟ ଚିନ୍ତା କରି ମନ ଭଲ ଲାଗି ନ ପାରେ।

**ମିଥୁନ** ରାଶ୍ୟାଧିପ ତୃତୀୟ ଓ କର୍ମାଧିପଙ୍କ ସହ ରହିଥିବାରୁ ବନ୍ଧୁମାନଙ୍କ ସାହାଯ୍ୟରୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଜଣେ ଆତ୍ମୀୟଙ୍କ ସହଯୋଗ ଦ୍ୱାରା ଅର୍ଥଲାଭ ଓ ସମ୍ମାନ ସାଙ୍ଗକୁ ବାଲ୍ୟବନ୍ଧୁଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ରହିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ।

**କର୍କଟ** ଶୁକ୍ର ଓ ଶନି ରାଶ୍ୟାଧିପଙ୍କଠାରୁ ଷଡାଷ୍ଟକ ସ୍ଥିତିରେ ରହି ଆଜି ଅଫିସ୍ କାମରେ ଭାବପ୍ରବଣବଶତଃ ବିରକ୍ତିକର କଥା କହି ଅପଦସ୍ଥ କରାଇପାରେ। ପରକଥାରେ ପ୍ରଭାବିତ ଭୁଲ୍ ମାର୍ଗର ଅନୁସରଣ କରିପାରନ୍ତି। ଜମିଜମା କାରବାର, ସତ୍‌ସଙ୍ଗ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ସ୍ଥାପନ କରିପାରନ୍ତି।

**ସିଂହ** ରବିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ଚନ୍ଦ୍ରଙ୍କ ଉଜ୍ଜ୍ୱଳତା ବ୍ୟୟବୃଦ୍ଧି ଓ ଦୂରଯାତ୍ରା ପାଇଁ ମାର୍ଗ ସୁଗମ କରିବ। କିନ୍ତୁ ଶନିଙ୍କ ସମ୍ବନ୍ଧ ଜନିତ ମାନସିକ ଅବସାଦ ବଢ଼ିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ମାଲିମକଦ୍ଦମା କିମ୍ବା ବିବାଦୀୟ ଘଟଣାର କିମ୍ବା ବ୍ୟବସାୟରେ ସନ୍ତୋଷଜନକ ଫଳ ପାଇବେ।

**କନ୍ୟା** ରାଶିଠାରୁ ମଙ୍ଗଳ ଷଷ୍ଠ ସ୍ଥାନସ୍ଥ ହେତୁ ଦୈହିକ ସ୍ୱାସ୍ଥ୍ୟପାଇଁ କୌଣସି ପ୍ରତିକୂଳ ପ୍ରଭାବ ପଡିବ ନାହିଁ। ଭାଗ୍ୟସ୍ଥାନ ପ୍ରତି ଗ୍ରହମାନଙ୍କ ଦୃଷ୍ଟି କାରଣରୁ ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ ଏବଂ ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ।

**ତୁଳା** ରାଶିସ୍ଥ ଶୁକ୍ର ଦୈହିକ ସୁସ୍ଥତା ସାଙ୍ଗକୁ ବିଳାସବ୍ୟସନ ମଧ୍ୟରେ ଦିନଟିକୁ ଅତିବାହିତ କରିବେ। ହସ୍ତା ନକ୍ଷତ୍ର ସକାଶେ ସକାଳୁ ସକାଳୁ ଧାର, କରଜ କିମ୍ବା ପୂର୍ବ ଶତ୍ରୁତା ସାମୟିକ ଆଲୋଚନାର କେନ୍ଦ୍ରବିନ୍ଦୁ ହେବାର ସୂଚନା ରହିଛି। ପରିବାର ଭିତରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ। ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**ବିଛା** ଉଚ୍ଚସ୍ଥ ଚନ୍ଦ୍ର ରାଶିକୁ ପ୍ରଭାବିତ କରୁଥିବାରୁ ବିଭିନ୍ନ ପ୍ରକାରର କଳ୍ପନାଜଳ୍ପନା ମନରେ ଆଲୋଡ଼ନ ସୃଷ୍ଟି କରିବ। ଦୀର୍ଘ ସମୟର କାର୍ଯ୍ୟବ୍ୟସ୍ତତା ହେତୁ କ୍ଳାନ୍ତି ଓ ଅବସାଦ ଅନୁଭବ କରିପାରନ୍ତି। ନୂତନ କର୍ମାରମ୍ଭ, ସେବା ଓ ପରୋପକାର ହେତୁ ସାମାଜିକ ପ୍ରତିଷ୍ଠା ବଢ଼ିବ। କୌଣସି ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଓ ଆତ୍ମୀୟତାରେ ଉତ୍ଫୁଲ୍ଲିତ ହୋଇପାରନ୍ତି।

**ଧନୁ** ଆଜିର ଗ୍ରହସ୍ଥିତିର ପ୍ରଭାବରେ ଆପଣଙ୍କ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ଉତ୍ତରାଷାଢ଼ା ନକ୍ଷତ୍ର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କରି କେତେକାଂଶରେ ଉପକୃତ ହେବେ। ଦୀର୍ଘ ଦିନର ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**ମକର** ଗ୍ରହସ୍ଥିତିର ଅନୁକୂଳତା ଆପଣଙ୍କୁ କୌଣସି ନୂତନ କର୍ମରେ ଉତ୍ସାହିତ କରିବ। କର୍ମକ୍ଷେତ୍ରରେ ପୃଷ୍ଠ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବାର ଆଶା ରହିଛି। ଫେରନ୍ତା ବାଟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ବିବାଦୀୟ ଘଟଣାରେ ବନ୍ଧୁଙ୍କ ମଧ୍ୟସ୍ଥତା ଭଲ କାମ ଦେବ ଓ ମାମଲା ଫଇସଲା ହୋଇଯିବ।

**କୁମ୍ଭ** ଲକ୍ଷ୍ୟପୂରଣ ହେବା ସହ ଆଜି ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲି ପାରିବେ ନାହିଁ। ଘର ସାଜସଜ୍ଜାରେ, ନିର୍ମାଣରେ, ଆନୁଷ୍ଠାନିକ କାମରେ, ନୃତ୍ୟ ଓ ସଙ୍ଗୀତରେ ମଜ୍ଜି ରହିପାରନ୍ତି। ଆର୍ଥିକ ଦିଗ ଭଲ ରହିବ ଓ କୌଣସି ଜନହିତକର କାମରେ ତାହାକୁ ବିନିଯୋଗ କରିବା ପାଇଁ ଚିନ୍ତା କରିବେ। ପ୍ରତ୍ୟେକ କ୍ଷେତ୍ରରେ ଶତଭିଷା ନକ୍ଷତ୍ର ସତର୍କ ରହି କାମ କରିବା ଭଲ ହେବ।

**ମୀନ** ପ୍ରତ୍ୟେକ କର୍ମ, ବନ୍ଧୁଙ୍କ ସହ ଆଲୋଚନା, ଯାତ୍ରା, ବ୍ୟବସାୟ ପ୍ରଭୃତିରେ ଶୁଭଫଳ ପାଇବେ। କିନ୍ତୁ ପାରିବାରିକ ଦିଗରୁ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ସମାଲୋଚିତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

ଆଜି ମାର୍ଗଶିର କୃଷ୍ଣ ପ୍ରତିପଦାଯୁକ୍ତ ଦ୍ୱିତୀୟା ରବିବାର, ନଭେମ୍ବର ୨୫ ତାରିଖ, ଅନ୍ତର୍ଜାତୀୟ ମହିଳା ହିଂସା ବିରୋଧୀ ଦିବସ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଘ୨ ।୩୦ମି. ଗତେ ଆର୍ଦ୍ରା ନକ୍ଷତ୍ର, ମେଷ ରାଶିର ଘାତବାର, ଦିବା ଘ୭ ।୩୨ମି. ଗତେ ଘ୮ ।୫୬ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୫୬ମି. ଗତେ ଘ୧୦ ।୨୦ମି. ମଧ୍ୟେ, ଘ୧ ।୦୮ମି. ଗତେ ଘ୨ ।୩୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩ ।୪୦ମି. ଗତେ ଘ୫ ।୦୨ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ନିରପେକ୍ଷ ତଦନ୍ତ...

ଶାଳ ଓ ପିଆଶାଳ ଗଛ କାଟି ଭୂମିରେ ମିଶାଇ ଦିଆଗଲା। ତାକୁ ବିରୋଧ କରି ଶନିବାର ବିଧାନସଭାରେ ବିରୋଧୀ ଦଳ ମୁଲତବୀ ପ୍ରସ୍ତାବ ଆଣିଥିଲେ। ଏହି ପ୍ରସ୍ତାବକୁ ସମର୍ଥନ କରି ବିରୋଧୀ ଦଳ ନେତା ନରସିଂହ ମିଶ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ମନ୍ତ୍ରୀ ଗୃହକୁ ବିଭ୍ରାନ୍ତ କରୁଛନ୍ତି। ମୁଁ ନିଜେ ଗଛ କଟା ଅଞ୍ଚଳକୁ ଯାଇଥିଲି। ସେଠାକାର ମହିଳା ଓ ପୁରୁଷ ଲୋକଙ୍କ ସହ ଆଲୋଚନା କରିଥିଲି। ଜଙ୍ଗଲ ଅଧିକାରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରିଛି। ଗୋଚର ଜମିକୁ ଚଞ୍ଚକତା କରି ଅନାବାଦୀ କିସମକୁ ପରିବର୍ତ୍ତନ କରାଯାଇଛି। ଯେଉଁଠି ବିୟର ଫ୍ୟାକ୍ଟ୍ରି ସ୍ଥାପନ କରିବାକୁ ଅନୁମତି ଦିଆଯାଇଛି ସେଠାରେ ବୃହତ୍‌କାୟ ଶାଳ ଓ ପିଆଶାଳ ଗଛ ରହିଥିଲା। ସ୍ଥାନୀୟ ଲୋକମାନେ ରକ୍ଷଣାବେକ୍ଷଣ କରୁଥିଲେ। ଚଞ୍ଚକତା କରି ପ୍ରାୟ ୧ ହଜାର ଗଛ କାଟି ଦିଆଯାଇଛି। ଢେଙ୍କାନାଳ ଜିଲାରେ ପ୍ରଦୂଷଣ ମାତ୍ରା ସର୍ବାଧିକ। ପ୍ରଦୂଷଣରୁ ବଞ୍ଚିବା ପାଇଁ ଜଙ୍ଗଲ ଏକମାତ୍ର ମାଧ୍ୟମ। ଜଙ୍ଗଲ ବିନା ଜୀବଜଗତ ଅସମ୍ଭବ। ଗଛ ଥିବା ଜାଣି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିପରି ଅନୁମତି ଦେଲା ବୋଲି ନରସିଂହ ପ୍ରଶ୍ନ ଉଠାଇଛନ୍ତି। ଜଙ୍ଗଲ ବିଭାଗ ଅନୁମତି ବିନା ଏହା କେବେ ସମ୍ଭବ ହେବ ନାହିଁ। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବା ସହ ଗଛର କ୍ଷତିପୂରଣ ଦିଆଯାଉ। ଦୋଷୀ ଅଧିକାରୀଙ୍କ ଦରମାରୁ ଏହି କ୍ଷତି ଭରଣା କରାଯାଉ। କଟା ଯାଇଥିବା ସ୍ଥାନରେ ନୂତନ ଜଙ୍ଗଲ ପାଇଁ ବୃକ୍ଷରୋପଣ କରିବା ସହ ସ୍ଥାନୀୟ ଲୋକଙ୍କ ବିରୋଧରେ ହୋଇଥିବା ଆପରାଧିକ ମାମଲାକୁ ତୁରନ୍ତ ହଟାଇବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଲତବୀ ଆଲୋଚନାରେ ଅଂଶଗ୍ରହଣ କରି ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ କହିଲେ, ଗଛକଟା ସରିବା ପରେ କଟା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଗଲା। ସେହି ଜମିରେ ବିୟର ଫ୍ୟାକ୍ଟ୍ରି କରିବାକୁ କାହାର ଚାପ ଥିଲା। କେଉଁ ଆଧାରରେ ସେହି ଜମି ଦିଆଗଲା। ଜଙ୍ଗଲ ଓ ପରିବେଶ ସଚିବ ଏ ବିଷୟରେ ଜଣାଇବା ଦରକାର। ଯେଉଁ ଜମି ଦିଆଗଲା ତାହା ହାତୀ ଚଲାପଥ ଭାବେ ଘୋଷଣା କରାଯାଇଛି। ରାଜନୈତିକ ଶକ୍ତିକୁ ହାତବାରିଶ କରି ସେହି ଗଛ କଟାଯାଇଛି। ସରକାରଙ୍କ ଅଗୋଚରରେ ଏପରି କରିବା ଅସମ୍ଭବ। ଗଛ କଟା ନିଷ୍ପତ୍ତିରେ ଆର୍‌ଡିସି ପକ୍ଷ ଅଛନ୍ତି। ତାଙ୍କ ଦ୍ୱାରା ତଦନ୍ତ ଆଦୌ ନିରପେକ୍ଷ ହେବ ନାହିଁ। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ହେବା ଦରକାର ବୋଲି କନକବର୍ଦ୍ଧନ ଦାବି କରିଛନ୍ତି। ସେହି ଜଙ୍ଗଲ ବଞ୍ଚାଇବାକୁ ୧୧ଟି ଗାଁର ଲୋକ ଏକାଠି ହୋଇ ବିରୋଧ କରିଥିଲେ। ଏନ୍‌ଜିଟି ନିର୍ଦ୍ଦେଶ ପୂର୍ବରୁ ଗଛଗୁଡ଼ିକୁ ଗଡ଼ାଇ ଦିଆଗଲା। ଏହି ଗଛ କଟା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ହୋଇଛି, ଏଥିରେ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସାମିଲ ଅଛନ୍ତି ବୋଲି ସେ ଗୁରୁତର ଅଭିଯୋଗ କରିଥିଲେ। ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ କହିଲେ ସରକାର ଡାହାଣୀ ହୋଇ ଲାଗୁଛନ୍ତି, ଗୁଣିଆ ହୋଇ ଝାଡୁଛନ୍ତି। ଏ ରାଜ୍ୟରେ ମନ୍ତ୍ରୀ, ସଚିବ ଅସହାୟ। ହାତ ଟେକି ଦେଉଛନ୍ତି। ଏହା ପଛରେ ଷଡ଼ଯନ୍ତ୍ର ହୋଇଛି। ଜଙ୍ଗଲ ବିଭାଗ ସୁରକ୍ଷା ବଦଳରେ ଟ୍ରକ୍ ଟ୍ରକ୍ ଗଛ କାଟି ପଠାଇ ଦେଉଛି। ରାତାରାତି ଜମି କିସମ ପରିବର୍ତ୍ତନ କରାଗଲା। ମଦ ଫ୍ୟାକ୍ଟ୍ରି ପ୍ରତି କାହାର ଦରଦ ହେଲା। ଗଛ ସୁରକ୍ଷା କରିବାକୁ ଆସିଥିବା ମାଆ ମାଉସୀଙ୍କୁ ଅସମ୍ମାନ କରାଗଲା। ଏକ ନିରପେକ୍ଷ ତଦନ୍ତ କରାଯାଉ। ଯେଉଁ ଅଧିକାରୀ କିସମ ପରିବର୍ତ୍ତନ କରିଛନ୍ତି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ମୁଲତବୀ ଆଲୋଚନାରେ କଂଗ୍ରେସ ସଭ୍ୟ କୈଳାସ ଚନ୍ଦ୍ର କୁଲେସିକା ଗଛ କଟାକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ଅମର ଶତପଥୀ, ସରୋଜ ସାମଲ, ବ୍ରଜକିଶୋର ପ୍ରଧାନ ଏବଂ ଦିବ୍ୟଶଙ୍କର ମିଶ୍ର ବିୟର ଫ୍ୟାକ୍ଟ୍ରିକୁ ଜଙ୍ଗଲ ଜମି ନୁହେଁ ପତିତ ଜମି ଦିଆଯାଇଥିଲା ବୋଲି ମନ୍ତ୍ରୀଙ୍କ ସପକ୍ଷରେ ଓକିଲାତି କରିଥିଲେ।

ମୁଲତବୀ ଆଲୋଚନା ଶେଷରେ ବିରୋଧୀଙ୍କ ଅଭିଯୋଗର ଜବାବ ଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ନିଜକୁ ଦୋଷମୁକ୍ତ କରିବାକୁ ଚେଷ୍ଟା କରିଥିଲେ । ସେ କହିଥିଲେ ଯେ, ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ଅଧୀନ ବଳରାମପୁର ମୌଜାରୁ ୬୨.୬୯ ଏକର ଜମି ଇଡ୍‌କୋ ନେଇ ଶିଳ୍ପାଞ୍ଚଳ କରିଛି। ସେଥିରୁ ୧୨.୦୫ ଏକର ଜମି ପି ଆଣ୍ଡ ଏ ବଟଲର ପ୍ରାଇଭେଟ ଲିମିଟେଡକୁ ମୃଦୁପାନୀୟ ପ୍ଲାଣ୍ଟ କରିବାକୁ ଇଡ୍‌କୋ ଅନୁମତି ଦେଇଛି। ତେବେ ସେହି ଜମି ସବୁ ଜଙ୍ଗଲ କିସମ ନୁହେଁ ତାହା ପତିତ। ଉକ୍ତ ଜମିରେ ଗଛ ଗଣତି ପାଇଁ ଓଡ଼ାପଡ଼ା ତହସିଲଦାର ଢେଙ୍କାନାଳ ବନଖଣ୍ଡ ଅଧିକାରୀଙ୍କୁ ମିଳିତ ତଦନ୍ତ କରିବାକୁ ୨୦୧୮ ମାର୍ଚ୍ଚ ୨୦ ତାରିଖରେ ଅନୁରୋଧ କରିଥିଲେ। ଓଡ଼ାପଡ଼ା ରାଜସ୍ୱ ସୁପରଭାଇଜର, ଗଦାଶିଳା ବନପାଳ, ଆରଆଇ ଏବଂ ଢେଙ୍କାନାଳ ରେଞ୍ଜ ଅଫିସରଙ୍କ ଉପସ୍ଥିତିରେ ଗଛ ଗଣାଯାଇଥିଲା। ଆଉ ୧୦.୫୯ ଏକର ଜମିରେ ସମୁଦାୟ ୯୫୬ ଛୋଟ ଓ ବଡ଼ଗଛ ଥିଲା ବୋଲି ଜଣାପଡ଼ିଥିଲା। ଇଡ୍‌କୋ ଶିଳ୍ପାଞ୍ଚଳ ହୋଇଥିବାରୁ ୨୦୧୮ ଅଗଷ୍ଟ ୨୪ ତାରିଖରେ ଡିଏଫ୍‌ଓ ଗଛ କାଟିବାକୁ ଅନୁମତି ଦେଇଥିଲେ। ରାଜ୍ୟ ସରକାର ଗଛକଟା ବନ୍ଦ କରିବା ସହ ଏହାର ଆରଡିସି ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ମନ୍ତ୍ରୀଙ୍କ ଉତ୍ତରରେ ବିରୋଧୀ ଦଳ ସଦସ୍ୟମାନେ ସନ୍ତୁଷ୍ଟ ହୋଇ ନ ଥିଲେ।

## ମେରି କମ୍‌ଙ୍କୁ...

ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବିନା ବ୍ରେକ୍‌ରେ ହରାଇ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ସେ ଏହି ଟୁର୍ନାମେଣ୍ଟରେ ୬ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ହାସଲ କରିପାରିଛନ୍ତି। ପରେ ଅନୁଷ୍ଠିତ ୫୭କେଜି ବର୍ଗ ଫାଇନାଲରେ ଜର୍ମାନୀର ୱାହନର ଓର୍ନେଲା ଗାବ୍ରିଲେଙ୍କଠାରୁ ପରାଜିତ ହୋଇ ଭାରତର ସୋନିଆ ଚହଲ ରୌପ୍ୟ ପଦକ ଲାଭ କରିଛନ୍ତି।

ଶନିବାର ସ୍ୱର୍ଣ୍ଣ ଜିତିବା ଦ୍ୱାରା ମେରି କମ୍ ଏବଂ କ୍ୟୁବାର ପୁରୁଷ କିମ୍ବଦନ୍ତୀ ଫେଲିକ୍ସ ସାଭନ (ମହିଳା ଓ ପୁରୁଷ)ଙ୍କୁ ବିଶ୍ୱ ଚାମ୍ପିୟନଶିପ୍ ଇତିହାସର ସବୁଠାରୁ ସଫଳ ବକ୍ସର ବିବେଚନା କରାଯାଉଛି। ମେରି କମ୍ ଶେଷଥର ୨୦୧୦ରେ ବାର୍ବାଡୋସର ବ୍ରିଜଟାଉନ୍‌ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପଦକ ଜିତିଥିଲେ। ଏହି ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ମେରି କମ୍ ଅଧିକ ପଦକ ଜିତିବାରେ ଆୟର୍ଲାଣ୍ଡର କେଟି ଟେଲର (୫ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ) ଙ୍କ ସମକକ୍ଷ ଥିଲେ। ୩ଟି ସନ୍ତାନର ଜନନୀ ମଣିପୁରର ମେରି କମ୍ ୨୦୦୧ ଉଦ୍‌ଘାଟନୀ ସଂସ୍କରଣରେ ରୌପ୍ୟ ଜିତିବା ପରେ ଆଉ ପଛକୁ ଫେରି ଚାହିଁନାହାନ୍ତି। ପରବର୍ତ୍ତୀ ୫ଟି ସଂସ୍କରଣ ୨୦୦୨, ୨୦୦୫, ୨୦୦୬, ୨୦୦୮ ଓ ୨୦୧୦ରେ କ୍ରମାଗତ ସ୍ୱର୍ଣ୍ଣ ପଦକ ଜିତି ଆସିଥିଲେ। ଅନ୍ୟପକ୍ଷରେ ସାଭନ ତାଙ୍କ ଉଜ୍ଜ୍ୱଳ କ୍ୟାରିୟରରେ ତିନୋଟି ଅଲିମ୍ପିକ ସ୍ୱର୍ଣ୍ଣ ବ୍ୟତୀତ ବିଶ୍ୱ ଚାମ୍ପିୟନଶିପ୍‌ରେ ୧୯୮୬ ଓ ୧୯୮୯ ମଧ୍ୟରେ ୬ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ଲାଭ କରିଥିଲେ। ମେରି କମ୍‌ଙ୍କ ବାଉଟ୍ ଦେଖିବା ଲାଗି ଷ୍ଟାଡିୟମରେ ଭରପୂର ଦର୍ଶକ ଉପସ୍ଥିତ ଥିଲେ। ଲଢେଇ ଜିତିବା ପରେ ସାମାନ୍ୟ ଭାବପ୍ରବଣ ହୋଇ ପଡ଼ିଥିବା ଏହି ଭାରତୀୟ ବକ୍ସର ତାଙ୍କ ସମର୍ଥକଙ୍କୁ ଧନ୍ୟବାଦ ଜଣାଇଥିଲେ। ଅଲିମ୍ପିକ ଗେମ୍ସରେ ୪୮ କେଜି କାଟେଗୋରି ନାହିଁ। ଆପଣମାନଙ୍କ ଭଲ ପାଇବା ଓ ସମର୍ଥନ ପାଇ ମୁଁ ୨୦୨୦ ଟୋକିଓ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିପାରିବି ଏହା ମୋର ଦୃଢ ଆଶା ରହିଛି ବୋଲି କହିଥିଲେ। ଟୋକିଓରେ ମୋତେ ୫୧କେଜି ଶ୍ରେଣୀରେ ଅଂଶଗ୍ରହଣ କରିବାକୁ ପଡ଼ିବ। ଏଥିରେ ସ୍ୱର୍ଣ୍ଣ ଜିତିବା ମୋ ପାଇଁ ସହଜ ହେବ ନାହିଁ ବୋଲି ମୁଁ ଜାଣେ। ତଥାପି ମୁଁ ସଫଳ ହେବା ଲାଗି ଆଶା ରଖିଛି ବୋଲି ମେରି କମ୍ କହିଛନ୍ତି।

## କେନାଲକୁ...



ସହାୟତାରେ ବସ୍‌କୁ ଟାଣି ଉପରକୁ ଆଣିବାକୁ ଚେଷ୍ଟା କରି ବିଫଳ ହେବାରୁ କ୍ରେନର ସହାୟତା ନିଆଯାଇଥିଲା। କର୍ଣାଟକ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୃତକଙ୍କ ପରିବାର ଲାଗି ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ଧରିତ୍ରୀ DHARITRI
ରବିବାର, ନଭେମ୍ବର ୨୫, ୨୦୧୮



# ୫ ଦିନରେ ସରିଲା ଶୀତ ଅଧିବେଶନ

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)



■ ୧୮ଟି କାର୍ଯ୍ୟଦିବସ କମିଲା
■ ବିରୋଧୀଙ୍କ ସମାଲୋଚନା

ଚଳିତ ବର୍ଷ ଶୀତ ଅଧିବେଶନ ମାତ୍ର ୫ଟି କାର୍ଯ୍ୟ ଦିବସ ପରେ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ଘୋଷିତ ହୋଇଛି। ଧାର୍ଯ୍ୟ ସମୟରୁ ୧୮ କାର୍ଯ୍ୟଦିବସ ଆଗରୁ ଶନିବାର ବିଧାନସଭାକୁ ବନ୍ଦ କରାଯାଇଛି। ଏହାକୁ ନେଇ ବିରୋଧୀ କଂଗ୍ରେସ ଏବଂ ଭାଜପା ସଭ୍ୟ ପ୍ରଶ୍ନ ଉଠାଇଛନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ନ ଥିବାରୁ ଗୃହକୁ ବନ୍ଦ କରିଦେବା ଯଥାର୍ଥ ବୋଲି ଶାସକ ଦଳ ପକ୍ଷରୁ କୁହାଯାଇଛି। ଶାସକ ଦଳ ସଭ୍ୟ ମହେଶ ସାହୁ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନ ଥିବାରୁ ବିଧାନସଭାକୁ ବନ୍ଦ କରିବା ପାଇଁ କହିଥିଲେ। ଏହାକୁ ସଭ୍ୟ ଅଶ୍ୱିନୀ ପାତ୍ର ସମର୍ଥନ କରିବା ସହ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରସ୍ତାବ ଆଣିବା ପାଇଁ ଶାସକ ଦଳର ମୁଖ୍ୟ ସଚେତକଙ୍କୁ ଅନୁରୋଧ କରିଥିଲେ। ଶାସକ ଦଳର ମୁଖ୍ୟ ସଚେତକ ଅମର ଶତପଥୀ ଗୃହର କାର୍ଯ୍ୟ ଦିବସକୁ ୧୮ ଦିନ କମାଇବା ପାଇଁ ପ୍ରସ୍ତାବ ଦେଇଥିଲେ, ଯାହାକି ବାଚନିକ ଭାବେ ଅନୁମୋଦନ ଲାଭ କରିଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚଳିତ ଅଧିବେଶନରେ ସର୍ବସମ୍ମତିକ୍ରମେ ମହିଳାଙ୍କ ପାଇଁ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ସଂକଳ୍ପ ଗୃହୀତ କରାଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଗୃହ କାର୍ଯ୍ୟରେ ସହଯୋଗ କରିଥିବାରୁ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ। ସେହିପରି ଗୃହ କାର୍ଯ୍ୟ ପରିଚାଳନାକୁ ସୁଚାରୁରୂପେ ସମ୍ପାଦନରେ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ଦେବା ସମୟରେ ଗୃହରେ ଉପସ୍ଥିତ ଭାଜପା ସଭ୍ୟମାନେ ଆଗୁଆ ବିଧାନସଭା ବନ୍ଦକୁ ବିରୋଧ କରି କକ୍ଷତ୍ୟାଗ କରିଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ୫ ଦିନ ଗୃହ କାର୍ଯ୍ୟ ଚାଲିଥିବାବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଏହା ସତ ଯେ ଆହୁରି ଅଧିକ ଆଲୋଚନା ହୋଇପାରିଥାନ୍ତା। ନୂତନ ବର୍ଷ ଆସୁଥିବାରୁ ସମସ୍ତଙ୍କୁ ଆଗୁଆ ଶୁଭକାମନା। ଗୃହ କାର୍ଯ୍ୟରେ ନିୟୋଜିତ ସମସ୍ତଙ୍କୁ ବିରୋଧୀ ଦଳ ନେତା ଧନ୍ୟବାଦ ଦେଇଛନ୍ତି। ଏହା ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ବୋଲାଯାଇଥିଲା। ଗୃହରେ ଉପସ୍ଥିତ ସମସ୍ତ ସଭ୍ୟ, ସୁରକ୍ଷା କର୍ମୀ, ସରକାରୀ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ନିଜ ଆସନରେ ଛିଡା ହୋଇ ଏହାକୁ ସମ୍ମାନ ଜଣାଇଥିଲେ। ଏହା ପରେ ବିରୋଧୀ ଦଳ ନେତା ମିଶ୍ର ନିଜ ଆସନରୁ ଉଠି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଆସି କରମର୍ଦ୍ଦନ କରିଥିଲେ। ହେଲେ ବିଧାନସଭା ଅଧିବେଶନକୁ ଧାର୍ଯ୍ୟ ସମୟ ଆଗରୁ ବନ୍ଦ କରାଯିବାକୁ ବିରୋଧୀ ଦଳ ନେତା ନାପସନ୍ଦ କରିଛନ୍ତି। ସରକାର ଆଗୁଆ ଗୃହ ବନ୍ଦ କରିଥିବାରୁ ରବି ନାଏକ ଗୃହ ବାହାରେ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ମରୁଡି, ତିତ୍‌ଲି, ଚାଷୀ ଆତ୍ମହତ୍ୟା, ବ୍ରହ୍ମ ବିଭ୍ରାଟ, କେନ୍ଦ୍ର ଅବହେଳା ରାଜନୀତି, ଅମଲାତନ୍ତ୍ର ହସ୍ତକ୍ଷେପ ପରି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଆଲୋଚନା ହେବାକୁ ଥିଲା। ବିରୋଧୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅନେକ ପ୍ରସ୍ତାବକୁ ମଧ୍ୟ ଗ୍ରହଣ କରାଯାଇ ନ ଥିଲା। ଆଗକୁ ନିର୍ବାଚନ ଥିବାରୁ ବିଜେଡି ସରକାର ପବିତ୍ର ଗୃହକୁ ସମ୍ମୁଖୀନ ହେବା ପାଇଁ ଡରୁଥିବା ରବି କହିଛନ୍ତି।

ଚଳିତ ଅଧିବେଶନ ୧୬ ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ ୪ଟି ସରକାରୀ କାର୍ଯ୍ୟ ଦିବସ ରହିଥିବାବେଳେ ୫ଟି ଶୋକ ପ୍ରସ୍ତାବ ଆସିଥିଲା। ଅଧିବେଶନରେ ଗ୍ରହଣ ହୋଇଥିବା ୩୭୪ଟି ତାରକା ଚିହ୍ନିତ ପ୍ରଶ୍ନ ମଧ୍ୟରୁ ମାତ୍ର ୬ଟି ମୌଖିକ ଉତ୍ତର ଦିଆଯାଇଛି। ସେହିପରି ୫୫୦ଟି ଅଣତାରକା ପ୍ରଶ୍ନର ନୋଟିସ ଗ୍ରହଣ କରାଯାଇ ୬୮୩ଟି ଉତ୍ତର ପ୍ରଦାନ କରାଯାଇଥିଲା। ୫ଟି ମୁଲତବୀ ପ୍ରସ୍ତାବ ନୋଟିସ ଗ୍ରହଣ କରାଯାଇ ୨ଟି ଆଲୋଚନା ହୋଇଥିଲା। ୮ଟି ଦୃଷ୍ଟି ଆକର୍ଷଣକାରୀ ନୋଟିସ, ୧୧୭ଟି କାଗଜ ଉପସ୍ଥାପନ, ୪ଟି ବାର୍ଷିକ ରିପୋର୍ଟ, ୨ଟି କମିଟି ରିପୋର୍ଟ ଏବଂ ଗୋଟିଏ ସଂକଳ୍ପ ଗୃହୀତ ହୋଇଛି।

## ୩୬ ହୋଟେଲ ଶିଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ରାଜ୍ୟରେ ହୋଟେଲ ଶିଳ୍ପର ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ ନୀତି-୨୦୧୩ ଏବଂ ୨୦୧୬ ଅନୁଯାୟୀ ତ୍ରିସ୍ତରୀୟ ସିଙ୍ଗଲୱିଣ୍ଡୋ କମିଟି ଗଠନ କରାଯାଇଛି। ଏହା ମାଧ୍ୟମରେ ୩୬ଟି ହୋଟେଲ ସ୍ଥାପନ ପାଇଁ ଅନୁମୋଦନ ଦିଆଯାଇଛି। ହୋଟେଲ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ କାହାରିକୁ ଜମି ଦିଆଯାଇନାହିଁ। ହୋଟେଲ ଶିଳ୍ପ ପାଇଁ ସାଧାରଣ ପ୍ରଶାସନ ବିଭାଗ, ବିଡ଼ିଏ ଏବଂ ଜିଲାପାଳ ଜମି ଯୋଗାଉଛନ୍ତି। ଇଡ୍‌କୋ ବିଭିନ୍ନ ଶିଳ୍ପାଞ୍ଚଳରେ ୭୭ଟି ହୋଟେଲ ପାଇଁ ଜମି ପ୍ରଦାନ କରିଛି। ସେଥିରୁ ୧୪ଟି ସଂସ୍ଥା ହୋଟେଲ ପ୍ରତିଷ୍ଠା କରିନାହାନ୍ତି। ହୋଟେଲ ନିର୍ମାଣ ଶେଷ କରିବାକୁ ପର୍ଯ୍ୟଟନ ବିଭାଗ ସେମାନଙ୍କ ସହ ନିୟମିତ ଯୋଗାଯୋଗ କରୁଛି। ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କଂଗ୍ରେସ ସଭ୍ୟ ନବକିଶୋର ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କର୍ଣ୍ଣାଟକରୁ ୨୦ ଦାଦନ ଶ୍ରମିକ ଉଦ୍ଧାର

ସେମିଲିଗୁଡ଼ା/କୋରାପୁଟ,୨୪।୧୧(ସ୍ୱ.ପ୍ର): କର୍ଣ୍ଣାଟକକୁ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଇଥିବା କୋରାପୁଟ ଜିଲା ପଟ୍ଟାଙ୍ଗି ଅଞ୍ଚଳର ୨୦ ଯୁବତୀ, ଯୁବକଙ୍କୁ ଉଦ୍ଧାର କରାଯାଇଛି। ଶନିବାର ସୁନାବେଡ଼ା ଏସଡିପିଓ ନିରଞ୍ଜନ ବେହେରା ଶନିବାର ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଗତ କିଛି ମାସ ତଳେ ପଟ୍ଟାଙ୍ଗି ବ୍ଲକର ଜିଲାଗୁଣ୍ଠା ଗ୍ରାମର ୭ ଯୁବତୀ ଓ ୧୩ ଯୁବକ ସ୍ଥାନୀୟ ଅଞ୍ଚଳର ଲିଙ୍ଗା ଖରାଙ୍କ ଦ୍ୱାରା କର୍ଣ୍ଣାଟକର ସୁରେନ୍ଦ୍ରନଗରଠାରେ ଏକ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସେମାନଙ୍କୁ ଦୈନିକ ୧୨ ଘଣ୍ଟା ଖଟାଯାଉଥିବାବେଳେ ଉପଯୁକ୍ତ ପାରିଶ୍ରମିକ ଓ ଖାଦ୍ୟ ଦିଆଯାଉ ନ ଥିଲା। ଅଭିଯୋଗ କଲେ ସେମାନଙ୍କୁ ଠିକାସଂସ୍ଥା ଦ୍ୱାରା ଗାଳିଗୁଲଜ ଓ ମାଡ଼ ମରାଯାଉଥିଲା। ଘଟଣା ସମ୍ପର୍କରେ ସେମାନଙ୍କ ପରବାର ଲୋକ ଜାଣିବା ପରେ ଜିଲାଗୁଣ୍ଠାର ସୁକୁମାରୀ ଓ କ୍ରିଷ୍ଣା ହନ୍ତାଳ ପଟ୍ଟାଙ୍ଗି ଥାନାରେ ଅଭିଯୋଗ କରିଥିଲେ। ଏସ୍‌ପି କନୱର ବିଶାଳ ସିଂଙ୍କ ନିର୍ଦ୍ଦେଶକ୍ରମେ ପଟ୍ଟାଙ୍ଗି ପୋଲିସର ଏକ ଦଳ କର୍ଣ୍ଣାଟକର ସୁରେନ୍ଦ୍ରନଗର ଯାଇ ସ୍ଥାନୀୟ ପୋଲିସ ସହଯୋଗରେ ଉକ୍ତ ୨୦ ଯୁବତୀଯୁବକଙ୍କୁ ଉଦ୍ଧାର ଶୁକ୍ରବାର କରିଥିଲା। ସେମାନେ ଶନିବାର ଘରେ ପହଞ୍ଚିଛନ୍ତି। ଅପରପକ୍ଷରେ ଚାଲାଣକାରୀ ଲିଙ୍ଗାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଇଛି।

### ଶାଳକଙ୍କ କୋକେଇ କାନ୍ଧେଇ ନେଉଥିବା ଭିଣୋଇଙ୍କ ମୃତ୍ୟୁ

ସାଲେପୁର,୨୪।୧୧(ଡି.ଏନ.ଏ.): କଟକ ଜିଲା ସାଲେପୁର ବ୍ଲକ ଅଧୀନ ବାଲିସାହି ପଞ୍ଚାୟତ ହରିଚନ୍ଦନପୁର ପଡ଼ା ଗ୍ରାମରେ ଶନିବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। ଶାଳକଙ୍କ ଅନ୍ତିମ ସଂସ୍କାର ପାଇଁ କୋକେଇ କାନ୍ଧେଇ ନେଉଥିବା ଭିଣୋଇ ଚେତାଶୂନ୍ୟ ହୋଇ ପଡ଼ିଯିବା ପରେ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।
ସୂଚନା ଅନୁସାରେ, ଗ୍ରାମର ବସନ୍ତ ନନ୍ଦ (୭୨)କିଛିଦିନ ହେବ ଅସୁସ୍ଥ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ପରେ ବସନ୍ତଙ୍କ ମୃତଦେହକୁ ଭିଣୋଇ ମନୋରଞ୍ଜନ(୫୫) ଏବଂ ବସନ୍ତଙ୍କ ପରିବାର ଲୋକେ ହରିଚନ୍ଦନପୁର ଗ୍ରାମକୁ ଆଣି ଅନ୍ତିମ ସଂସ୍କାର ପାଇଁ ଗ୍ରାମ ଶ୍ମଶାନକୁ ନେଉଥିଲେ। ଏହି ସମୟରେ ମନୋରଞ୍ଜନ ହଠାତ୍ ପଡ଼ିଯାଇ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମନୋରଞ୍ଜନଙ୍କ ଘର ଟାଙ୍ଗୀ ବ୍ଲକ ଶାଳଗାଁ ପଞ୍ଚାୟତ ନଖରା ଗ୍ରାମରେ ବୋଲି ଜଣାପଡ଼ିଛି।

### ଅମୃତସର ବିସ୍ଫୋରଣ: ଆଉ ଜଣେ ଗିରଫ

ଚଣ୍ଡିଗଡ଼,୨୪।୧୧(ପି.ଟି.)
ଅମୃତସରର ନିରଙ୍କାରୀ ଭବନରେ ହୋଇଥିବା ଗ୍ରେନେଡ ଆକ୍ରମଣ ଘଟଣାରେ ଶନିବାର ପଞ୍ଜାବ ପୋଲିସ ଆଉ ଜଣକୁ ଗିରଫ କରିବା ସହ ତାଙ୍କ ନିକଟରୁ ଦୁଇଟି ପିସ୍ତଲ ଜବତ କରିଛି। ସେଥିରୁ ଗୋଟିଏ ଆମେରିକା ନିର୍ମିତ। ଏହା ବ୍ୟତୀତ ୪ଟି ମାଗାଜିନ ଏବଂ ୨୫ଟି ଜୀବନ୍ତ ଗୁଳି ମଧ୍ୟ ଜବତ ହୋଇଥିବା ପୋଲିସ କହିଛି।
ଗତ ରବିବାର ନିରଙ୍କାରୀ ଭବନ ପ୍ରାର୍ଥନା କକ୍ଷରେ ହୋଇଥିବା ଗ୍ରେନେଡ଼ ମାଡ଼ରେ ୩ ଜଣଙ୍କ ମୃତ୍ୟୁ ହେବା ସହ ୨୦ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ପୂର୍ବରୁ ବିକ୍ରମଜିତ୍ ସିଂ ନାମକ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ସେ ଖଲିସ୍ତାନ ଲିବରେଶନ ଫୋର୍ସର ସକ୍ରିୟ ସଦସ୍ୟ ବୋଲି ଜଣାପଡିଛି। ଶନିବାର ଗିରଫ ଅବତାର ସିଂକୁ କୋର୍ଟରେ ହାଜର କରାଯିବା ପରେ ପୋଲିସ ଅଧିକ ଜେରା ଲାଗି ରିମାଣ୍ଡରେ ନେବ ବୋଲି ଡିଜିପି ସୁରେଶ ଆରୋରା କହିଛନ୍ତି। ବିକ୍ରମଜିତ୍ ମୋଟରସାଇକେଲ ଚଳାଇ ଆସିଥିଲାବେଳେ ଅବତାର ଗ୍ରେନେଡ ଫିଙ୍ଗିଥିଲେ। ଆଇଏସଆଇ ସମର୍ଥିତ ଖଲିସ୍ତାନ ଲିବରେଶନ ଫୋର୍ସର ମୁଖ୍ୟ କୁହାଯାଉଥିବା ହରମିତ୍ ସିଂ ହାପି ଓରଫ ପିଏଚଡି ସହିତ ଅବତାରଙ୍କ ସମ୍ପର୍କ ରହିଥିବା ଡିଜିପି କହିଛନ୍ତି।

## ■ ଏସ୍‌ସି,ଏସ୍‌ଟି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଅନୁଦାନ ହ୍ରାସ

# ରାସ୍ତାକୁ ଓହ୍ଲାଇଲା ବିଜେଡି

■ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର
■ ଭାଜପା କହିଲା ରାଜନୀତି
■ ପିସିସି ଏସ୍‌ସି ସେଲ୍ ଅଧିବେଶନ ୨୭ରେ

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)
କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁସୂଚିତ ଜାତି(ଏସ୍‌ସି), ଜନଜାତି(ଏସ୍‌ସି) ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଅନୁଦାନ ହ୍ରାସ ପ୍ରସଙ୍ଗକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛି ବିଜେଡି। ଦଳର ଏସ୍‌ସି, ଏସ୍‌ଟି ସେଲ୍ ପକ୍ଷରୁ ଶନିବାର ରାଜଭବନ ସମ୍ମୁଖରେ ରିଲେ ଅନଶନ କରାଯାଇଛି। କେନ୍ଦ୍ର ଅନୁଦାନ ହ୍ରାସ ନିଷ୍ପତ୍ତିର ପୁନଃବିଚାର କରୁ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ଏନେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।
ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ମେଧାବୃତ୍ତି ବ୍ୟବସ୍ଥା କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ହୋଇଆସୁଛି। ଏଥିରେ କେନ୍ଦ୍ରର ୯୦% ଓ ରାଜ୍ୟର ୧୦% ବ୍ୟୟବରାଦ ରହୁଥିଲା। ହେଲେ କେନ୍ଦ୍ର ସରକାର ଏହି ବ୍ୟବସ୍ଥାରେ ଆଶ୍ଚର୍ଯ୍ୟଜନକ ଭାବେ ପରିବର୍ତ୍ତନ ଘଟାଇଛନ୍ତି। ରାଜ୍ୟ ସରକାରଙ୍କ ଉପରେ କେନ୍ଦ୍ର ସରକାର ୮୦%ରୁ ଅଧିକ ଆର୍ଥିକ ବୋଝ ଲଦି ଦେଇଛନ୍ତି। ଏହାଦ୍ୱାରା ୨୦୧୭-୧୮ ବର୍ଷରେ ଉକ୍ତ ବର୍ଗର ଉଚ୍ଚତର ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ୨୩୮.୨୮ କୋଟି ଟଙ୍କାର ଆର୍ଥିକ ବୋଝ ସହିବାକୁ ପଡ଼ିବ। ଅପରପକ୍ଷରେ ଭାଜପା ଏହାକୁ ରାଜନୀତି ବୋଲି କହିଛି। ଦଳର ବିଧାୟକ ରବି ନାଏକ କହିଛନ୍ତି ଯେ, ଏସ୍‌ସି,ଏସ୍‌ଟିଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିଫଳ ହେବା ପରେ ରାଜ୍ୟ ସରକାର ବିକ୍ଷୋଭ ରାସ୍ତା ବାଛି ନେଇଛନ୍ତି। ଅନ୍ୟପକ୍ଷରେ ଉଭୟ ବିଜେଡି ଓ ଭାଜପା ଏହି ବର୍ଗର ଲୋକଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଆସନ୍ତା ୨୭ ତାରିଖରେ ପିସିସି ଏସ୍‌ସି ସେଲ୍ ପକ୍ଷରୁ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ପଡିଆରେ ଏକ ସମାବେଶ ଅନୁଷ୍ଠିତ ହେବ। ପୂର୍ବତନ ଲୋକ ସଭା ବାଚସ୍ପତି ମୈରା କୁମାର ଏଥିରେ ଯୋଗଦେବେ ବୋଲି ପିସିସି ଏସ୍‌ସି ସେଲ୍ ଅଧ୍ୟକ୍ଷ ବିଭୁପ୍ରସାଦ ତରାଇ କହିଛନ୍ତି।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ଶୂନ୍ୟକାଳରେ ଉଦ୍‌ବେଗ

ଭୁବନେଶ୍ୱର, ୨୪।୧୧ (ବ୍ୟୁରୋ)
ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ସରକାରୀ ଉଦାସୀନତାକୁ ବିରୋଧୀ ଦଳ ସଦସ୍ୟମାନେ କଡ଼ା ସମାଲୋଚନା କରିଛନ୍ତି। ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। କୋର୍ଟ କଚେରି ଦୀର୍ଘଦିନ ଧରି ବନ୍ଦ ହୋଇ ରହୁଛି। ଶନିବାର ଶୂନ୍ୟକାଳରେ ଏ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଲେ, ଅଢେଇ ମାସ ଧରି କୋର୍ଟ ବନ୍ଦ ରହିଲା। ଆନ୍ଦୋଳନ ବନ୍ଦ କରିବାକୁ ସରକାର କୌଣସି ପଦକ୍ଷେନ ନେଲେ ନାହିଁ। ପଶ୍ଚିମ ଓଡ଼ିଶାର ବଲାଙ୍ଗୀରଠାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ହେବା ଅତ୍ୟନ୍ତ ଜରୁରୀ। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଦରକାର। ଏଥିସହିତ ଖବରଦାତାମାନଙ୍କ ସ୍ୱାସ୍ଥ୍ୟବୀମା ରାଶି ୨ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବାକୁ ନରସିଂହ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାଛଡ଼ା କୋଣାର୍କର ସ୍ଥାୟିତ୍ୱ ନେଇ ଗୃହରେ ସରକାର ଏକ ବିବୃତି ଦେବାକୁ ଦାବି କରିଥିଲେ। ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗକୁ ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ ସମର୍ଥନ କରିବା ସହ ଢେଙ୍କାନାଳ ଜିଲା ବଳରାମପୁରଠାରେ ଗଛକଟାକୁ ବିରୋଧ କରିଥିବା ୩୭ଜଣ ବ୍ୟକ୍ତିଙ୍କୁ ଅନୁଗୋଳ ଜେଲରୁ ଶୀଘ୍ର ମୁକୁଳାଇବାକୁ ଦାବି କରିଥିଲେ। ବାଘ ଏବଂ ଅନ୍ୟ ଜୀବଜନ୍ତୁଙ୍କ ବେକରେ ମାଇକ୍ରୋଚିପ୍ ଲଗାଇବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଶୂନ୍ୟକାଳରେ ଖବରଦାତାମାନଙ୍କ ସ୍ୱାସ୍ଥ୍ୟବୀମା ରାଶି ୨ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବା ନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାଜପା ସଭ୍ୟ ରବି ନାଏକ, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ବିଜେଡି ସଭ୍ୟ ଯୋଗେନ୍ଦ୍ର ବେହେରା, ଭାଜପା ସଭ୍ୟ ପ୍ରଦୀପ ପୁରୋହିତ, ରାଧାରାଣୀ ପଣ୍ଡା ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରିବା ପାଇଁ ଯଶୋବନ୍ତ ସିଂ ରିପୋର୍ଟକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ରବି ନାଏକ ଏବଂ ରାଧାରାଣୀ ଭୀମ୍‌ସାରରେ ନିର୍ଦ୍ଦେଶକ ଓ ଡାକ୍ତରଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦର ସମାଧାନ ପାଇଁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାଜପା ସଭ୍ୟ ପ୍ରଦୀପ ପୁରୋହିତ ବ୍ଲକରେ ବ୍ୟାପକ ପିସି କାରବାର ହେଉଥିବା ଅଭିଯୋଗ କରିଥିଲେ। ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କୁ ପଞ୍ଚାୟତିରାଜ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନଙ୍କ ଆଦୌ ଡର ନାହିଁ। ମନଇଚ୍ଛା ଦୁର୍ନୀତି ଚାଲିଛି । ବିଜେଡି ସଭ୍ୟ ପ୍ରଭାତ ବିଶ୍ୱାଳ ଓଟିଏମ୍ ପ୍ରସଙ୍ଗ ଉଠାଇ କହିଲେ ଯେ ସେଠାରେ କାର୍ଯ୍ୟ କରୁଥିବା ୪୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ମଲେଣି। ଏ ପର୍ଯ୍ୟନ୍ତ ସେମାନଙ୍କର ପ୍ରାପ୍ୟ ମିଳିନି। ହାଇକୋର୍ଟରେ ମାମଲା ଚାଲିଛି, ରାଜ୍ୟ ସରକାର ସେଠାରେ ଏକ ଟେକ୍ସଟାଇଲ ପାର୍କ ନିର୍ମାଣ କରନ୍ତୁ ବୋଲି ବିଶ୍ୱାଳ କହିଥିଲେ।

# ସିନେମାରେ ସମାଜ ପରିବର୍ତ୍ତନର ବାର୍ତ୍ତା

ମୁମ୍ବାଇ
ସିନେମାରେ ସମାଜ ପରିବର୍ତ୍ତନର ବାର୍ତ୍ତା ରହିଛି ବୋଲି ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି। ତାଙ୍କ ଅଭିନୀତ 'ମୁଲକ୍' ଭଳି ଫିଲ୍ମ ସାମାଜିକ ସମସ୍ୟା ଆଧାରିତ ହୋଇଥିଲେ ହେଁ ଏହାର ସମାଧାନ ପାଇଁ ଉଦ୍ୟମ କରାଯାଇଛି ବୋଲି ସେ କହିଛନ୍ତି। କିଛିଦିନ ତଳେ ମୁକ୍ତିଲାଭ କରିଥିବା ଏହି ଫିଲ୍ମକୁ ଦର୍ଶକମାନେ ଯେଭଳି ଗ୍ରହଣ କରିଛନ୍ତି ସେଥିପାଇଁ ସେ ଖୁସି ଅଛନ୍ତି। କିନ୍ତୁ କେତେକ ସମ୍ପ୍ରଦାୟକୁ ସମାଜ ଭିନ୍ନଦୃଷ୍ଟିରେ ଦେଖିବାର ଚିତ୍ର ଏଥିରେ ପ୍ରଦର୍ଶିତ ହୋଇଥିବାରୁ ସେ ମନ ଦୁଃଖ କରି ଛନ୍ତି ।
୩୧ବର୍ଷ ବୟସ୍କା ତାପସୀ ମୁଲକରେ ଜଣେ ଆଇନଜୀବୀ ଭୂମିକାରେ ଅଭିନୟ କରି ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଚାହିଁଛନ୍ତି। ତାଙ୍କ କହିବାନୁଯାୟୀ, ସମାଜ ହେୟ ଦୃଷ୍ଟିରେ ଦେଖୁଥିବା ସମ୍ପ୍ରଦାୟ ପାଇଁ ସେ ଛିଡାହେବା ସହିତ ଲୋକଙ୍କ ମନରେ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରିଛନ୍ତି। ଏହି ଚରିତ୍ରରେ ଅଭିନୟ କରିବାକୁ ପ୍ରଥମାବସ୍ଥାରେ ତାଙ୍କ ମନରେ ଆଶଙ୍କା ସୃଷ୍ଟି ହେଉଥିଲା। ତେବେ ଏହି ଚରିତ୍ରକୁ ଦର୍ଶକ ବୁଝିବା ପରେ ତାଙ୍କ ମନରେ ଆଉ ସେ ପୂର୍ବ ଆଶଙ୍କା ନାହିଁ।
ଅନୁଭବ ସିହ୍ନାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଭିନୟ କରିଛନ୍ତି ଋଷି କପୁର, ରଜତ କପୁର, ନୀନା ଗୁପ୍ତା, ପ୍ରତୀକ ବବର ଏବଂ ଆଶୁତୋଷ ରାଣା। ମୁଲକ୍ ଛୋଟ ସ୍କ୍ରିନ୍‌ରେ ଟେଲିକାଷ୍ଟ ହେବାକୁ ଯାଉଥିବା ବେଳେ ଏଥିରେ ପ୍ରକୃତରେ କ'ଣ କୁହାଯାଇଛି ତାହା ଲୋକେ ବୁଝିବା ଉଚିତ ବୋଲି ତାପସୀ ପ୍ରକାଶ କରିଛନ୍ତି। ମୁଲକ୍ ରବିବାର ୱାର୍ଲଡ ଟେଲିଭିଜନ୍ ପ୍ରିମିୟର ଅନ୍ ଆଣ୍ଡ ପିକ୍‌ଚର୍ସ ଚ୍ୟାନେଲରେ ପ୍ରଦର୍ଶିତ ହେବାକୁ ଯାଉଛି।



## ହାତୀ ଆକ୍ରମଣରେ ୨ ମୃତ

ବଡ଼ଗାଁ/ଟେନ୍‌ସା, ୨୪।୧୧ (ଡି.ଏନ.ଏ.)
ସୁନ୍ଦରଗଡ଼ ଜିଲାରେ ଗତକିଛି ଦିନ ଧରି ହାତୀପଲର ଉପଦ୍ରବ ଜାରି ରହିଛି। ହାତୀ ଆକ୍ରମଣରେ ଜିଲାରେ ଭିନ୍ନଭିନ୍ନ ସ୍ଥାନରେ ୨ଜଣଙ୍କ ମୃତ୍ୟୁ ଘଟିଛି। ବଡ଼ଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ମହାବୀର ପର୍ବତର ତଳି ଛାମୁଣ୍ଡା ଗ୍ରାମରେ ଶନିବାର ସନ୍ଧ୍ୟା ୬ଟାବେଳେ ବଣୁଆ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାମିଆ କିଷାନଙ୍କ ସ୍ତ୍ରୀ ଶୁଲ କିଷାନ (୬୬)। ଶୁଲ ବାଡିପଟ ବାଡ ନିକଟକୁ ଯାଇଥିଲାବେଳେ ହାତୀ ଶୁଣ୍ଢରେ ନେଇ କଚାଡି ଦେଇଥିଲା। ପରେ ମାଡି ଦଳି ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବଡଗାଁ ଫରେଷ୍ଟ ରେଞ୍ଜର ବିଜୟ କୁମାର ମହାପାତ୍ରଙ୍କ ସହିତ ବନ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବନ ବିଭାଗ କର୍ମଚାରୀଙ୍କୁ ଦେଖି ଲୋକେ ପାଟିତୁଣ୍ଡ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। ସେହିପରି କୋଇଡା ବ୍ଲକ ଅନ୍ତର୍ଗତ ଝିରିପାଣି ଗାଁରେ ଶୁକ୍ରବାର ରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମନହରି ମୁଣ୍ଡା (୭୨)। ହାତୀପଲ ଧାନ କ୍ଷେତରେ ପଶିଥିବା ଜାଣିବା ପରେ ମନହରିଙ୍କ ସହ କେତେକ ଗ୍ରାମବାସୀ ଘଉଡ଼ାଇବାକୁ ଯାଇଥିଲେ। ହାତୀ ଉପରକୁ ଟେକା ପଥର ପକାଇବାରୁ ଲୋକଙ୍କୁ ହାତୀ ଗୋଡ଼ାଇଥିଲା। ଲୋକେ ଦୌଡ଼ି ପଳାଇଯାଉଥିବାବେଳେ ମନହରି ପଡ଼ିଯାଇଥିଲେ। ହାତୀ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନା ପଠାଯାଇଛି।

## କ୍ରିକେଟ ଖେଳରୁ ଗୁଳିକାଣ୍ଡ: ୭ ମୃତ

ପେଶାୱର,୨୪।୧୧(ପି.ଟି.)
ପିଲାଙ୍କ କ୍ରିକେଟ ଖେଳରୁ ଘଟିଲା ଗଣ୍ଡଗୋଳ। ଏହି ଗଣ୍ଡଗୋଳରେ ଦୁଇଟି ଗୋଷ୍ଠୀ ମଧ୍ୟରେ ହେଲା ଗୁଳି ବିନିମୟ। ଫଳରେ ୭ଟି ଜୀବନ ଚାଲିଗଲା। ଏଭଳି ଦୁଃଖଦ ଘଟଣା ଘଟିଛି ପାକିସ୍ତାନର ଖାଇବର ପଖତୁନଖ୍ୱା ଅନ୍ତର୍ଗତ ଆବୋଟାବାଦ ଜିଲାରେ। ଉଭୟ ପକ୍ଷ ଥାନାରେ ଏତଲା ଦାଏର କରିଛନ୍ତି। ଖେଳ ପଡିଆ କିଛି ସମୟ ପାଇଁ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଉଭୟ ପକ୍ଷ ପିଲାଙ୍କ ଅଭିଭାବକ ମୁହାଁମୁହିଁ ହେବା ପରେ ପରସ୍ପର ଉପରକୁ ଗୁଳି ବିନିମୟ କରିଥିଲେ। ଫଳରେ ଦୁଇ ପକ୍ଷରୁ ୭ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକମାନେ ଦୁଇଟି ଦଳର ବୋଲି ଜଣାପଡିଛି।

ଧରିତ୍ରୀ କାଗଜର ମୁଁ ଜଣେ ନିୟମିତ ବିଜ୍ଞାପନଦାତା। ମୋ ତରଫରୁ ଧରିତ୍ରୀର ପାଠକ, ପାଠିକା ତଥା ବିଜ୍ଞାପନଦାତାଙ୍କୁ ଅନେକ ଅନେକ ଶୁଭେଚ୍ଛା। (ସମସ୍ତ ପ୍ରକାର ଗୁଡ଼ି ପାଇଁ ଯୋଗାଯୋଗ କରନ୍ତୁ)
ଜଗଦମ୍ବା ମେଟେଲ
ପ୍ରୋ: ଦୁର୍ଗାମାଧବ ପାଢ଼ୀ
ପଥରପୁଞ୍ଜି, ଶେରଗଡ଼ (ଗଞ୍ଜାମ)












ଅତିମାନସ ଉପଲବ୍ଧି ହେଲା– ଯେଉଁ ସତ୍ୟ ଊର୍ଦ୍ଧ୍ୱ ଲୋକରୁ ଆସୁଛି– ତା'ସହିତ ନିମ୍ନଲୋକ ବା ଅଧୋଲୋକରୁ ଆସୁଥିବା ସତ୍ୟ ସହିତ ସଂପୂର୍ଣ୍ଣ ମିଳନର ଉପଲବ୍ଧି।
–ଶ୍ରୀମା

# ନକାରାତ୍ମକ ଚିନ୍ତା



ଆକାର ପଟେଲ

ଡିସେମ୍ବର ୬, ୧୯୯୨କୁ ମୋର ୨୩ତମ ଜନ୍ମଦିନ ମାତ୍ର ଅଳ୍ପ କେଇଦିନ ବାକି ଥିଲା। ସେଦିନ ସଂଧ୍ୟାରେ ମୁଁ ମୋ ସାଙ୍ଗ ରାଜୀବ ଦେଶାଇଙ୍କ ଘରେ ଥିଲି ଏବଂ ସେ ମୋତେ କହିଲେ ଯେ ବାବ୍ରି ମସ୍‌ଜିଦକୁ ଭାଙ୍ଗି ଦିଆଗଲା। କିଛି ଗୋଟାଏ ନୂଆ ଓ ମୌଳିକ ଘଟଣା ଘଟିଲା ଭାବି ମୁଁ ଖୁବ୍ ଉତ୍ସାହିତ ଅନୁଭବ କଲି। ତା' ପରଦିନ ସକାଳେ ମୁଁ ସୁରତର ଟେକ୍ସଟାଇଲ ମାର୍କେଟରେ ଥିବା ଆମର ଦୋକାନ ଖୋଲିବାକୁ ଗଲାବେଳେ ଦେଖିଲି ବଜାର ବନ୍ଦ। ମୁଁ ଫୋନ୍ କରି ବାପାଙ୍କୁ ପଚାରିଲି, ଏବେ କ'ଣ କରିବାକୁ ହେବ। ସେ ମୋତେ କହିଲେ କିଛି ସମୟ ଅପେକ୍ଷା କରି ପରିସ୍ଥିତି ଦେଖି ତା'ପରେ ଘରକୁ ଫେରିଆସିବା ପାଇଁ। ଘରକୁ ଫେରିବା ବାଟରେ ଅଳ୍ପ ଦୂରରେ ମୋ ଗାଡ଼ିକୁ ଅଟକେଇ ମୋ ନାଁ ପଚରାଗଲା। ମୁଁ ନାଁ କହିବା ପରେ ଜଣେ ଲୋକ ମୋତେ କହିଲେ– ଦୟାକରି ଏଠାକୁ ଆଉ ଫେରିବେ ନାହିଁ। ଆମର ଅଷ୍ଟମ ମହଲାରେ ଥିବା ଫ୍ଲାଟ୍‌ରୁ ଦିନ ଗୋଟାଏ ବେଳେ ମୁଁ ଦେଖିପାରୁଥିଲି ସୁରତର ବିଭିନ୍ନ ଅଞ୍ଚଳରୁ ଧୂମକୁଣ୍ଡଳୀମାନ ଆକାଶକୁ ଉଠୁଥିବାର। ଏହା ପୂର୍ବରୁ ଏପରି ଗଣହିଂସା କେବେ ଦେଖି ନ ଥିଲି ଏବଂ ଅଳ୍ପ କିଛିଦିନ ଭିତରେ ସହରରେ ୫୦୦ରୁ ଅଧିକ ଲୋକଙ୍କର ମୁଣ୍ଡ ଗଡ଼ିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ମୁସଲମାନ। ଯେଉଁସବୁ ଘର ଓ ବ୍ୟବସାୟ ପ୍ରତିଷ୍ଠାନରୁ ଧୂଆଁ ଉଠୁଥିଲା, ସେଗୁଡ଼ିକ ପ୍ରାୟତଃ ମୁସଲମାନଙ୍କର ଥିଲା।

ସେତେବେଳକୁ ମୋର ଉତ୍ସାହରେ ପାଣି ପଡ଼ିଯାଇଥିଲା। ମୁଁ ଅନୁଭବ କରିପାରିଥିଲି ଯେ କିଛି ନୂଆ ଓ ମୌଳିକ ଘଟଣା ତ ଘଟିଛି, କିନ୍ତୁ ତାହା ସକାରାତ୍ମକ ଭାବରେ ଘଟିନାହିଁ। ଆମେ ମୁସଲମାନଙ୍କ ମସ୍‌ଜିଦକୁ ଭାଙ୍ଗିବା ପରେ ସେମାନଙ୍କୁ ଦଣ୍ଡ ଦେଉଛୁ। କିନ୍ତୁ କୌଣସି ଭାରତୀୟ ଭାଷା ଜାଣି ନ ଥିବା ଲେଖକ ଭି.ଏସ୍. ନୈପଲଙ୍କ ମତ ଥିଲା ମସଜିଦ ବିରୋଧରେ ଯେଉଁ ଅଭିଯାନ ଆରମ୍ଭ ହୋଇଛି, ତାହା ସକାରାତ୍ମକ। ଏହାଦ୍ୱାରା ହିନ୍ଦୁ ମାନଙ୍କ ଭିତରେ ଜାଗରଣ ଦେଖାଦେଇଛି।

ତେବେ ନୈପଲ ଯାହା କହିଲେ ତାହା ତାଙ୍କ ଧାରଣା ମାତ୍ର। ଯଦି ଜଣେ ଏ ବିଷୟରେ ଗଭୀର ଭାବେ ଚିନ୍ତାକରେ, ତାଙ୍କ ଯୁକ୍ତି ହାସ୍ୟକର ମନେହେବ। ଏଥିରେ ଧରିନିଆଯାଇଛି ଯେ, ଆଫଗାନ, ତୁର୍କ, ମୋଗଲ ଓ ପର୍ସିଆନ ପ୍ରଭୃତି ବିଭିନ୍ନ ରାଜବଂଶ ଦ୍ୱାରା ସମସ୍ତ ଶତାବ୍ଦୀର ଶାସନ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। ଉପନିବେଶବାଦୀ ଶାସକ ଯେଉଁମାନେ ମୁସଲମାନ ନ ଥିଲେ, ଯଥା ବରୋଦାର ମରାଠା ଗାଏକୱାଡ଼ ବା ଗ୍ୱାଲିୟରର ସିନ୍ଧିଆ, ସେମାନେ ଅଲଗା ପ୍ରକାର ଥିଲେ। ସେମାନେ ଲୋକଙ୍କ ଉପରେ ଦମନମୂଳକ କର ବସାଉ ନ ଥିଲେ। ପୁଣି ଏଥିରେ ଧରିନିଆଯାଇଛି ଯେ, ଭାରତର ସବୁ ଅଞ୍ଚଳ ମୁସଲମାନ ଶାସିତ ଥିଲା। କିନ୍ତୁ ଏହା ସତ୍ୟ ନୁହେଁ।

ନୈପଲ କୌଣସି ଶିକ୍ଷାବିତ୍ ନ ଥିଲେ। ସେଥିପାଇଁ ତାଙ୍କର ଏହି ଥେସିସ୍‌କୁ ବିଧିବଦ୍ଧ ଭାବରେ ଚ୍ୟାଲେଞ୍ଜ କରାଯାଇ ନାହିଁ। କୌଣସି ପ୍ରକୃତ ବିଦ୍ୱାନ୍ ଏପରି ତ୍ରୁଟିପୂର୍ଣ୍ଣ ଯୁକ୍ତି କରିବ ନାହିଁ ଏବଂ କେହି ବି କରିନାହାନ୍ତି। ୧୯୯୨ ଡିସେମ୍ବର ୬ ଘଟଣା ପରେ କ'ଣ ହିନ୍ଦୁମାନଙ୍କ ଭିତରେ ଜାଗରଣ ସୃଷ୍ଟି ହୋଇଛି? କେବେ ନୁହେଁ। କୌଣସି ଦୃଷ୍ଟିରୁ ବି ଆମେ ଏକ ଭିନ୍ନ ଜାତି ନୋହୁଁ। ଆମର ସାମଗ୍ରିକ ଚିନ୍ତନରେ ପରିବର୍ତ୍ତନ ଆସିଛି ୧୯୯୧ରେ ମନମୋହନ ସିଂଙ୍କ ଉଦାରୀକରଣ ନୀତି ଯୋଗୁ, ୧୯୯୨ର ବର୍ବରତା ଯୋଗୁ ନୁହେଁ। ସମ୍ଭବତଃ ନୈପଲ ଦୀର୍ଘକାଳ ଅନ୍ତରରେ ପରିବର୍ତ୍ତନ ଆସିବ ବୋଲି ଭାବିଥିବେ। କିନ୍ତୁ ଏହା ଭିତରେ ପ୍ରାୟ ୨୫ ବର୍ଷ ବିତିଗଲାଣି ଓ କିଛି ପରିବର୍ତ୍ତନ ଘଟିନାହିଁ। ଏହି ୨୫ ବର୍ଷ ଭିତରେ ଅନେକ ପିଲା ଜନ୍ମ ହୋଇଛନ୍ତି। ବାବ୍ରି ଭଙ୍ଗା ଘଟଣା ସେମାନଙ୍କ ଜୀବନରେ କିଛି ପ୍ରଭାବ ପକାଇବ ବୋଲି ମନେହୁଏ ନାହିଁ। ମାନସିକ ମୁକ୍ତି ବା ଜାଗରଣର ପ୍ରଶ୍ନ ହିଁ ଉଠୁନାହିଁ। କେବଳ ଗୋଟିଏ ପରିବର୍ତ୍ତନ ଆସିଛି ଯେ ଏକ ଜାତି ହିସାବରେ କଥାବର୍ତ୍ତାରେ ଆମେ ଅତି ସହଜରେ ସାମ୍ପ୍ରଦାୟିକ ହୋଇଯାଉଛୁ। ଆଜିକାଲି ରାଜନୈତିକ ଦଳଗୁଡ଼ିକ ଓ ଗଣମାଧ୍ୟମ ଏପରି ସବୁ ଦାୟିତ୍ୱହୀନ ମନ୍ତବ୍ୟ ଦେଇପାରୁଛନ୍ତି, ଯାହା ସେମାନେ ୧୯୯୨ ପୂର୍ବରୁ ଦେଇପାରୁ ନ ଥିଲେ।

ଆମେ ଖବର ପାଇଛୁ ଯେ, ଅଯୋଧ୍ୟାରେ ବିଶ୍ୱ ହିନ୍ଦୁ ପରିଷଦ ଓ ସଂଘ ପରିବାରର ଦୁଇ ଲକ୍ଷ ସଦସ୍ୟ ଏକଜୁଟ ହେଉଛନ୍ତି। ସେଠାକୁ ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ୫ ହଜାରରୁ ଅଧିକ ଶିବସୈନିକ ମଧ୍ୟ ଯୋଗଦେବାକୁ ଯାଉଛନ୍ତି। ସେମାନେ ଘୋଷଣା କରିଛନ୍ତି ଯେ, ଏହା ହେବ ଅଯୋଧ୍ୟାରେ ସେମାନଙ୍କର ଶେଷ ଧର୍ମସଭା। ନିର୍ବାଚନ ପୂର୍ବରୁ ରାମ ମନ୍ଦିର ଆରମ୍ଭ କରିବା ପାଇଁ ଭାଜପା ଉପରେ ଚାପ ପକାଇବାକୁ ସେମାନେ ଏହା କରୁଛନ୍ତି। ଯଦି ଭାଜପା ଆଜି କ୍ଷମତାରେ ଅଛି, ତେବେ ଏହା ୧୯୯୨ ଘଟଣାର ପରିଣତି। ସେତେବେଳେ ଯେଉଁ ମନୋଭାବ ଭାଜପାକୁ ଲୋକପ୍ରିୟ କରି ତୋଳିଥିଲା ତାହା ସାମ୍ପ୍ରଦାୟିକ ଓ ନକାରାତ୍ମକ ଥିଲା। ଏହା ମନ୍ଦିର ସପକ୍ଷରେ ନୁହେଁ ବରଂ ମସ୍‌ଜିଦ ବିରୋଧରେ ଥିଲା। ସେଥିପାଇଁ ରାମ ଜନ୍ମଭୂମି ଆନ୍ଦୋଳନ ବାବ୍ରି ମସ୍‌ଜିଦ ଭାଙ୍ଗିବା ସହ ଭୁଶୁଡ଼ି ପଡ଼ିଲା।

ଆଜି ମଧ୍ୟ ଏହା ନକାରାତ୍ମକ ହୋଇ ରହିଛି ଏବଂ ଏହାର ଉଦ୍ଦେଶ୍ୟ ହେଉଛି ଅନ୍ୟ ଭାରତୀୟଙ୍କୁ ଦଣ୍ଡିତ କରିବା। ଏଥିରେ ଭକ୍ତି ଭାବ ନାହିଁ। ଅଛି କେବଳ ଘୃଣା ଭାବ। ଏପରି ତିକ୍ତତା ଓ ଘୃଣାରୁ କିଛି ହେଲେ ସକାରାତ୍ମକ ଲାଭ ମିଳିବ ନାହିଁ। ନୈପଲ ଏହା ବୁଝିପାରି ନ ଥିଲେ। ସେ ତ ଏ ଦେଶର ଲୋକ ନୁହନ୍ତି, ସେ ମତ ଦେଇ ତାଙ୍କ ଦେଶକୁ ଚାଲିଗଲେ। କିନ୍ତୁ ଆମକୁ ଏଇ ଦେଶରେ ଅନ୍ୟ ଭାରତୀୟଙ୍କ ସହ ରହିବାକୁ ପଡ଼ିବ। ତେଣୁ ଆମକୁ ନକାରାତ୍ମକ ଚିନ୍ତାଧାରାରୁ ଦୂରରେ ରହିବାକୁ ପଡ଼ିବ।

Email: aakar.patel@gmail.com

# ବଡ଼ ଲୋକଙ୍କ ଛୋଟ କାମ



ପ୍ରକାଶ ତ୍ରିପାଠୀ

ବେଳେ ବେଳେ ଘରୁ ଜିନିଷଟିଏ ନ ମିଳିଲେ ଚୋରି ହୋଇଗଲା ବୋଲି ମନରେ ଆଶଙ୍କା ଉପୁଜେ। ମନରେ ଏ ଚୋରିର ଆଶଙ୍କା ହେବା ମାତ୍ରକେ ସନ୍ଦେହ ଘନୀଭୂତ ହୁଏ, ଘରେ କାମଦାମ କରୁଥିବା କାମବାଲି ବା ଘରକୁ ଯା'ଆସ କରୁଥିବା ସେହିଭଳି କିଛି ଲୋକଙ୍କ ଉପରେ। ଆମର ଧାରଣା ଥାଏ ଯେ, ଏମାନେ ଅଭାବ ଅସୁବିଧାରେ ଅଛନ୍ତି ତ ତେଣୁ ଚୋରି କରି ନେଇଯାଇଥିବେ। କିନ୍ତୁ ଅନେକ ସମୟରେ ଆମର ଏହି ସନ୍ଦେହ ଭୁଲ୍ ପ୍ରମାଣିତ ହୁଏ। ଏଭଳି ଏକ ଉପକ୍ରମଣିକା ଉଲ୍ଲେଖ କରିବାର କାରଣ ହେଉଛି, ନିକଟରେ ଏହିଭଳି ଏକ ଅବିଶ୍ୱାସଯୋଗ୍ୟ ଖବରଟିଏ ପ୍ରକାଶ ପାଇଛି, ଯାହାକି ଆମର ସ୍ୱଚ୍ଛଳ ତଥା ଧନିକ ଶ୍ରେଣୀର ଲୋକଙ୍କ ଚରିତ୍ର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗଣମାଧ୍ୟମରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଥିବା ଏହି ଖବର ଅନୁଯାୟୀ ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଦେଶର ବିଭିନ୍ନ ରୁଟ୍‌ରେ ଚଳାଚଳ କରୁଥିବା ଟ୍ରେନ୍‌ର ଶୀତତାପ ନିୟନ୍ତ୍ରିତ ଅର୍ଥାତ୍ ଏସି କୋଚ୍‌ରୁ ପ୍ରାୟ ୧୪ କୋଟି ଟଙ୍କା ମୂଲ୍ୟର ଟାୱେଲ, ବେଡ୍‌ଶିଟ୍, କମ୍ବଳ ଆଦି ସାମଗ୍ରୀ ଚୋରି ହୋଇଛି। ଚୋରି ହୋଇଥିବା ମୋଟ ୨୧,୭୨,୨୪୭ଟି ସାମଗ୍ରୀ ମଧ୍ୟରୁ ୧୨,୮୩,୪୧୫ଟି ଟାୱେଲ, ୪,୭୧,୦୭୭ଟି ବେଡ୍‌ଶିଟ୍, ୩,୧୪,୯୫୨ଟି ତକିଆଖୋଳ, ୫୬,୨୮୭ଟି ତକିଆ ଓ ୪୬,୫୧୫ଟି ବ୍ଲାଙ୍କେଟ୍ ଅନ୍ତର୍ଭୁକ୍ତ। ଏସି କୋଚ୍‌ରେ ଯାତ୍ରା କରୁଥିବା କିଛି ସ୍ୱଚ୍ଛଳ ବର୍ଗର ଯାତ୍ରୀ ଏହି ଚୋରି କାର୍ଯ୍ୟରେ ସଂପୃକ୍ତ ରହିଥିବା ରେଲ୍‌ୱେ ପକ୍ଷରୁ ସନ୍ଦେହ ପ୍ରକାଶ ପାଇଛି।

ଟ୍ରେନ୍‌ର ଏସି କୋଚ୍‌ରେ ଯାତ୍ରୀମାନଙ୍କ ସୁଖଦ ଯାତ୍ରା ପାଇଁ ରେଲ୍‌ୱେ ପକ୍ଷରୁ ଟାୱେଲ, ବେଡ୍‌ଶିଟ୍, ବ୍ଲାଙ୍କେଟ୍ ଓ ତକିଆ ଆଦି ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ଯାତ୍ରୀମାନେ ଏହାକୁ ବ୍ୟବହାର କରନ୍ତି ଓ ଗନ୍ତବ୍ୟ ସ୍ଥାନରେ ଓହ୍ଲାଇବା ପୂର୍ବରୁ ସେଗୁଡ଼ିକୁ ନିଜ ବର୍ଥରେ ରଖିଦେଇ ଯାଆନ୍ତି। କିଛି ମାସ ତଳେ ଟ୍ରେନ୍‌ରେ ବମ୍ବେ ଯାଉଥିଲା ବେଳେ କଥା ପ୍ରସଙ୍ଗରେ ଜଣେ ଆଟେଣ୍ଡାଣ୍ଟ ଦୁଃଖର ସହ କହିଥିଲେ ଯେ, ସେମାନଙ୍କୁ କମ୍ପାର୍ଟମେଣ୍ଟର ବର୍ଥ ସଂଖ୍ୟା ଅନୁଯାୟୀ ଆବଶ୍ୟକ ସାମଗ୍ରୀ ହିସାବ କରି ଦିଆଯାଏ ଓ ସମାନ ସଂଖ୍ୟକ ସାମଗ୍ରୀ ସେମାନଙ୍କୁ ଗଣିକରି ଫେରାଇବାକୁ ପଡ଼ିଥାଏ। ଯଦି କୌଣସି ସାମଗ୍ରୀ କମ୍ ଥାଏ ତେବେ ତାହାର ମୂଲ୍ୟ ସେମାନଙ୍କ ଦରମାରୁ କାଟି ଦିଆଯାଏ। ବିଭିନ୍ନ ସମୟରେ ଯାତ୍ରୀମାନଙ୍କୁ ଏ ବାବଦରେ ସଚେତନ କରାଯାଇଥିଲେ ମଧ୍ୟ ଏସି କୋଚ୍‌ରୁ ନିୟମିତ ଭାବେ ବେଡ୍‌ଶିଟ୍, ବ୍ଲାଙ୍କେଟ, ତକିଆଖୋଳ ଆଦି ସାମଗ୍ରୀ ଚୋରି ଅବ୍ୟାହତ ରହିଛି। କମ୍ ସ୍ୱଚ୍ଛଳ ବର୍ଗର ଲୋକମାନେ ସାଧାରଣତଃ ସ୍ଲିପର ଅବା ଜେନେରାଲ କମ୍ପାର୍ଟମେଣ୍ଟରେ ଯାତ୍ରା କରୁଥିଲା ବେଳେ ସ୍ୱଚ୍ଛଳ ତଥା ସମ୍ଭ୍ରାନ୍ତ ଶ୍ରେଣୀର ଯାତ୍ରୀମାନେ ଏସି କମ୍ପାର୍ଟମେଣ୍ଟରେ ଯାତ୍ରା କରିଥାନ୍ତି। ବେଡ୍‌ଶିଟ୍, ବ୍ଲାଙ୍କେଟ, ତକିଆ ଆଦି ସାମଗ୍ରୀ କେବଳ ଏସି କମ୍ପାର୍ଟମେଣ୍ଟରେ ଯୋଗାଇ ଦେବାର ବ୍ୟବସ୍ଥା ଥିବାରୁ ଚୋରିରେ ଏହି ବଡ଼ ଲୋକଙ୍କ ଭୂମିକା ରହୁଥିବା ସନ୍ଦେହ ଅମୂଳକ ନୁହେଁ। ବଡ଼ଲୋକମାନେ ଛୋଟ କାମ (ଚୋରି) କରନ୍ତି ନାହିଁ ବୋଲି ସାଧାରଣରେ ଧାରଣା ରହିଥିବାରୁ ସେମାନେ ଅନାୟାସରେ ଏହି କାମ କରିପାରୁଛନ୍ତି।

ଏହି ଖବର ପଢ଼ିବା ବେଳେ ମନେପଡ଼େ ଗତ ଜାନୁୟାରୀରେ କିଛି ଇଂଲିଶ୍ ପତ୍ରିକାରେ ପ୍ରକାଶ ପାଇଥିବା ଏଭଳି ଏକ ଲଜ୍ଜାଜନକ ଘଟଣା। ଘଟଣାଟି ଘଟିଥିଲା ଏକ ୟୁରୋପୀୟ ରାଷ୍ଟ୍ରରେ, ଯେତେବେଳେ କି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାକୁ ଏକ ସରକାରୀ ଗସ୍ତରେ ଯାଇଥିଲେ। ବିଦେଶୀ ପୁଞ୍ଜିନିବେଶକଙ୍କୁ ପଶ୍ଚିମବଙ୍ଗରେ ପୁଞ୍ଜି ଖଟାଇବା ପାଇଁ ଆକୃଷ୍ଟ କରିବା ଥିଲା ମୁଖ୍ୟମନ୍ତ୍ରୀଙ୍କ ସେହି ଗସ୍ତର ଉଦ୍ଦେଶ୍ୟ। ମିଡିଆ କଭରେଜ୍ ପାଇଁ ତାଙ୍କ ସହ ଯାଇଥିଲେ କିଛି ବଛା ବଛା ବରିଷ୍ଠ ସାମ୍ବାଦିକ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନାର୍ଥେ ଏକ ବହୁତାରକା ହୋଟେଲରେ ଆୟୋଜିତ ହୋଇଥିଲା ନୈଶ ଭୋଜି। ଏହି ଭୋଜିରେ ଯୋଗ ଦେଇଥିଲେ ସେଠାକାର ବହୁ ପ୍ରଶାସକ, ଶିଳ୍ପପତି ଓ ମାନ୍ୟଗଣ୍ୟ ବ୍ୟକ୍ତି। ହୋଟେଲର ସୌନ୍ଦର୍ଯ୍ୟ, ଆତିଥେୟତା ଓ ସୁସ୍ୱାଦୁ ବ୍ୟଞ୍ଜନର ସ୍ୱାଦ ଅପେକ୍ଷା ଡାଇନିଂ ଟେବୁଲ ଉପରେ ରଖାଯାଇଥିବା ଆକର୍ଷଣୀୟ ଚାମଚ, କଣ୍ଟାଚାମଚ ଓ ଛୁରି ଭଳି କିଛି ସାମଗ୍ରୀ ଅଧିକ ଆକର୍ଷଣ କରିଥିଲା କିଛି ସାମ୍ବାଦିକଙ୍କୁ। ସେମାନେ ଭୁଲିଗଲେ ଯେ ସମ୍ପୂର୍ଣ୍ଣ ଡାଇନିଂ ହଲ୍‌ଟି ସିସି କ୍ୟାମେରା ଦ୍ୱାରା କବଳିତ। ଚାମଚ ଓ ଛୁରି କେତୋଟିକୁ ପକେଟ୍ ଓ ବ୍ୟାଗ୍‌ରେ ଭର୍ତ୍ତି କରିଥିଲେ କିଛି ସାମ୍ବାଦିକ। ଏସବୁ ଦୃଶ୍ୟ ସିସି ଟିଭିରେ ଦେଖି ହୋଟେଲର ସୁରକ୍ଷା କର୍ମଚାରୀମାନେ କେବଳ ଆଶ୍ଚର୍ଯ୍ୟ ହେଲେ ନାହିଁ, ଏ ସମ୍ପର୍କରେ ସମ୍ମାନିତ ଅତିଥିମାନଙ୍କୁ କିପରି କହିବେ ତାହା ଥିଲା ସେମାନଙ୍କ ପାଇଁ ବିରାଟ ଧର୍ମସଙ୍କଟ। ହୋଟେଲର ନିୟମ ଅନୁଯାୟୀ କୌଣସି ବସ୍ତୁ ଚୋରି ହେବା ଜଣାପଡ଼ିଲେ ତୁରନ୍ତ ଆଲାର୍ମ ବଜାଇବା ଆବଶ୍ୟକ। ମାତ୍ର ଏଭଳି କ୍ଷେତ୍ରରେ ଆଲାର୍ମ ବଜାଇ ଅତିଥିମାନଙ୍କୁ ଅପଦସ୍ଥ କରାଇବା ସୁରକ୍ଷାକର୍ମୀମାନେ ଉଚିତ ମନେକଲେ ନାହିଁ। ଶେଷରେ ଜଣେ ସୁରକ୍ଷା କର୍ମଚାରୀ ସାମ୍ବାଦିକମାନେ ବସିଥିବା ଟେବୁଲ ପାଖକୁ ଯାଇ ଚୋରି କରିଥିବା ଚାମଚ ଓ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ଟେବୁଲ ଉପରେ ରଖିଦେବାକୁ ନମ୍ରତାର ସହ ଅନୁରୋଧ କରିଥିଲେ। ସମସ୍ତ କାର୍ଯ୍ୟକଳାପ ସିସି ଟିଭିରୁ ଦେଖି ସୁରକ୍ଷା କର୍ମଚାରୀ କହୁଥିବା ଜାଣିବା ପରେ ସାମ୍ବାଦିକମାନେ ଚାମଚଗୁଡ଼ିକୁ ଟେବୁଲ ଉପରେ ରଖିଦେଇଥିଲେ। ଜଣେ ସାମ୍ବାଦିକ ଚୋରି କରିନାହାନ୍ତି ବୋଲି ସୁରକ୍ଷାକର୍ମଚାରୀଙ୍କ ସହ ଯୁକ୍ତି କରି ମିଥ୍ୟା ପ୍ରମାଣିତ ହୋଇଥିଲେ ଓ ପଚାଶ ପାଉଣ୍ଡ ଜରିମାନା ଦାଖଲ କରିଥିଲେ। ସେତେବେଳେ ଏହି ଘଟଣାଟି ୟୁରୋପୀୟ ଦେଶଗୁଡ଼ିକରେ ରହୁଥିବା ଭାରତୀୟ ସମୁଦାୟଙ୍କ ମଧ୍ୟରେ ଖୁବ୍ ଆଲୋଡନ ସୃଷ୍ଟି କରିଥିଲା।

ଆମ ସମାଜରେ ବଡ଼ ବଡ଼ ଲୋକଙ୍କ ଏହିଭଳି ଛୋଟ ଛୋଟ ପ୍ରକୃତିକୁ କିଛି ବିଶାରଦ ଏକ ମାନସିକ ରୋଗ ଭାବେ ଚିତ୍ରଣ କରନ୍ତି। ଏହି ରୋଗର ନାମ କ୍ଲେପ୍ଟୋମାନିଆ। ଏହି ରୋଗରେ ଆକ୍ରାନ୍ତ ମଣିଷମାନେ ଆବଶ୍ୟକ ଥାଉ ବା ନ ଥାଉ କିଛି ଜିନିଷ ଦେଖିଲେ ସେଗୁଡ଼ିକୁ ଚୋରି କରିବାକୁ ବ୍ୟଗ୍ର ହୋଇଉଠନ୍ତି। ଏଭଳି ଯୁକ୍ତି ଉପରୋକ୍ତ ଘଟଣାଗୁଡ଼ିକରେ ହାସ୍ୟାସ୍ପଦ ମନେହୁଏ। ଜଣେ ଦୁଇଜଣଙ୍କ କ୍ଷେତ୍ରରେ ଏହା ଘଟିପାରେ, ସମୂହ କ୍ଷେତ୍ରରେ ନୁହେଁ। ଆମ ସମାଜରେ କିଛି ସମ୍ଭ୍ରାନ୍ତ ତଥା ସ୍ୱଚ୍ଛଳ ଲୋକଙ୍କର ଏଭଳି ହୀନ ପ୍ରକୃତି ରହିଛି। ଟାୱେଲ, ତକିଆଖୋଳ, ଚାମଚ ଭଳି ସାମଗ୍ରୀର ଦାମ୍ କେତେ? ଏସବୁ କିଣିବା ସେମାନଙ୍କ ପାଇଁ ଅତି ସାଧାରଣ କଥା ହେଲେ ବି ଚୋରି କରି ଏହାକୁ ହାସଲ କରିବା ଭଳି ହୀନ ପ୍ରବୃତ୍ତି ସେମାନଙ୍କଠାରେ ଦେଖାଦେଇଥାଏ। ଦୁଇ ବର୍ଷ ତଳେ ଭୁବନେଶ୍ୱରରେ ଘଟିଥିବା ଏକ ଘଟଣାକୁ ଏଠାରେ ଉଲ୍ଲେଖ କରିବା ସମୀଚୀନ ହେବ, କାରଣ ଘଟଣାଟି ସ୍ୱଚ୍ଛଳ ବ୍ୟକ୍ତିଙ୍କ ଦୁର୍ବଳ ମାନସିକତାର ଆଉ ଏକ ଉଦାହରଣ। ପ୍ରତିଷ୍ଠିତ ଓ ସମ୍ଭ୍ରାନ୍ତ ଘରର ଦୁଇଜଣ ମହିଳା ଏକ ବୁଟିକ୍‌ରୁ କିଛି ସାମଗ୍ରୀ ଚୋରି କରିବାର ପ୍ରମାଣ ସିସି ଟିଭିରୁ ଜଣାପଡ଼ିବା ପରେ ପୋଲିସ ସେମାନଙ୍କ ଘରେ ପହଞ୍ଚିଥିଲା। ଘଟଣାର ସତ୍ୟାସତ୍ୟ ଜଣାପଡ଼ିବା ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା ଓ ସେମାନେ ଏହା ପୂର୍ବରୁ ଅନେକ ଦୋକାନରୁ ଚୋରି କରିବା ସ୍ୱୀକାର କରିଥିଲେ।

ଅନ୍ତର୍ଜାତୀୟ ସ୍ତରରେ ଦୁର୍ନୀତିକୁ ନେଇ ଭାରତର ଲଜ୍ଜାଜନକ ସ୍ଥିତିର ମୁଖ୍ୟ କାରଣ ହେଉଛି ଆମ ଦେଶର କିଛି ତଥାକଥିତ ସମ୍ଭ୍ରାନ୍ତ ଓ ସ୍ୱଚ୍ଛଳ ବର୍ଗର ଲୋକଙ୍କ ଛୋଟ ପ୍ରକୃତି। ଦୁର୍ନୀତି ହେଉଛି ଚୋରିର ଏକ ରୂପାନ୍ତରିତ ପ୍ରକ୍ରିୟା। ଏହା ଦେଶର ଦିନମଜୁରିଆ, ଶ୍ରମିକ, କୃଷକଙ୍କ ଭଳି ସାଧାରଣ ଲୋକଙ୍କ ଦ୍ୱାରା ହେଉନାହିଁ। ବିଭିନ୍ନ ପଦପଦବୀରେ ଥିବା ଦେଶର ସ୍ୱଚ୍ଛଳବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ଏହା ସାଧିତ ହେଉଛି। ସେମାନେ ଅଭାବରେ ପଡ଼ି ଦୁର୍ନୀତି କରନ୍ତି ନାହିଁ। ଆବଶ୍ୟକତା ନ ଥାଇ ମଧ୍ୟ ଅଧିକରୁ ଅଧିକ ସମ୍ପତ୍ତି ଠୁଳ କରିବା ଲୋଭର ବଶବର୍ତ୍ତୀ ହୋଇ କରନ୍ତି। ସ୍ୱଚ୍ଛଳ ହେଲେ ମଧ୍ୟ ନିଜ ଭିତରେ ଥିବା ଛୋଟ ପ୍ରକୃତିର ଆହ୍ୱାନରେ ଏଭଳି ହୀନ କାର୍ଯ୍ୟ କରିଥାନ୍ତି। ଯେଉଁଦିନ ବଡ଼ଲୋକମାନେ ଏହିସବୁ ଛୋଟ କାମ ପରିତ୍ୟାଗ କରିଦେବେ ସେହିଦିନ ହିଁ ଆମ ଦେଶରେ ସୁନାର ଭାରତ ହେବାର ପ୍ରକ୍ରିୟା ଆରମ୍ଭ ହୋଇଯିବ।

ଇମେଲ: prakas.tripathy09@gmail.com

# ଇଣ୍ଟରପୋଲ୍ ମୁଖ୍ୟ

ବ୍ୟକ୍ତିତ୍ୱ



କିମ୍ ଜଙ୍ଗ୍-ୟାଙ୍ଗ୍

ଅନ୍ତର୍ଜାତୀୟ ପୋଲିସ ସଙ୍ଗଠନ ବା ଇଣ୍ଟରପୋଲ୍ ବିଶ୍ୱବ୍ୟାପୀ ପୋଲିସ କ୍ଷେତ୍ରରେ ସହଯୋଗ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଚାଲିଛି। ଫ୍ରାନ୍ସର ଲିଅନ୍‌ଠାରେ ଏହାର ମୁଖ୍ୟାଳୟ ରହିଛି। ୧୯୨୩ରେ ଏହା ଗଠିତ ହୋଇଥିବା ବେଳେ ୧୯୪ ରାଷ୍ଟ୍ର ଏହାର ସଦସ୍ୟ ଅଛନ୍ତି। ଅନ୍ତର୍ଜାତୀୟ ସ୍ତରର ଅପରାଧୀଙ୍କୁ ଧରିବାରେ ଏହା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଭାଇ ଚାଲିଛି। ତେବେ ଏହାର ପୂର୍ବତନ ମୁଖ୍ୟ ମେଙ୍ଗ୍ ହଙ୍ଗ୍‌ୱେଇଙ୍କ ବିରୋଧରେ ୨୦୧୮ ସେପ୍ଟେମ୍ବରରେ ଲାଞ୍ଚ ଓ ଦୁର୍ନୀତି ଅଭିଯୋଗ ଆସିବାରୁ ସେ ବିବାଦୀୟ ହୋଇପଡ଼ିଥିଲେ। ମେଙ୍ଗ୍ ହେଉଛନ୍ତି ଚାଇନା ନାଗରିକ। ପୃଥିବୀର ସର୍ବବୃହତ୍ ଶକ୍ତିଶାଳୀ ପୋଲିସ ବାହିନୀ ଇଣ୍ଟରପୋଲର ମୁଖ୍ୟ ଏଭଳି ଗିରଫ ହେବା ସେତେବେଳେ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଥିଲା। ସେ ଅକ୍ଟୋବରରେ ପଦବୀରୁ ଇସ୍ତଫା ଦେଇଥିଲେ। ଫଳରେ ଦକ୍ଷିଣ କୋରିଆ ନାଗରିକ କିମ୍ ଜଙ୍ଗ୍-ୟାଙ୍ଗ୍‌ଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ଦିଆଯାଇଥିଲା। ନଭେମ୍ବର ୨୧ରେ ଦୁବାଇଠାରେ ଅନୁଷ୍ଠିତ ସଙ୍ଗଠନର ବାର୍ଷିକ କଂଗ୍ରେସରେ କିମ୍ ବିଧିବଦ୍ଧ ଭାବେ ଇଣ୍ଟରପୋଲ୍‌ର ମୁଖ୍ୟ ନିର୍ବାଚିତ ହେବା ପରେ ଏବେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି। ତାଙ୍କ ପୂର୍ବସୂରି ହଙ୍ଗ୍‌ୱେଇ ଇସ୍ତଫା ଦେବା ପରେ ବାକି ରହିଥିବା ଦୁଇବର୍ଷ ପାଇଁ ୟାଙ୍ଗ୍ କାର୍ଯ୍ୟକରିବେ ବୋଲି ଇଣ୍ଟପୋଲ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

କିମ୍ ୧୯୬୧ ଅକ୍ଟୋବର ୩୦ରେ ଦକ୍ଷିଣ କୋରିଆର ଚାଙ୍ଗ୍‌ୱନ୍‌ଠାରେ ଜନ୍ମଗ୍ରହଣ କରିଥିଲେ। ସିଓଲ ନ୍ୟାଶନାଲ ୟୁନିଭର୍ସିଟିରୁ ଡିଗ୍ରୀ ହାସଲ କରିବା ପରେ ସେ ପୋଲିସ ବାହିନୀରେ ଯୋଗ ଦେଇଥିଲେ। କିମ୍ ତାଙ୍କ କ୍ୟାରିୟରରେ ଗ୍ୟୋଓଙ୍ଗି ପ୍ରୋଭିନ୍‌ସିଆଲ୍ ପୋଲିସ ଏଜେନ୍ସିର ମୁଖ୍ୟ ପଦବୀକୁ ଉନ୍ନୀତ ହୋଇଥିଲେ। ସେହି ସମୟରେ ଦକ୍ଷିଣ କୋରିଆର ବିଭିନ୍ନ ପୋଲିସ ନୀତି ଫିଲିପାଇନ୍ସ ସମେତ ଅନ୍ୟ ରାଷ୍ଟ୍ରରେ ପ୍ରସାର କରିବାରେ ସେ ସତତ ପ୍ରୟାସ କରିଥିଲେ। ସେହିସବୁ ଦେଶଗୁଡ଼ିକ ସହ ଆର୍ଥିକ ସହାୟତା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରି ଦକ୍ଷଣ କୋରିଆର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଫଳରେ ସେ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ। ଦକ୍ଷିଣ କୋରିଆରେ ପୋଲିସ ବ୍ୟବସ୍ଥା ତାଙ୍କ ନେତୃତ୍ୱରେ ଅତ୍ୟନ୍ତ ଶୃଙ୍ଖଳିତ ହେବା ସହ ସୁରକ୍ଷା ଦିଗରେ ଏକ ନବଦିଗନ୍ତ ସୃଷ୍ଟି କରିଥିଲା। କିମ୍‌ଙ୍କ ନେତୃତ୍ୱ ବିଷୟରେ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା ହୋଇଥିଲା। ୨୦୧୫ରେ ଏସିଆ ପାଇଁ ସେ ଇଣ୍ଟରପୋଲ୍ ଉପ-ସଭାପତି ଭାବେ ନିର୍ବାଚିତ ହେଇ ନିଜ ପୋଲିସ କ୍ୟାରିୟରରେ ଆଉ ଏକ ଫର୍ଦ୍ଦ ଯୋଡ଼ିଥିଲେ। ହଙ୍ଗ୍‌ୱେଇ ଇଣ୍ଟରପୋଲ୍ ମୁଖ୍ୟ ପଦବୀରୁ ବିଦା ହେବା ପରେ ତାଙ୍କ ସ୍ଥାନରେ କିଏ ଅବସ୍ଥାପିତ ହେବେ ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। କିମ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ରୁଷିଆର ଆଲେକ୍‌ଜାଣ୍ଡର ପୋକୋପ୍‌ଚୁକ୍ ଉଭା ହୋଇଥିଲେ। ହେଲେ ଇଣ୍ଟରପୋଲ୍‌କୁ ରୁଷିଆ ସରକାରଙ୍କ କ୍ରମାଗତ ସମାଲୋଚନା ଆଲେକ୍‌ଜାଣ୍ଡରଙ୍କ ପ୍ରତି ନକାରାତ୍ମକ ଫଳ ଦେଇଥିଲା। ଅତଏବ କିମ୍‌ଙ୍କ ସଫଳତା ଦକ୍ଷିଣ କୋରିଆବାସୀଙ୍କୁ ଗର୍ବିତ କରିଛି। ରାଷ୍ଟ୍ରପତି ମୁନ୍ ଜାଏ-ଇନ୍ କହିଛନ୍ତି, କିମ୍ ପ୍ରଥମ କୋରିଆ ଅଧିବାସୀ ଭାବେ ଏଭଳି ଅନ୍ତର୍ଜାତୀୟ ସଙ୍ଗଠନର ମୁଖ୍ୟ ହୋଇପାରିଥିବାରୁ ତାଙ୍କ ପ୍ରତି ଦେଶବାସୀଙ୍କ ଶୁଭେଚ୍ଛା ରହିଛି।

କିମ୍ ଇଣ୍ଟରପୋଲ୍‌ର ମୁଖ୍ୟ ନିର୍ବାଚିତ ହେବା ପରେ ସଙ୍ଗଠନର ଟୁଇଟର ହ୍ୟାଣ୍ଡଲ୍‌ରେ ଉଲ୍ଲେଖ କରିଛନ୍ତି ଯେ, ପୃଥିବୀ ଏବେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଛି। ସେଥିମଧ୍ୟରୁ ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଗଭୀର ଭାବେ ପ୍ରଭାବିତ। ଏହାକୁ ଅତିକ୍ରମ କରିବାକୁ ହେଲେ ଏକ ବାସ୍ତବ ଦୃଷ୍ଟିଶକ୍ତିର ଆବଶ୍ୟକତା ରହିଛି। ସେଥିପାଇଁ ଭବିଷ୍ୟତ ଲାଗି ଆମକୁ ଏକ ସେତୁ ବାନ୍ଧିବାକୁ ପଡ଼ିବ ବୋଲି ସେ କହିଛନ୍ତି। ପୋଲିସ ବ୍ୟବସ୍ଥା ସହ ଦୀର୍ଘ ବର୍ଷର ଅଭିଜ୍ଞତା ଥିବାରୁ କିମ୍ ଇଣ୍ଟରପୋଲ୍ ମୁଖ୍ୟ ଭାବେ ସଙ୍ଗଠନକୁ ଏକ ନୂଆ ଦିଗ ଦେବେ ବୋଲି ଆଶା ରହିବା ସ୍ୱାଭାବିକ।

–ଜିତେନ୍ଦ୍ର

## ଏଇ ଭାରତରେ

କେତେକ କ୍ଷେତ୍ରରେ ଦେଖାଯାଏ ଯେ, କୌଣସି ବ୍ୟକ୍ତି ବଞ୍ଚି ଥାଉଥାଉ ତା'ର ମୃତ୍ୟୁ ଖବର ପ୍ରକାଶ ପାଏ। ଏଥିପାଇଁ ପରିବାର ଲୋକେ ମୃତ ଆତ୍ମୀୟଙ୍କ ବିରହରେ ଲୁହ ଝରାନ୍ତି। ନୋଏଡାରେ ଘରୋଇ ସହାୟିକା ଭାବରେ କାମ କରୁଥିବା ଜଣେ ତରୁଣୀଙ୍କ ମୃତ୍ୟୁଖବର କିଛିଦିନ ତଳେ ହିନ୍ଦୀ ଖବରକାଗଜରେ ପ୍ରକାଶ ପାଇଥିଲା। ଏହାକୁ ପାଠକରି ନିଜେ ତରୁଣୀ ମନଦୁଃଖ କରିବା ସହିତ ଗତ ନଭେମ୍ବର ୧୬ରେ ଝାଡଖଣ୍ଡସ୍ଥିତ ନିଜ ଘରେ ପହଞ୍ଚିଛନ୍ତି। ପ୍ରକାଶିତ ଖବର ଅନୁଯାୟୀ ଦିଲ୍ଲୀ ନେଇଥିବା ମାନବଚାଲାଣକାରୀଙ୍କଠାରୁ ସେ ଦରମା ଦାବି କରିବାରୁ ତାଙ୍କୁ ହତ୍ୟା କରାଯିବା ସହିତ ଖଣ୍ଡଖଣ୍ଡ କରି କାଟି ଡ୍ରେନ୍‌କୁ ପକାଇ ଦିଆଯାଇଥିଲା। ଏହି ଖବର ପଢ଼ିବା ପରେ ସମ୍ପୃକ୍ତା ତରୁଣୀ ତାଙ୍କ ଗାଁକୁ ତୁରନ୍ତ ଆସିବାକୁ ଉଚିତ ମଣିଥିଲେ। ଘରୋଇ ସେବିକାଙ୍କ ଭାଇ ମୃତଦେହ ଚିହ୍ନଟ କରିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ପଢ଼ି ସେ ବିସ୍ମିତ ହୋଇଥିବା ପ୍ରକାଶ କରିଛନ୍ତି। ତେଣୁ ସେ ବଞ୍ଚିଥିବା ବିଷୟ ପରିବାରକୁ ଜଣାଇବାକୁ ବ୍ୟାକୁଳ ହୋଇଥିଲେ। ନଭେମ୍ବର ୧୬ରେ ଉକ୍ତ ସେବିକା ଝାଡଖଣ୍ଡସ୍ଥିତ ନିଜଘରେ ପହଞ୍ଚିବା ପରେ ସ୍ଥାନୀୟ ପୋଲିସକୁ ଏ ବିଷୟ ଜଣାଇଛନ୍ତି। ତେବେ ଏ ସଂକ୍ରାନ୍ତରେ କେଉଁଠି ଭୁଲ ରହିଲା ପୋଲିସ ତାହାର ଖୋଳତାଡ ଆରମ୍ଭ କରିଛି। ଏଥିସହିତ ମରିଥିବା ଝିଅର ପ୍ରକୃତ ପରିଚୟ କ'ଣ ତାହାର ମଧ୍ୟ ଅନୁସନ୍ଧାନ ଜାରି ରହିଛି।

## ଚିରନ୍ତନୀ

ସେ କାଳ ଏକାଳ ପୀରତିରେ ସିନା
ବଦଳି ଗଲାଣି ବାହାର ରୂପ
ସବୁରି ତଳରେ ସତ ଯାହା ଅଛି
କହିବାର ନୁହେଁ, ରହିବା ଚୁପ।
(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 7 | | | 1 | 4 | 5 | | 6 | | |
| | | | | | | | 3 | | 6 | 7 | | D | | |
| | 2 | 8 | | | | 4 | | | | | | 7 | | |
| 6 | | | E | 1 | | 9 | 5 | | | A | | | | 4 |
| | | 4 | | | | | | | | D | 1 | E | | A |
| | C | | | | 6 | | 4 | | | 8 | | | | |
| | | | | | | 1 | | D | C | | 9 | A | | |
| | | | | 3 | B | | 2 | 5 | | E | 0 | | 4 | |
| | | 7 | | D | A | B | | 9 | | | 5 | | | |
| 2 | 8 | | | | 1 | C | | | B | | | 3 | | |
| | | | | | | | D | | | 0 | | 9 | | |
| | | | | 2 | 5 | | | A | 1 | | 3 | 8 | 6 | |
| E | 7 | | B | | | 0 | 6 | | | | | | | 3 |
| | B | 9 | 0 | E | 4 | | | | | | 6 | C | | |
| | 3 | A | | 8 | | | B | | 9 | | E | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | A | 6 | 1 | 0 | 2 | B | 3 | D | E | 8 | 7 | C | 4 | 5 |
| 0 | C | 2 | 6 | 8 | 5 | 4 | 7 | E | B | 9 | A | D | 1 | 3 |
| D | E | 8 | 4 | C | B | 9 | A | 5 | 3 | 1 | 6 | 0 | 2 | 7 |
| 1 | 3 | 7 | 9 | D | E | 0 | 2 | 8 | 4 | 5 | C | A | B | 6 |
| 4 | 5 | B | A | 7 | 3 | 6 | C | 1 | 2 | D | 0 | E | 9 | 8 |
| B | D | C | E | 5 | 0 | 8 | 6 | 2 | 9 | A | 4 | 7 | 3 | 1 |
| A | 0 | 3 | 8 | 4 | 9 | C | D | 7 | 1 | 2 | 5 | 6 | E | B |
| 2 | 8 | 1 | C | 6 | D | E | 9 | 3 | 0 | 7 | B | 5 | A | 4 |
| 7 | 6 | 9 | 3 | 1 | A | 5 | 4 | B | C | E | D | 2 | 8 | 0 |
| 5 | 4 | E | B | 2 | 7 | 1 | 0 | A | 6 | 3 | 8 | 9 | C | D |
| E | 2 | 5 | D | 3 | 6 | 7 | B | 4 | A | C | 1 | 8 | 0 | 9 |
| C | 7 | D | 0 | B | 8 | A | 1 | 9 | 5 | 4 | E | 3 | 6 | 2 |
| 8 | B | 0 | 7 | 9 | 4 | 3 | E | C | D | 6 | 2 | 1 | 5 | A |
| 6 | 9 | A | 2 | E | 1 | D | 5 | 0 | 8 | B | 3 | 4 | 7 | C |
| 3 | 1 | 4 | 5 | A | C | 2 | 8 | 6 | 7 | 0 | 9 | B | D | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ନଦାତାର ଦୁଃଖ

ମହାଶୟ,

ଅନ୍ନଦାତାର ଦୁଃଖ (୧୨।୧୧) ପ୍ରବନ୍ଧ ପାଇଁ ପ୍ରାବନ୍ଧିକ ପ୍ରକାଶବାବୁଙ୍କୁ ଅନ୍ତରର ସାଧୁବାଦ। 'ଅନନ୍ତ କୁମାର' ବାସ୍ତବରେ ପୂରା ଦେଶର ଚାଷୀକୁଳର ପ୍ରତିନିଧିତ୍ୱ କଲା ପରି ଲାଗୁଛି। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ପରି କାଞ୍ଚନ ଦେବୀଙ୍କ ବେକର କଳାଫିତା ଦର୍ଶାଇଦିଏ– ଚାଷୀ ପରିବାରର ସ୍ୱଚ୍ଛଳତା। ଏବେ ଅନ୍ନଦାତା ପରିସ୍ଥିତିରେ ପଡ଼ି ହା ଅନ୍ନ ଚିତ୍କାର କରୁଛି। ଶିକ୍ଷା, ସ୍ୱାସ୍ଥ୍ୟ, ପରିବାରର ସ୍ଥିତି ବିପର୍ଯ୍ୟସ୍ତ। ହିଡମାଟି ହିଡରେ ଦେଇ, ମାଟି ସାଥିରେ ମାଟି ହୋଇ ଫସଲ ଉପୁଜାଇଲା ପରେ ଅସଲରେ ତା' ପାଟିରେ ତାଲା ପଡ଼େ। କେଉଟ ମାରେ ମାଛ ଖାଏ କଙ୍କଡ଼ା ପରି ଉତ୍ପାଦିତ ଶସ୍ୟକୁ ଟେକିଦିଏ ଶାଗମାଛ ଦରରେ ବ୍ୟବସାୟୀଙ୍କୁ। ବ୍ୟବସାୟ ବୁଦ୍ଧିରେ ଦ୍ରବ୍ୟ ପାଲଟେ ସୁନାମୁଣ୍ଡା। କେଜିଏ ଆଳୁ ବିକୁଥିବା ରାସ୍ତାକଡ଼ ହାଟର ଚାଷୀ ଆଉ ଆଳୁଚିପ୍ସ କରି ବିକୁଥିବା କମ୍ପାନୀ ଏବଂ ଟମାଟୋ ବିକୁଥିବା ଚାଷୀ ଆଉ ଟମାଟୋ କେଚପ ବିକୁଥିବା ବହୁରାଷ୍ଟ୍ରୀୟ କମ୍ପାନୀ ଭିତରେ ପ୍ରଭେଦ ଦେଖନ୍ତୁ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

### ଶ୍ୱାନମାନଙ୍କ ପାଇଁ ବ୍ୟବସ୍ଥା

ବିଏମ୍‌ସି ତରଫରୁ ହକି ପାଇଁ ସମସ୍ତ ପ୍ରକାର ଗମନାଗମନ ବ୍ୟବସ୍ଥା ସରିଥିବା ବେଳେ ବୁଲୁଥିବା ପଶୁଙ୍କ ନିମନ୍ତେ ବିଶେଷ ବ୍ୟବସ୍ଥା କରାଯାଇଛି। ମାତ୍ର ଶ୍ୱାନମାନଙ୍କ ନିମନ୍ତେ କି କି ବ୍ୟବସ୍ଥା ହୋଇଛି ତାହା ପ୍ରକାଶ କରାଯାଇ ନାହିଁ। ଶ୍ୱାନ ଏକମାତ୍ର ଜୀବ ଯେ କି ମନୁଷ୍ୟ ସମାଜ ସହ ସଂଘର୍ଷ କରି ବଞ୍ଚି ରହିଥାଏ। ଏଣୁ ଭୁବନେଶ୍ୱର ଜୟଦେବ ବିହାରଠାରୁ ଏରୋଡ୍ରମ ପର୍ଯ୍ୟନ୍ତ ଶ୍ୱାନମାନଙ୍କ ନିମନ୍ତେ ସରକାର କି ବ୍ୟବସ୍ଥା କରିଛନ୍ତି ଜଣାଇବାକୁ ଅନୁରୋଧ।

ଡ. ଦିଲୀପ ମିଶ୍ର, ଭୁବନେଶ୍ୱର

### ଗୋଦରା କୋଡ଼େ ଯେତେ ମାଡ଼େ ସେତେ

ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରରେ ପରିଣତ ହୋଇଛି। ଏହା ଏବେ ବିଶ୍ୱର ୬ଷ୍ଠ ବୃହତ୍ତମ ଅର୍ଥନୀତି ଓ ଭବିଷ୍ୟତରେ ୫ମ ବୃହତ୍ତମ ରାଷ୍ଟ୍ର ହେବା ପାଇଁ ଉଦ୍ୟମରତ। ଏହା ଯେତିକି ସୁଖର ବିଷୟ, ଗତ ୪ ବର୍ଷ ଧରି ଭାରତ ବିଶ୍ୱର କ୍ଷୁଧା ସୂଚକାଙ୍କରେ କ୍ରମାଗତ ନିମ୍ନଗାମୀ ହେବା ସେତିକି ଦୁର୍ଭାଗ୍ୟପୂର୍ଣ୍ଣ। ୨୦୧୫ରେ ଦେଶରେ କ୍ଷୁଧାର୍ତ୍ତଙ୍କ ସଂଖ୍ୟା ୮ କୋଟି ଥିବାବେଳେ ୨୦୧୬ରେ ୧୦ କୋଟି ଓ ୨୦୧୭ରେ ୧୨ କୋଟିରେ ପହଞ୍ଚିଛି। ଗୋଦରା କୋଡେ ଯେତେ ମାଡେ ସେତେ ପରି ଅର୍ଥନୈତିକ ଅଭିବୃଦ୍ଧି ସହିତ ତାଳଦେଇ ଯଦି ଦାରିଦ୍ର୍ୟ, କ୍ଷୁଧା ଓ ଅପପୁଷ୍ଟିର ଦ୍ରୁତ ଅଭିବୃଦ୍ଧି ଘଟିଚାଲେ ତେବେ ସେ ବିକାଶ ମୂଲ୍ୟହୀନ। କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏଥିପ୍ରତି ସାବଧାନ ହେବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ

ବର୍ତ୍ତମାନ ଆମ ଓଡିଆ ଚ୍ୟାନେଲରେ ପ୍ରସାରିତ ଧାରାବାହିକଗୁଡିକରେ ନକାରାତ୍ମକ ତଥା ଅନ୍ଧବିଶ୍ୱାସ (ଭୂତ, ପ୍ରେତ, ଭଣ୍ଡ ବାବା) ଚରିତ୍ର ପ୍ରଦର୍ଶନ କରାଯାଉଛି, ଯାହା ଆଜିର ଯୁଗରେ ଅବିଶ୍ୱସନୀୟ। ଏମିତିରେ ବର୍ତ୍ତମାନ ବିଜ୍ଞାନ ଯୁଗରେ ଅନ୍ଧବିଶ୍ୱାସକୁ ମାନୁଥିବା ଲୋକଙ୍କର ଅଭାବ ନାହିଁ। ଏସବୁ ଦୃଷ୍ଟିରୁ ଦେଖିଲେ ଏହା ଗୋଟିଏ ପ୍ରକାର ଅନ୍ଧବିଶ୍ୱାସକୁ ପ୍ରୋତ୍ସାହିତ କରୁଛି, ଯାହା ଦୁର୍ଭାଗ୍ୟଜନକ। ଧାରାବାହିକଗୁଡିକ ସକାରାତ୍ମକ ତଥା ସାମାଜିକ କାହାଣୀ ଉପରେ ପର୍ଯ୍ୟବସିତ ହେବା ଉଚିତ। ଏଥିପ୍ରତି କାହାଣୀ ଲେଖକ ଓ ନିର୍ଦ୍ଦେଶକ ଧ୍ୟାନ ଦେବା ଆବଶ୍ୟକ।

ସନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତା



**ରାଜନଗର,୨୪।୧୧(ଡିଏନଏ):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଜନଗରର ଡିଜେ ଭାଇରସ କ୍ଲବ ପକ୍ଷରୁ ଶୁକ୍ରବାର ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ବରିଷ୍ଠ ଆଇନଜୀବୀ ମହେଶ୍ୱର ସେଠୀ ପୌରୋହିତ୍ୟ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ,ସମ୍ମାନିତ ଅତିଥି ଭାବେ ପ୍ରାଣୀ ଚିକିତ୍ସକ ଡା. ଦେବୀ ପ୍ରସାଦ କୁଣ୍ଡ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତଥା ଗାଳ୍ପିକ ରତ୍ନାକର ନାୟକ ଯୋଦେଇଥିଲେ। ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବ। ବ୍ଲକର ବିଭିନ୍ନ ଗ୍ରାମରୁ ବହୁ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରି ନୃତ୍ୟ ପରିବେଶଣ କରିଥିଲେ। ଦେବଦତ୍ତ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ବିକାଶ ସେଠୀ, ସଂପାଦକ ଧୀବର ସେଠୀ ଏବଂ ଅନୁଷ୍ଠାନର ସଦସ୍ୟମାନେ ସହଯୋଗ କରିଥିଲେ।

### ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା



**ରାଜନଗର, ୨୪।୧୧ (ଡିଏନଏ):** ରାଜନଗର ବ୍ଲକର ଗୋସିଗାଁସ୍ଥିତ ଗର୍ତ୍ତେଶ୍ୱର ମନ୍ଦିର ନିକଟରେ ଗ୍ରାମର ଯୁବକ ସଂଘ ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଶୁକ୍ରବାର ପ୍ରଥମ ସନ୍ଧ୍ୟାରେ ରାଜନଗରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଯୁବକ ସଂଘର ସଭାପତି ଶରତ କୁମାର ରାଉତ, ଅଜିତ କୁମାର ରାଉତ, ରଞ୍ଜନ କୁମାର ପାଢୀ, କ୍ଷୀରୋଦ କୁମାର ରାଉତ, ମାନସ କୁମାର ନାୟକ, ସୁଧାଂଶୁ ରାଉତଙ୍କ ସମେତ କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ସେହିପରି ରାଜନଗର ବ୍ଲକ ବାଲିସାହିପାଟଣା ଗ୍ରାମ ପଞ୍ଚାୟତର ଧାନଦିଆ ଗାଁରେ ଅଷ୍ଟମ ପ୍ରହରୀ ନାମଯଜ୍ଞ ଓ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଯାଇଛି। ରବିବାର ଠାରୁ ଗ୍ରାମର ଧବଳେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଶ୍ରୀ ସତ୍ୟସାଇବାବାଙ୍କ ଜନ୍ମୋତ୍ସବ ପାଳିତ



**ମାର୍ଶାଘାଇ,୨୪।୧୧(ଡିଏନଏ):** ଶ୍ରୀ ସତ୍ୟସାଇ ବାବାଙ୍କ ୯୩ ତମ ଜନ୍ମୋତ୍ସବ ଶୁକ୍ରବାର ସତ୍ୟସାଇ ସେବା ସମିତି ତରଫରୁ ମାର୍ଶାଘାଇର ସତ୍ୟସାଇ ମନ୍ଦିରରେ ପାଳିତ ହୋଇଯାଇଛି। କାର୍ଯ୍ୟସୂଚୀ ମୁତାବକ ସାଇ ମନ୍ଦିରରେ ଭୋର ୪ଟା ୩୦ରେ ଓଁକାରମ୍ ଓ ପରେ ନଗର ସଂକୀର୍ତ୍ତନ , ୮ଟା ୧୫ ରେ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ ,୯ଟା ୩୦ରେ ଷୋଡଶ ଉପଚାର ପୂଜା,ସନ୍ଧ୍ୟା ୫ଟା ୩୦ରେ ୪୩ ଗୋଟି ପ୍ରଦୀପ ପ୍ରଜ୍ୱଳନ ,୭ଟା୧୫ରେ ମହାଜ୍ୟୋତି ଦର୍ଶନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସତ୍ୟସାଇ ସେବା ସମିତିର ଆବାହକ ମୌର୍ଯ୍ୟଶ୍ରୀ ସ୍ୱାଇଁ, ଜିଲା ସଭାପତି ଚନ୍ଦ୍ରମଣି ସାହୁ ,କୃତ୍ତିବାସ ମଲ୍ଲିକ, ତପନ କୁମାର ମାହାଳି, କୀର୍ତ୍ତିମୟୀ ପ୍ରଧାନ, ସାଇ କ୍ରିଷ୍ଣା ସ୍ୱାଇଁ, ଅସିତ୍ ମହାରଣା ଓ ବିକଳି ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର କୁନି କୁନି ପିଲାମାନେ 'ସାନ ସିନା ଦାନ ତା ମହାନ୍' ନାଟକ ପରିବେଷଣ କରିଥିଲେ।

■ ବୋଇତ ବନ୍ଦାଣ ସମିତିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

# ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାରେ କେନ୍ଦ୍ରାପଡ଼ାର ସ୍ଥାନ ସ୍ୱତନ୍ତ୍ର

**କେନ୍ଦ୍ରାପଡା ଅଫିସ, ୨୪।୧୧**

କେନ୍ଦ୍ରାପଡା ଜିଲା ବୋଇତ ବନ୍ଦାଣ ସମିତିର ୨ଦିନ ଧରି ଚାଲିଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି।ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା, ଆଲୋଚନାଚକ୍ର, ବୋଇତ ବନ୍ଦାଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମିତି ପକ୍ଷରୁ ସହରର ଖଡିଅଙ୍କସ୍ଥିତ ମହାଭୋଇ ପୋଖରୀରେ ଶୁକ୍ରବାର ପ୍ରତ୍ୟୁଷରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଥିଲା। ବୋଇତ ବନ୍ଦାଣ ପୂର୍ବରୁ ସହରର ରାମମନ୍ଦିରରୁ ମହାଭୋଇ ପୋଖରୀ ପର୍ଯ୍ୟନ୍ତ ଜଳଉତ୍ସ ସୁରକ୍ଷା ଦାବିରେ ଗଣଦୌଡ ହୋଇଥିଲା । ଅପରାହ୍ନରେ ଫ୍ୟାନ୍ସି ଡ୍ରେସ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସନ୍ଧ୍ୟାରେ ସମିତିର ସଭାପତି ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ଦାଶରଥି ଶତପଥୀ, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସୟଦ ଅନୱରଲାଲ ହୁଦା, କବି ଶତ୍ରୁଘ୍ନ ପାଣ୍ଡବ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ବିରଞ୍ଚି ନାରାୟଣ ଜଗଦେବ, ଚିନ୍ମୟ ବେହୁରା ଓ ଗାୟତ୍ରୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ଅତିଥିମାନେ କେନ୍ଦ୍ରାପଡା ଜିଲା ଓ ଏହାର ବାଣିଜ୍ୟିକ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାରେ କେନ୍ଦ୍ରାପଡ଼ା ଜିଲାର ସ୍ଥାନ ସ୍ୱତନ୍ତ୍ର ବୋଲି ସେମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ସଞ୍ଜୟ ରାଉତ, ସଦସ୍ୟ ବୈଷ୍ଣବ ଚରଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ଶନିବାର ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଖାଦ୍ୟ କମିଶନ ସଦସ୍ୟା ସିପ୍ରା ମଲ୍ଲିକ, ଅଧ୍ୟାପକ ଭୁବନମୋହନ ଜେନା ଓ ଅଜୟ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।




ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

■ ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା

# ଷ୍ଟୁଆର୍ଟ କଲେଜ ଚାମ୍ପିୟନ

**କେନ୍ଦ୍ରାପଡା ଅଫିସ, ୨୪।୧୧**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା ଆନ୍ତଃମହାବିଦ୍ୟାଳୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି । କଟକର ଷ୍ଟୁଆର୍ଟ କଲେଜ ଟିମ୍ ଓ ଯାଜପୁର ଜିଲାର ଚିତାଲୋ କଲେଜ ଟିମ୍ ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ଏଥିରେ ଷ୍ଟୁଆର୍ଟ କଲେଜ ବିଜୟୀ ହୋଇ କେନ୍ଦ୍ରାପଡା ଜୋନସ୍ତରୀୟ ଚାମ୍ପିୟନ ହୋଇଛି। ଚିତାଲୋ କଲେଜ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୬୨ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଖେଳାଳି ନିଶିକାନ୍ତ ରାଉତ ସର୍ବାଧିକ ୬୨ ରନ ଓ ହିମାଂଶୁ ଧଳ ୩୩ ରନ କରିଥିଲେ । ଜବାବରେ ଷ୍ଟୁଆର୍ଟ କଲେଜ ଟିମ୍ ଖେଳାଳି ସାଇଶ୍ୟାମ ମହାନ୍ତିଙ୍କ ୭୩ ରନ ଓ ସୁବାଶିଷ ବେହେରାଙ୍କ ଅପରାଜିତ ୬୬ ରନ ସହାୟତାରେ ୧୮ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୬୩ ରନ କରି ବିଜୟୀ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ବିଧୁମିତ୍ର ବଳ, ପ୍ରାଧ୍ୟାପକ ଗୋପାଳ ଚନ୍ଦ୍ର ବେହେରା, ଡ. ଶ୍ରୀଧର ସାମଲ, ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଡ. ବୀରେନ କୁମାର ରାଉତ, ରଣଜିତ ଦାସ ଓ ଅଶୋକ କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଜ୍ୟୋତିର୍ମୟ ଦାସ, ବସନ୍ତ କୁମାର ଲେଙ୍କା ଓ ଦେବେନ୍ଦ୍ର ସାହୁ ସାମିଲ ହୋଇଥିଲେ। ଫାଇନାଲ ମ୍ୟାଚକୁ ଜ୍ୟୋତିନାରାୟଣ ଶତପଥୀ, ସତ୍ୟପ୍ରକାଶ ତ୍ରିପାଠୀ ଓ ଅସୀତ ଦାସ ପରିଚାଳନା କରିଥିଲେ ।




ବିଜୟୀ ଦଳ ସହ ଅନ୍ୟମାନେ।

### ଚିକିତ୍ସାଳୟରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି

**କେନ୍ଦ୍ରାପଡା ଅଫିସ, ୨୪।୧୧**

କେନ୍ଦ୍ରାପଡା ସହରର ମାଧପୁରସ୍ଥିତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଚିକିତ୍ସାଳୟରେ ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ନିମନ୍ତେ ଶନିବାର ଦାବି କରାଯାଇଛି । ଏନେଇ ଅନୁଷ୍ଠାନ ପକ୍ଷରୁ ସଦସ୍ୟ ଶେଷଦେବ ମଲ୍ଲିକ ସିଡିଏମ୍‌ଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏସମ୍ପର୍କରେ ଅନୁଷ୍ଠାନର ସମ୍ପାଦିକା ବନସ୍ମିତା ନାୟକ ସୂଚନା ଦେଇଛନ୍ତି ଯେ, ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ୨୦୧୬ ଅନୁଯାୟୀ, ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଓ ପ୍ରମାଣପତ୍ର ପ୍ରାପ୍ତି ଲାଗି ପଥ ସୁଗମ ହେବା ଆବଶ୍ୟକ। ମାତ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରମାଣପତ୍ର ପରୀକ୍ଷା ସ୍ଥାନରେ ଏଥିଲାଗି କୌଣସି ବ୍ୟବସ୍ଥା ନ ଥିବାରୁ ଭିନ୍ନକ୍ଷମମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଉଟଡୋରରେ ଭିନ୍ନକ୍ଷମମାନଙ୍କ ପାଇଁ ଟିକେଟ୍ କାଟିବା ନିମନ୍ତେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲିବାକୁ ଦାବି କରାଯାଇଛି। ଏଥିସହ ଅଗ୍ରାଧିକାର ଭିତ୍ତିରେ ଦିବ୍ୟାଙ୍ଗମାନଙ୍କୁ ସେବା ପ୍ରଦାନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ବୋଲି ନାୟକ କହିଥିଲେ।

# କୁମ୍ଭୀର ଆକ୍ରମଣରେ ମୃତବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା

**ପଟ୍ଟାମୁଣ୍ଡାଇ,୨୪।୧୧(ସ୍ୱ.ପ୍ର.)**

କୁମ୍ଭୀର ଆକ୍ରମଣରେ ମୃତ୍ୟୁବରଣ କରିଥିବା ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ମଠସାହି ଗ୍ରାମର ଶରତ ମଲ୍ଲିକ(୪୮)ଙ୍କ ପରିବାରକୁ ରାଜନଗର ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଶନିବାର ସରପଞ୍ଚ ବିରଞ୍ଚି ନାରାୟଣ ଦାଶ ଓ ଅନ୍ୟମାନଙ୍କ ଉପସ୍ଥିତିରେ ରାଜନଗର ବନଖଣ୍ଡ ଅଧିକାରୀ ନବୀନ ଚନ୍ଦ୍ର ମଲ୍ଲିକ ଶରତଙ୍କ ସ୍ତ୍ରୀ ପୁଷ୍ପଲତା ଓ ତାଙ୍କର ୨ ଜଣ ପିଲାଙ୍କୁ ୩ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଶରତଙ୍କ ବଡପୁଅ ବିଶ୍ୱଜିତ୍ ମଲ୍ଲିକ ବାହାରେ ପାଠ ପଢୁଥିବାରୁ ସେ ଆସିଲେ ତାଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯିବ ବୋଲି ଅଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି । ଗତ ୩ ମାସ ତଳେ ଶରତଙ୍କୁ ଗାଁ ପାଖ ବ୍ରାହ୍ମଣୀ ନଦୀ ଗାଧୁଆ ତୁଠରୁ କୁମ୍ଭୀର ଝାମ୍ପି ନେବା ଫଳରେ ଏହି ପରିବାର ବେସାହାରା ହୋଇ ପଡିଥିଲେ। କୁମ୍ଭୀର ଉପଦ୍ରବ କରୁଥିବା ନେଇ ପଞ୍ଚାୟତବାସୀ ବାରମ୍ବାର ବନବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇଥିଲା । ବନବିଭାଗର ଅବହେଳା ଯୋଗୁ ଏପରି ଘଟଣା ଘଟିଲା ବୋଲି ଅଭିଯୋଗ କରି ପଞ୍ଚାୟତବାସୀ କ୍ଷତିପୂରଣ ଦାବି କରିଥିଲେ । ଏଥିନେଇ ବନବିଭାଗ ସହମତି ପ୍ରଦାନ କରିଥିଲେ ହେଁ ସହାୟତା ରାଶି ପ୍ରଦାନରେ ବିଳମ୍ବ ହୋଇଥିଲା। ତେବେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ହସ୍ତକ୍ଷେପ କରିବା ଫଳରେ ଶନିବାର ଶରତଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଛି ।



ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

### ଅଗ୍ନିକାଣ୍ଡରେ ୩ ବଖରା ପୋଡିଗଲା

**ପଟ୍ଟାମୁଣ୍ଡାଇ, ୨୪।୧୧ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଞ୍ଚାୟତ କଦମଦାଣ୍ଡି ଗ୍ରାମର ବୀର କିଶୋର ପଣ୍ଡାଙ୍କ ଘରେ ଶନିବାର ଅପରାହ୍ନ ୫ଟାରେ ଅଗ୍ନିକାଣ୍ଡ ଘଟି ୩ ବଖରା ପୋଡିଯାଇଛି । ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ଖବରପାଇ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କୌଣସି ଜିନିଷ ଉଦ୍ଧାର କରାଯାଇ ପାରିନାହିଁ । ଅଗ୍ନିକାଣ୍ଡରେ ଧାନ, ଚାଉଳ, ବିରି , ମୁଗ ସମେତ ଘରକରଣା ଆସବାବପତ୍ର ପୋଡିଯାଇଛି। କ୍ଷୟକ୍ଷତିର ପରିମାଣ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଉଛି । ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଶ୍ରୀରାମପୁର ପଞ୍ଚାୟତ ସରପଞ୍ଚ ବିରଞ୍ଚି ନାରାୟଣ ଦାଶ, ନିରଞ୍ଜନ ଦାଶ, ପ୍ରକାଶ କୁଣ୍ଡ, ଦୁର୍ଯୋଧନ ପଣ୍ଡା ପ୍ରମୁଖ ଦାବି କରିଛନ୍ତି ।

# କୁଜଙ୍ଗରୁ ଦୁଇ ଅପରାଧୀ ଗିରଫ

**ଡେରାବିଶ,୨୪।୧୧(ସ୍ୱ.ପ୍ର.)**

ଗତ କେତେ ମାସ ହେଲା ଡେରାବିଶ ଥାନା ଅଞ୍ଚଳରେ ଚୋରି ଓ ରାହାଜାନି ଘଟଣା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ପୋଲିସ ଏବେ ଆକ୍ସନ ମୁଡ୍‌ରେ ରହିଛି। ଡେରାବିଶ ଥାନା ଅଞ୍ଚଳରେ ହୋଇଥିବା ତିନିଗୋଟି ଚୋରି ଘଟଣାରେ ସଂପୃକ୍ତ ଥିବା ଦୁଇ ଅପରାଧୀଙ୍କୁ ଡେରାବିଶ ପୋଲିସ ଜଗତସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳରୁ ଗତ ଗୁରୁବାର ବିଳମ୍ବିତ ରାତିରେ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ମେ ମାସ ୧୬ ତାରିଖ ରାତିରେ ଥାନା ଅଧୀନ ପଳେଇ ବଜାରରେ ଥିବା ମୋବାଇଲ ଟାୱାରରେ ପଶି ଦୁର୍ବୃତ୍ତମାନେ ବ୍ୟାଟେରି ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୭୧/୧୮ନଂରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିପରି ଗତ ମାସରେ ଲକ୍ଷ୍ମୀନାରାୟଣପୁର ଅଞ୍ଚଳରେ ଥିବା ଏକ ଟେଣ୍ଟ ହାଉସରୁ ଚୋରି ଘଟଣାରେ ପୋଲିସ ୧୧୦/୧୮ ଏବଂ ଏଣ୍ଡର ପଞ୍ଚାୟତର ନୀଳକଣ୍ଠପୁର ବଜାରରେ ହୋଇଥିବା ଚୋରି ଘଟଣାରେ ୧୨୬/୧୮ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଉକ୍ତ ଚୋରି ମାମଲାରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଜାଲ ବିଛାଇ ଥିଲା। ତେବେ ଗତ ଗୁରୁବାର କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଏଏସଆଇ ଭାଗବତ ମହାଳି ଏବଂ ପୋଲିସ ଟିମ୍ ଜଗତସିଂହପୁର ଜିଲାର କୁଜଙ୍ଗ ପୋଲିସ ସହାୟତାରେ ବିଳମ୍ବିତ ରାତିରେ ଉକ୍ତ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରି ଏହି ସମସ୍ତ ଚୋରିରେ ସଂପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କୁଜଙ୍ଗ ଥାନା ଅଧୀନ ପରିଅଙ୍ଗ ଗ୍ରାମର ସୁଜିତ କୁମାର ସାମଲ(୩୫) ଓ ମାର୍ଶାଘାଇ ଥାନା ଅନ୍ତର୍ଗତ ବେଲାରୀ, ନୂଆଗାଁ ଗ୍ରାମର ସୂର୍ଯ୍ୟମଣି ଓରଫ ରାଜକିଶୋର ଜେନା (୩୨)। ତେବେ ପୋଲିସର ଚଢାଉ ସମୟରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାଯାଇଛି। ଅପରପକ୍ଷରେ ଗିରଫ ଅଭିଯୁକ୍ତଙ୍କ ନାମରେ ଅନ୍ୟ କେତେକ ଥାନାରେ ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାଯାଇଛି।

### ଡିସେମ୍ବର ୧୦ରୁ ଗାଁ ସାଥୀଙ୍କ ଆନ୍ଦୋଳନ

**କେନ୍ଦ୍ରାପଡା ଅଫିସ, ୨୪।୧୧**

ରାଜ୍ୟ ସରକାର ଡିସେମ୍ବର ୭ ସୁଦ୍ଧା ଗାଁ ସାଥୀଙ୍କ ସମସ୍ୟାର ସମାଧାନ ନ କଲେ ୧୦ରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ। ଏଭଳି ଆଭିମୁଖ୍ୟ ରଖି କେନ୍ଦ୍ରାପଡା ଜିଲା ଗାଁ ସାଥୀ ସଂଘ ପକ୍ଷରୁ ଏକ ବୈଠକ ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କନକଲତା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସରକାରଙ୍କ ସହ ଆଲୋଚନାରେ କୌଣସି ସୁଫଳ ମିଳୁ ନ ଥିବା ଦର୍ଶାଯାଇଥିଲା । ସମ୍ପାଦକ ବିଜୟ କୁମାର ନାଥ, ଇନ୍ଦ୍ରମଣି ସାହୁ, ବିଜୟ କୁମାର ସାହୁ ଓ ନବଘନ ସାହୁ ପ୍ରମୁଖ ଏଥିରେ ଭାଗ ନେଇଥିଲେ । ବୈଠକରେ ସୁରଜିତ ବେହେରା, ପ୍ରିୟସ୍ମିତା ସାହୁ, ହେମନ୍ତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୫।୧୧।୨୦୧୮ (ରବିବାର)**

■ ଏନ୍‌ସିସି ଡେ ପାଳନ ଅବସରରେ ପୁରାତନ କ୍ୟାଡେଟଙ୍କ ବନ୍ଧୁ ମିଳନ
**ସ୍ଥାନ–** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ–** ପୂର୍ବାହ୍ନ ୧୦ଟା

**୨୬।୧୧।୨୦୧୮ (ସୋମବାର)**

■ ମିଳିତ ଜନଶୁଣାଣି ଶିବିର
**ସ୍ଥାନ–**ମହାକାଳପଡା ବ୍ଲକ କାର୍ଯ୍ୟାଳୟ, **ସମୟ–** ପୂର୍ବାହ୍ନ ୧୦ଟା୩୦ ମିନିଟ

■ ହୀରକ ଜୟନ୍ତୀ ଉତ୍ସବ
**ସ୍ଥାନ–** ଆଇନପଡା– ପଛପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ
**ସମୟ–** ପୂର୍ବାହ୍ନ ୧୦ଟା୩୦ ମିନିଟ

**୨୭।୧୧।୨୦୧୮ (ମଙ୍ଗଳବାର)**

■ ଆଇନପଡା– ପଛପଡା ଗାଁ ଉତ୍ସବ ବସୁଧା ପାଇଁ ରାଜ୍ୟସ୍ତରୀୟ କବି ସମ୍ମିଳନୀ।
**ସ୍ଥାନ–** ଆଇନପଡା– ପଛପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, **ସମୟ–** ପୂର୍ବାହ୍ନ ୧୦ଟା ୩୦ ମିନିଟ

■ ବ୍ଲକସ୍ତରୀୟ ବିଜ୍ଞାନମେଳା।
**ସ୍ଥାନ–** ରାମଚଣ୍ଡୀ ବିଜୟାନନ୍ଦ ହାଇସ୍କୁଲ, ରାମନଗର, ମହାକାଳପଡା, **ସମୟ–** ପୂର୍ବାହ୍ନ ୧୦ଟା

■ ବିଧାୟକଙ୍କ ଜନସମ୍ପର୍କ ଯାତ୍ରା।
**ସ୍ଥାନ–** ମତ୍ସ୍ୟଜେଟି, ଖରିନାସୀ, ମହାକାଳପଡା, **ସମୟ–** ଅପରାହ୍ନ ୩ଟା

**୨୮।୧୧।୨୦୧୮ (ବୁଧବାର)**

■ ଆଇନପଡା– ପଛପଡା ଗାଁ ଉତ୍ସବ ବସୁଧାର ଉଦ୍‌ଯାପନୀ ସମାରୋହ
**ସ୍ଥାନ–** ଆଇନପଡା– ପଛପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, **ସମୟ–** ସନ୍ଧ୍ୟା ୬ଟା

**୨୯।୧୧।୨୦୧୮ (ଗୁରୁବାର)**

■ ଜିଲାସ୍ତରୀୟ ବିଜ୍ଞାନମେଳା।
**ସ୍ଥାନ–** ଏସ୍‌କେସି ହାଇସ୍କୁଲ, ପତ୍ରପୁର, ଆଳି, **ସମୟ–** ପୂର୍ବାହ୍ନ ୧୦ଟା

**୩୦।୧୧।୨୦୧୮ (ଶୁକ୍ରବାର)**

■ ଆର୍ଦ୍ରଭୂମି ସୁରକ୍ଷା ଅଭିଯାନ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଜନ ଆନ୍ଦୋଳନ।
**ସ୍ଥାନ–** ତାଳଚୁଆରୁ ରାଜନଗର, **ସମୟ–** ପୂର୍ବାହ୍ନ ୭ଟା

■ ସିଦ୍ଧ ମରିଚାଣୀ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ସମାରୋହ।
**ସ୍ଥାନ–** ବଗଡା, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା

**୧।୧୨।୨୦୧୮ (ଶନିବାର)**

■ ସିଦ୍ଧ ମରିଚାଣୀ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିନ।
**ସ୍ଥାନ–** ବଗଡା, କେନ୍ଦ୍ରାପଡା,**ସମୟ–**ପୂର୍ବାହ୍ନ ୧୦ଟା

■ ମାଟିଆ ମଙ୍ଗଳା ପୀଠରେ ପ୍ରଥମ ବୋଇତ ବନ୍ଦାଣ ଉତ୍ସବ

# ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଐତିହ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିଛି



ବୋଇତ ବନ୍ଦାଣ ଉତ୍ସବ ଅବସରରେ ସାଧବ ପୁଅ ଓ ଅନ୍ୟମାନେ।

**ରାଜନଗର, ୨୪।୧୧(ଡିଏନଏ)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରଥମଥର ପାଇଁ ମା'ମାଟିଆ ମଙ୍ଗଳା ଯୁବ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଏହି ମହୋତ୍ସବକୁ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ଉଦ୍‌ଘାଟନ କରି ଓଡିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଆମ ଐତିହ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ତଅପୋଇର ବଂଶଧରମାନେ ପ୍ରକୃତିର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସାତଦରିଆ ପାରି ହୋଇ ବାଣିଜ୍ୟ ବ୍ୟବସାୟ କରୁଥିଲେ। ଏହି ସମୟରେ ସେମାନେ ଦରିଆପାରି ଦେଶ ସହ ବନ୍ଧୁତ୍ୱର ବନ୍ଧନରେ ବାନ୍ଧି ହୋଇ ଯାଉଥିଲେ । ଏହାକୁ ମନେ ପକାଇବା ପାଇଁ ବାରଗାଁର ଯୁବକମାନଙ୍କ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ ଆୟୋଜନ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ପରିଷଦର ସଭାପତି ଅପୂର୍ବ ରଞ୍ଜନ ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, ଆଇନଜିବୀ ଭୀମସେନ ଭୂୟାଁ, ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ, ବିଡିଓ ମନ୍ଦରଧର ମହାଳିକ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ନନ୍ଦ କିଶୋର ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ କାର୍ତ୍ତିକ ପୂର୍ଣ୍ଣିମା ସହିତ ଯୋଡି ହୋଇଥିବା ସାଧବ ପୁଅଙ୍କର କୀର୍ତ୍ତିରାଜି ଉପରେ ମତବ୍ୟକ୍ତ କରିଥିଲେ। ଶୁକ୍ରବାର ପ୍ରତ୍ୟୁଷରୁ ମା' ମାଟିଆ ମଙ୍ଗଳା ପୀଠରୁ ସାଧବପୁଅମାନେ ନୌକାଯାତ୍ରା କରିବାକୁ ଯିବା ପୂର୍ବରୁ ସାଧବାଣୀମାନେ ପୂଜାର୍ଚ୍ଚନା କରିବାର ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ବୋଇତ ବନ୍ଦାଣ ଉତ୍ସବକୁ ରାଜନଗର ଆଇଆଇସି ସୁକାନ୍ତ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ପଦ୍ମଲୋଚନ ରାଉତ ,ସୁନିଲ ରାଉଳ, କୈଳାସ ପାତ୍ର, ଭଗବତୀ ନାୟକ, ରଞ୍ଜନ ରାଉଳ, ପ୍ରଦୀପ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ୧୦୮ ଆମ୍ବୁଲାନ୍ସ




ଓଲଟି ପଡିଥିବା ଆମ୍ବୁଲାନ୍ସ।

**ମହାକାଳପଡା,୨୪।୧୧(ଡି.ଏନ୍.ଏ.)**

ମହାକାଳପଡା–ଅଳାଇଲ ମୁଖରାସ୍ତାର ଜାଲକଣା ଗ୍ରାମ ନିକଟ ରାସ୍ତାରେ ଶନିବାର ସନ୍ଧ୍ୟାରେ ଭାରସାମ୍ୟ ହରାଇବାରୁ ଏକ ୧୦୮ ଆମ୍ବୁଲାନ୍ସ ଓଲଟି ପଡିଛି। ଏଥିରେ କୌଣସି ରୋଗୀ ନ ଥିବା ସୂଚନା ମିଳିଛି। ସନ୍ଧ୍ୟା ୮ଟା ବେଳେ ଆମ୍ବୁଲାନ୍ସଟି ଅଳାଇଲରୁ ମହାକାଳପଡା ଆଡେ ଆସୁଥିବା ବେଳେ ଏକ ବାଇକ୍‌କୁ ସାଇଡ୍ ଦେବାକୁ ଯାଇ ଆମ୍ବୁଲାନ୍ସ ଭାରସାମ୍ୟ ହରାଇଥିଲା। ଏଥିରେ ଡ୍ରାଇଭର ଓ ହେଲପର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

ପାର୍ଲାମେଣ୍ଟ ଅଧିବେଶନରେ ବାରମ୍ବାର ସୃଷ୍ଟି ହେଉଥିବା ବ୍ୟାଘାତକୁ ନେଇ ରାଜନୈତିକ ଦଳ ଏବଂ ଏମ୍‌ପିମାନେ ଆତ୍ମସମୀକ୍ଷା କରନ୍ତୁ। ସେମାନେ ସଂସଦୀୟ ଗଣତନ୍ତ୍ରର ପରମ୍ପରା ଓ ମୂଲ୍ୟବୋଧକୁ ସମ୍ମାନ ଦିଅନ୍ତୁ।

–ଏମ୍.ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ସଂକ୍ଷେପରେ

### ଭାରତ-ଚାଇନା ସୀମା ଆଲୋଚନାରେ ଡୋଭାଲ, ୱାଙ୍ଗ୍



**ବେଜିଂ,୨୪।୧୧(ପି.ଟି.):** ଡୋକ୍‌ଲାମ୍ ଝଡ଼ ସାମାନ୍ୟ ଥମିବା ପରେ ଏବେ ଭାରତ ଏବଂ ଚାଇନା ସମ୍ପର୍କ ଏକ ନୂଆ ମୋଡ଼ ନେଇଛି। ଗୋଟିଏ ପଟେ ସୀମା ବିବାଦର ସମ୍ପୂର୍ଣ୍ଣ ସମାଧାନ ହୋଇ ନ ଥିବାବେଳେ ଅନ୍ୟପଟେ କୂଟନୈତିକ ସ୍ତରରେ ନୂଆଦିଲ୍ଲୀକୁ ଚ୍ୟାଲେଞ୍ଜ କରୁଛି ବେଜିଂ। ଈର୍ଷାନ୍ୱିତ କରାଇବା ପାଇଁ ଏହା ପାକିସ୍ତାନ ସହ ବନ୍ଧୁତା ବଢ଼ାଉଛି। ଏସବୁ ଘଟଣାକ୍ରମ ସତ୍ତ୍ୱେ ଶନିବାର ଚାଇନାର ସିଚୁଆନ୍ ପ୍ରଦେଶସ୍ଥିତ ଦୁଜିଆଙ୍ଗ୍‌ୟାନ୍ ସହରରେ ଦୁଇଦେଶ ମଧ୍ୟରେ ବୈଠକ ହୋଇଛି। ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଏବଂ ଚାଇନା ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି ଆଲୋଚନା ଟେବୁଲରେ ବସି ସୀମା ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଛନ୍ତି।

### [ଇତିହାସର ଆଇନାରେ]

### ନଭେମ୍ବର ୨୫ର ପ୍ରମୁଖ ଘଟଣା

୧୮୩୯ ନଭେମ୍ବର ୨୫ରେ ଆନ୍ଧ୍ରପ୍ରଦେଶର ଗୋଦାବରୀ ନଦୀ କୂଳରେ ଥିବା ବନ୍ଦରନଗରୀ କୋରିଙ୍ଗାଠାରେ ଭୟଙ୍କର ବାତ୍ୟା ମାଡ଼ ହୋଇଥିଲା। ଭାରତର ଦକ୍ଷିଣ-ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ଧ୍ୱଂସର ଲୀଳା ରଚିଥିଲା। ବାତ୍ୟା ପ୍ରଭାବରେ ୩ ଲକ୍ଷ ଲୋକ ପ୍ରାଣ ହରାଇଥିବାବେଳେ କୋରିଙ୍ଗା ପ୍ରାୟ ଜନଶୂନ୍ୟ ହୋଇଯାଇଥିଲା।

୧୯୬୬ ନଭେମ୍ବର ୨୫ରେ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ପ୍ରଥମ ଐତିହାସିକ ସାଟେଲାଇଟ୍ ଟିଭି ପ୍ରସାରଣ ଆରମ୍ଭ ହୋଇଥିଲା।

### ■ ରାମମନ୍ଦିର ନିର୍ମାଣ ନେଇ ଚାପ: ଅଯୋଧ୍ୟାରେ ଉଦ୍ଧବ

# ଭୋଟ ଛଡ଼ାଇବାକୁ ଉଦ୍ୟମ

**ଅଯୋଧ୍ୟା,୨୪।୧୧(ପି.ଟି.)**

ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଲାଗି ଜୋର୍ ଧରୁଛି ଦାବି। ଏନେଇ ଅଧ୍ୟାଦେଶ ଆଣିବାକୁ ଦାବି ହେଉଥିଲେ ମଧ୍ୟ କର୍ଣ୍ଣପାତ କରୁନାହିଁ ଭାରତୀୟ ଜନତା ପାର୍ଟି (ଭାଜପା)। ଏତିକିବେଳେ ଏହାର ତଥାକଥିତ ସହଯୋଗୀ ଦଳ ଶିବସେନା ଚଳାଇଛି ଗୋଟି। ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ହଜାର ହଜାର ଦଳୀୟ ସମର୍ଥକଙ୍କ ସହ ଶନିବାର ଅଯୋଧ୍ୟା ଗସ୍ତ କରିଛନ୍ତି। ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇ ସେ କହିଛନ୍ତି, କୁମ୍ଭକର୍ଣ୍ଣ ନିଦରୁ ଉଠି କେନ୍ଦ୍ର ରାମ ମନ୍ଦିର ନିର୍ମାଣ ତାରିଖ ଘୋଷଣା କରୁ। ପରିବାର ସହ ଉଦ୍ଧବଙ୍କ ଏହି ଦୁଇ ଦିନିଆ ଅଯୋଧ୍ୟା ଯାତ୍ରା ଭାଜପା ପାଇଁ ସୃଷ୍ଟି କରିଛି ଅଡୁଆ। ଆଗାମୀ ନିର୍ବାଚନରେ ଭୋଟ ଛଡ଼ାଇନେବା ପାଇଁ ଶିବସେନା ମୁଖ୍ୟ ବଡ଼ ଖେଳ ଖେଳୁଥିବା କୁହାଯାଉଛି।

ନିର୍ବାଚନ ପାଖେଇ ଆସିଲେ ସବୁଥର ଆଗ ଉଠେ ଅଯୋଧ୍ୟା ପ୍ରସଙ୍ଗ। ରାମ ମନ୍ଦିର ନିର୍ମାଣ ଲାଗି ବଡ଼ ବଡ଼ ପ୍ରତିଶ୍ରୁତି ଦିଏ ଭାଜପା। ନିର୍ବାଚନ ଶେଷ ହେବା ପରେ ସେ କଥା ପାଣିର ଗାର ଭଳି ହୋଇଯାଏ। ଏଥର ସଂଯୋଗବଶତଃ ଉଭୟ ଉତ୍ତରପ୍ରଦେଶ ଏବଂ କେନ୍ଦ୍ରରେ କ୍ଷମତାସୀନ ରହିଛି ଭାଜପା। ତଥାପି ରାମ ମନ୍ଦିର ନିର୍ମାଣ ପାଇଁ କିଛି ସିଦ୍ଧାନ୍ତ କରିପାରୁ ନାହିଁ ଗୈରିକ ଦଳ। ତେଣୁ କେନ୍ଦ୍ରକୁ ତୁରନ୍ତ ନିଷ୍ପତ୍ତି ନେବା ଏକପ୍ରକାର ବାଧ୍ୟ କରିଦେବାକୁ ହିନ୍ଦୁତ୍ୱବାଦୀ ସଙ୍ଗଠନ ଅଣ୍ଟା ଭିଡ଼ିଛନ୍ତି। ରବିବାର ଭିଏଚ୍‌ପି ପକ୍ଷରୁ ବଡ଼ ର୍‍ୟାଲି ହେବାକୁ ଯାଉଛି। ଏହାର ଦିନକ ପୂର୍ବରୁ ଶିବସେନା ସୁପ୍ରିମୋ ଉଦ୍ଧବ ଅଯୋଧ୍ୟାରେ ନିଜ ଉପସ୍ଥିତି ଜାହିର କରିଛନ୍ତି। ସ୍ତ୍ରୀ ରଶ୍ମି ଏବଂ ପୁଅ ଆଦିତ୍ୟଙ୍କ ସହ ଅଯୋଧ୍ୟାରେ ପହଞ୍ଚିବା ପରେ ସେ ମୋଦି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଦିନ, ମାସ ଏବଂ ପଡ଼ି ପରେ ପିଢ଼ି ଗଡ଼ିଚାଲିଛି। କିନ୍ତୁ ରାମ ମନ୍ଦିର ନିର୍ମାଣ ହୋଇପାରିଲା ନାହିଁ। ଏହାକୁ ସାକାର କରିବା ପାଇଁ ସରକାର ଯଥାଶୀଘ୍ର ଅଧ୍ୟାଦେଶ ଆଣନ୍ତୁ ବୋଲି ସେ କହିଛନ୍ତି।



**‘କୁମ୍ଭକର୍ଣ୍ଣ ନିଦରୁ ଉଠ, ମନ୍ଦିର ନିର୍ମାଣ ତାରିଖ ଘୋଷଣା କର’**

ମୋଦି ଓ ତାଙ୍କ ସରକାରକୁ ଉଦ୍ଧବ ରାମାୟଣ ଚରିତ୍ର କୁମ୍ଭକର୍ଣ୍ଣ ସହିତ ତୁଳନା କରିଛନ୍ତି, ଯିଏକି ମାସ ମାସ କାଳ ଶୋଇରହନ୍ତି। ଏହି ପରିପ୍ରେକ୍ଷୀରେ ଉଦ୍ଧବ କହିଛନ୍ତି, କୁମ୍ଭକର୍ଣ୍ଣଙ୍କୁ ନିଦରୁ ଉଠାଇବାକୁ ସେ ଅଯୋଧ୍ୟା ଯାଇଛନ୍ତି। ତେବେ ରାମ ମନ୍ଦିର ଏକ ବିଶ୍ୱାସର ବିଷୟବସ୍ତୁ ହୋଇଥିବାରୁ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପୂର୍ବରୁ କେନ୍ଦ୍ର ଆଇନ ଆଣିବା ଜରୁରୀ ବୋଲି ଶିବସେନା ମୁଖ୍ୟ ମତବ୍ୟକ୍ତ କରିଛନ୍ତି। ଲକ୍ଷ୍ମଣ କିଲ୍ଲାରେ ବିସ୍ଫୋରକ କଥା କହିବା ପରେ ସନ୍ଧ୍ୟାରେ ସେ ସରଯୂ ନଦୀକୂଳରେ ପୂଜାର୍ଚ୍ଚନା କରିଥିଲେ। ମହାରାଷ୍ଟ୍ରରୁ ଦୁଇଟି ଟ୍ରେନ୍‌ରେ ପ୍ରାୟ ୩,୦୦୦ ଶିବସେନା କର୍ମୀ ଅଯୋଧ୍ୟା ଯାଇଥିବା ଜଣାପଡ଼ିଛି। ପୁଣେରେ ଶିବନେରି ଦୁର୍ଗରୁ ଉଦ୍ଧବ ଏକ ପାତ୍ର ସାଙ୍ଗରେ ନେଇଯାଇଛନ୍ତି। ସେଥିରେ ମାଟି ରହିଛି। ରାମଲାଲ୍ଲା ମନ୍ଦିର ପୂଜକଙ୍କୁ ଭେଟିବା ପରେ ସେ ଏହାକୁ ହସ୍ତାନ୍ତର କରିବେ ବୋଲି ଜଣାପଡ଼ିଛି।

ରାଜନୈତିକ ଉଦ୍ଦେଶ୍ୟ ରଖି ଉଦ୍ଧବ ଅଯୋଧ୍ୟା ଗସ୍ତ କରିଥିବା କୁହାଯାଉଛି। କିନ୍ତୁ ଏହାକୁ ସେ ଖଣ୍ଡନ କରିଛନ୍ତି। ତେବେ ସେ ଯେତେ ଯାହା କହିଲେ ସୁଦ୍ଧା, ଏସବୁ ପଛରେ ଏକ ବୃହତ୍ ରାଜନୈତିକ ସମୀକରଣ ପରିଲକ୍ଷିତ ହେଉଛି। ମହାରାଷ୍ଟ୍ର ଏବଂ କେନ୍ଦ୍ରରେ ଭାଜପା ସହ ମେଣ୍ଟରେ ଥିଲେ ସୁଦ୍ଧା ଶିବସେନାର ପ୍ରଭାବ ସେତେଟା ନାହିଁ। ତେଣୁ ଉତ୍ତରପ୍ରଦେଶରେ ହିନ୍ଦୁ ଭୋଟରଙ୍କୁ ନିଜ ସପକ୍ଷକୁ ନେଇ ମହାରାଷ୍ଟ୍ରରେ ଭାଜପା ସହ ମୂଲଚାଲ କରିବା ଉଦ୍ଧବଙ୍କ ଲକ୍ଷ୍ୟ। ତାଙ୍କ ଯୋଜନା ଫଳବତୀ ହେଲେ ଭାଜପା ବାଧ୍ୟହୋଇ ମୁଣ୍ଡ ନୁଆଇବାକୁ ବାଧ୍ୟ ହେବ। କାହିଁକିନା ୨୦୧୯ ନିର୍ବାଚନ ଜିତିବାକୁ ହେଲେ ଉତ୍ତରପ୍ରଦେଶ ଦୁର୍ଗରେ ଅଧିକ ଆସନ ହାତେଇବା ଏହା ପାଇଁ ନିତାନ୍ତ ଆବଶ୍ୟକ। ଯଦି ଉଦ୍ଧବଙ୍କୁ ଏହା ରୋକି ନ ପାରିବ, ତା’ହେଲେ ଭାଜପା ସପକ୍ଷରେ ଥିବା ହିନ୍ଦୁ ଭୋଟ ବିଭାଜନ ହେବ। ଏସବୁର ଫାଇଦା ନେବେ ଏସ୍‌ପି, ବିଏସ୍‌ପି ଓ କଂଗ୍ରେସ। ତେଣୁ ଉଦ୍ଧବଙ୍କ ସଦ୍ୟ ଗୋଟିଚାଳନାର ପ୍ରଭାବ ସୁଦୂରପ୍ରସାରୀ କହିଲେ ଅତ୍ୟୁକ୍ତି ହେବନାହିଁ।

## ‘ଧର୍ମସଭା’ ପାଇଁ ପୋଲିସ ଛାଉଣୀ

**ଅଯୋଧ୍ୟା,୨୪।୧୧(ପି.ଟି.):** ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଦାବିନେଇ ରବିବାର ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ‘ଧର୍ମସଭା ଅନୁଷ୍ଠିତ ହେବ। ଏଥିପାଇଁ ଦିନକ ପୂର୍ବରୁ ଅଯୋଧ୍ୟା ପାଲଟିଛି ଲୋକାରଣ୍ୟ। ଗଣ୍ଡଗୋଳ ହେବା ଆଶଙ୍କା କରି ସମଗ୍ର ଅଞ୍ଚଳରେ ସୁରକ୍ଷା ଛାଉଣୀ କରାଯାଇଛି। ତେବେ ସହରରେ ଏତେବଡ଼ ରାଲି ଆୟୋଜନ କରିବାର କ’ଣ ଆବଶ୍ୟକ ବୋଲି ଅଯୋଧ୍ୟା ମାମଲାର ଆବେଦନକାରୀ ଇକବାଲ ଅନ୍‌ସାରୀ ପ୍ରଶ୍ନ କରିଛନ୍ତି।

ଭିଏଚ୍‌ପିର ‘ଧର୍ମସଭା’ରେ ଯୋଗଦେବା ଲାଗି ହଜାର ହଜାର ଲୋକ ଅଯୋଧ୍ୟାକୁ ଛୁଟିଆସିଲେଣି। ସୁରକ୍ଷା କଡ଼ାକଡ଼ି କରିବା ପାଇଁ ଆବଶ୍ୟକ ପଡ଼ିଲେ ସେନା ମଧ୍ୟ ମୁତୟନ କରାଯାଉ।

**–ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ**



## ସନାତନ ସଂସ୍ଥାର ସଦସ୍ୟ ଗୌରୀଙ୍କ ହତ୍ୟାକାରୀ

**ବେଙ୍ଗାଲୁରୁ,୨୪।୧୧(ପି.ଟି.)**

**ଏସଆଇଟିର ଚାର୍ଜଶିଟ ଦାଖଲ**



ହିନ୍ଦୁ ସଂଗଠନ ସନାତନ ସଂସ୍ଥାର ସଦସ୍ୟମାନେ ସାମ୍ବାଦିକା ତଥା ସମାଜକର୍ମୀ ଗୌରୀ ଲଙ୍କେଶଙ୍କୁ ଗୁଳିକରି ହତ୍ୟା କରିଥିଲେ। ଉକ୍ତ ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) କୋର୍ଟରେ ଦାଖଲ କରିଥିବା ୯୨୩୫ ପୃଷ୍ଠାର ଅତିରିକ୍ତ ଚାର୍ଜଶିଟରେ ଏହା ଉଲ୍ଲେଖ କରାଯାଇଛି। ହତ୍ୟାକାଣ୍ଡ ପଛରେ କୌଣସି ବ୍ୟକ୍ତିଗତ କାରଣ କିମ୍ବା ଶତ୍ରୁତା ନଥିଲା। ସେ ଭିନ୍ନ ମତବାଦରେ ବିଶ୍ୱାସ କରୁଥିବାରୁ ଏବଂ ତାହା ଉପରେ ଲେଖାଲେଖି କରୁଥିବାରୁ ତାଙ୍କୁ ହତ୍ୟା ଯୋଜନା କରାଯାଇଥିଲା। ଏଥିପାଇଁ ୫ ବର୍ଷ ପୂର୍ବରୁ ସନାତନ ସଂସ୍ଥାର ଏକ ନେଟ୍‌ୱର୍କ ଯୋଜନା ପ୍ରସ୍ତୁତ କରିଥିଲା ବୋଲି ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଏସ. ବାଲାନ କହିଛନ୍ତି। ଏଥିସହିତ ଉକ୍ତ ମାମଲାର ଅଧିକ ତଦନ୍ତ ଲାଗି ଏସଆଇଟି କୋର୍ଟଙ୍କ ଅନୁମତି ଚାହିଁଛି।

ଲଙ୍କେଶଙ୍କ ହତ୍ୟା ସହ ସଂପୃକ୍ତ ସଂଗଠନକୁ ଖୁବଶୀଘ୍ର ନିଷିଦ୍ଧ ଘୋଷଣା କରାଯିବ ବୋଲି କର୍ନାଟକ ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର କହିଛନ୍ତି। ଉକ୍ତ ସମ୍ବେଦନଶୀଳ ମାମଲାର ପ୍ରଥମ ଚାର୍ଜଶିଟ ଗତ ମେ’ ମାସରେ ଦାଖଲ ହୋଇଥିଲା। ୫୫ ବର୍ଷୀୟା ଲଙ୍କେଶ ତାଙ୍କ ବାମପନ୍ଥୀ ବିଚାରଧାରା ଏବଂ ହିନ୍ଦୁତ୍ୱ ବିରୋଧୀ ମତାମତ ଲାଗି ଚର୍ଚ୍ଚିତ ଥିଲେ। ଗତବର୍ଷ ସେପ୍ଟେମ୍ବରରେ ତାଙ୍କୁ ତାଙ୍କ ଘର ସାମନାରେ ଗୁଳିକରି ହତ୍ୟା କରାଯାଇଥିଲା ଯାହା ସେତେବେଳେ ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ତତ୍କାଳୀନ ସିଦ୍ଧାରାମାୟା ସରକାର ଘଟଣାର ତଦନ୍ତ ଲାଗି ଏସଆଇଟି ଗଠନ କରିଥିଲେ। ଏହି ହତ୍ୟାକାଣ୍ଡରେ ଶୁଟର ପରଶୁରାମ ୱାଘମେର, ମାଷ୍ଟରମାଇଣ୍ଡ ଅମୋଲ କାଲେ, ସୁଜିଥ କୁମାର ଓରଫ ପ୍ରବୀଣ ଏବଂ ଅମିତ ଦେଗୱେକର ସମେତ ୧୮ ଜଣଙ୍କୁ ଅଭିଯୁକ୍ତ କରାଯାଇଛି।

## ସି.ପି. ଜୋଷୀଙ୍କୁ ଇସି ନୋଟିସ

**ଜୟପୁର,୨୪।୧୧(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟମାନଙ୍କ ବିରୋଧରେ ଜାତିଆଣ ମନ୍ତବ୍ୟ ଦେଇ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ କଂଗ୍ରେସ ନେତା ସି.ପି. ଜୋଷୀଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରିଛନ୍ତି। ଭାଜପା ପକ୍ଷରୁ ଅଭିଯୋଗ କ୍ରମେ ରାଜସମନ୍ଦ୍ ଜିଲାର ରିଟର୍ନିଂ ଅଫିସର ଏହି ନୋଟିସ ପଠାଇଛନ୍ତି।



ଡିସେମ୍ବର ୭ ନିର୍ବାଚନ ଲାଗି ନାଥଦ୍ୱାର ଆସନରୁ ପ୍ରାର୍ଥୀ ହୋଇଥିବା ଜୋଷୀ ଗୁରୁବାର ଏକ ନିର୍ବାଚନୀ ସଭାରେ ଭାଷଣ ଦେଲାବେଳେ ପ୍ରଧାନମନ୍ତ୍ରୀ ମୋଦି, ଭାଜପା ଏମ୍‌ପି ଉମା ଭାରତୀ ଏବଂ ସାଧ୍ୱୀ ଋତୁମ୍ଭରା ହିନ୍ଦୁତ୍ୱ ବିଷୟରେ କିଛି ଜାଣନ୍ତି ନାହିଁ ବୋଲି କହିଥିଲେ। ହିନ୍ଦୁତ୍ୱ ସମ୍ପର୍କିତ ଜ୍ଞାନ କେବଳ ବ୍ରାହ୍ମଣମାନଙ୍କର ରହିଛି ବୋଲି ସେ କହିଥିଲେ। ରବିବାର ପୂର୍ବାହ୍ନ ୧୧ଟା ସୁଦ୍ଧା ନୋଟିସର ଉତ୍ତର ଦେବାକୁ ଜୋଷୀଙ୍କୁ କୁହାଯାଇଛି। ତାଙ୍କଠାରୁ ଉତ୍ତର ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ଥାନର ମୁଖ୍ୟ ନିର୍ବାଚନ ଅଧିକାରୀ ଅନନ୍ତ କୁମାର କହିଛନ୍ତି।

ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଶେରଗଡ଼ ତଥା ଓଡ଼ିଶାର ଜନସାଧାରଣଙ୍କୁ କୃତଜ୍ଞତା ଜଣାଉଛି। ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ଜନସାଧାରଣ ତଥା ଭାରତୀୟ ଜନତା ପାର୍ଟି କର୍ମୀ ଓ ନେତାଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ।
ଦେବାନନ୍ଦ ମହାପାତ୍ର
ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଭାରତୀୟ ଜନତା ପାର୍ଟି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ପତିତପାବନ ରାଉତ
ନାଟ୍ୟକାର ଓ ନିର୍ଦ୍ଦେଶକ, ଦାରିଙ୍ଗବାଡ଼ି

ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମଦିନ ଆଜି। ଏହି ଜନ୍ମଦିନ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଅନେକ ଶୁଭେଚ୍ଛା ଜଣାଉଛି।
କବୀନ୍ଦ୍ରନାଥ ପଣ୍ଡା
ଶେରଗଡ଼ (ଗଞ୍ଜାମ)

ହୃଷୀକେଶ କୃଷକ ସେବା କେନ୍ଦ୍ର ଓ ଫିଲିଙ୍ଗ ଷ୍ଟେସନ ଧରିତ୍ରୀର ଜନ୍ମ ବାର୍ଷିକୀ ଅବସରରେ ଅନେକ ଅଭିନନ୍ଦନ। ଏଠାରେ ପେଟ୍ରୋଲ, ଡିଜେଲ, ମୋବିଲ୍ ଓ କୃଷକ ସରଞ୍ଜାମ ସୁଲଭ ମୂଲ୍ୟରେ ମିଳେ।
ଇଣ୍ଡିୟନଅଏଲ IndianOil
ଶ୍ରୀଯୁକ୍ତ ସନ୍ତୋଷ କୁମାର ପାଢ଼ୀ
ପେଟ୍ରୋଲ ପମ୍ପ, ଶେରଗଡ଼

ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଆପଣଙ୍କୁ ଅନେକ ଶୁଭେଚ୍ଛା ଜଣାଉଛି। ଆଶା, ଜଗତର ନାଥ ଜଗନ୍ନାଥ ଆପଣଙ୍କ ଚଲାପଥରେ ପୁଷ୍ପବୃଷ୍ଟି କରନ୍ତୁ। ଶେରଗଡ଼ ବ୍ଲକ ତଥା କୁମାରପାଣି ପଞ୍ଚାୟତର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି। ଶୁଭେଚ୍ଛା ସହ

ପର୍ଶୁରାମ ସ୍ୱାଇଁ
ପୂର୍ବତନ ସରପଞ୍ଚ, କୁମାର ପାଣି ଗ୍ରାମପଞ୍ଚାୟତ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ଶ୍ୟାମସୁନ୍ଦର ଦିଗାଲ
ସିଆର୍‌ସିସି, ଦାରିଙ୍ଗବାଡ଼ି

ଧରିତ୍ରୀ ଖବରକାଗଜ ନିର୍ଭୀକ ଖବରକାଗଜ, ଯାହାର ଲେଖା ଛପା ଉଚ୍ଚକୋଟୀର। ଯା’ର ସମ୍ପାଦକୀୟ ପୃଷ୍ଠା ପାଠକ ପାଠିକାଙ୍କ ମନକିଣେ। ଏଣୁ ଆସନ୍ତୁ ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା। ଶୁଭେଚ୍ଛା ସହ
ଅବନୀ ପ୍ରସାଦ ଦାଶ
ଟାକରଡ଼ା (ଗଞ୍ଜାମ)

BIJU PATTNAIK GROUP OF INSTITUTION
SHERGADA WELCOMES YOU
BIJU PATTNAIK JUNIOR COLLEGE, SHERGADA, GANJAM
Best Wishes on the occasion of Birth Anniversary of Dharitri, BBSR Edition
ଆମ୍ଭ ଅନୁଷ୍ଠାନର ଯୁକ୍ତ ଦୁଇ ପାଠ୍ୟକ୍ରମ ଉନ୍ନତ ପ୍ରଣାଳୀ ସହ ବରିଷ୍ଠ ଅଧ୍ୟାପକଙ୍କ ମାଧ୍ୟମରେ ପାଠଦାନ କରାଯାଏ। ଶୁଭେଚ୍ଛା ସହ
ଶ୍ରୀ ଗୌରହରି ବିଷୋୟୀ
ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ଜୁନିୟର କଲେଜ, ଶେରଗଡ଼

ପିପୁଲସ୍ ଫୋରମ ଆପଣଙ୍କୁ ସ୍ୱାଗତ ଜଣାଉଛି। ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଅନେକ ଶୁଭେଚ୍ଛା।
People's Forum NGO Wishes You Happy Birthday of Dharitri
ସତ୍ୟଜିତ ପାଇକରାୟ
ଶାଖା ପରିଚାଳକ, ପିପୁଲସ୍ ଫୋରମ, ଶେରଗଡ଼

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ଦିଲ୍ଲୀପ ସାହୁ
ସାଉଥ୍‌କୋ ୟୁଟିଲିଟି କର୍ମଚାରୀ, ଦାରିଙ୍ଗବାଡ଼ି

ଧରିତ୍ରୀ କାଗଜ ନିଆରା କାଗଜ। ଯା’ର ଛପା, ଲେଖା ଉତ୍ତମ। ଆସନ୍ତୁ ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା।
ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସାହୁ
F.L. Shop, ଶେରଗଡ଼

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ମଳୟ କୁମାର ମେହେର
ଯୋଗାଣ ନିରୀକ୍ଷକ, ଦାରିଙ୍ଗବାଡ଼ି

BERHAMPUR CARDIAC CENTRE
ବ୍ରହ୍ମପୁର କାର୍ଡିଆକ୍ ସେଣ୍ଟର ଆପଣଙ୍କୁ ଶୁଭେଚ୍ଛା ଜଣାଉଛି।

ଏଠାରେ ଅଲଟ୍ରାସାଉଣ୍ଡ (ULTRASOUND), E.C.G., E.E.G ଓ ସମସ୍ତ ପ୍ରକାର ମଳ, ମୂତ୍ର, ରକ୍ତ ସହ ପାଥୋଲୋଜି ପରୀକ୍ଷା ସୁଲଭ ମୂଲ୍ୟରେ କରାଯାଏ।
ସେବାରେ ରଘୁନାଥ ଫିଲିଙ୍ଗ ଷ୍ଟେସନ
ଦମକଳ କେନ୍ଦ୍ର ରାସ୍ତା, ପୁରୁଷୋତ୍ତମପୁର (ଗଞ୍ଜାମ)

ନିର୍ମଳ କୁମାର ସାହୁ
ପ୍ରୋପ୍ରାଇଟର, ଭାବାନଗର ଛକ, ବ୍ରହ୍ମପୁର, ମୋ: ୯୯୩୭୪୯୭୫୯୩
ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଅନେକ ଶୁଭେଚ୍ଛା ଜଣାଉଛି।

ଧରିତ୍ରୀ ଖବରକାଗଜ ବହୁ ପୁରୁଣା ଅଟେ। ଆସନ୍ତୁ ସମସ୍ତେ ଧରିତ୍ରୀକୁ ଭଲ ପାଇବା। ଶକ୍ତି ବଞ୍ଚାନ୍ତୁ, ଅପଚୟ ରୋକନ୍ତୁ। ଏକ ସୁସ୍ଥ ଜୀବନଯାପନ କରନ୍ତୁ। ଶୁଭେଚ୍ଛା ସହ
ଜେ. ଦିଲେଶ୍ୱର ଆଚାରୀ
ଉପ ସହକାରୀ ଯନ୍ତ୍ରୀ, ଶେରଗଡ଼ ବିଜୁଳି ସେକ୍ସନ, ଶେରଗଡ଼

ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ। ଜଗତର ନାଥ ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ।

ଶ୍ରୀମତୀ ବିଜୟଲକ୍ଷ୍ମୀ ନାୟକ
ସମିତିସଭ୍ୟ

ଶ୍ରୀ କୃଷ୍ଣଚନ୍ଦ୍ର ନାୟକ
ଭୁଷୁଣ୍ଡା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ବିଦେଶୀ ନାୟକ
ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଶିକ୍ଷକ କଲ୍ୟାଣ ସଂଘ ସମ୍ପାଦକ, ଦାରିଙ୍ଗବାଡ଼ି

ହୃଷୀକେଶ ଟିଭିଏସ୍ ଆପଣଙ୍କୁ ସ୍ୱାଗତ ଜଣାଉଛି। ଧରିତ୍ରୀର ଭୁବନେଶ୍ୱର ସଂସ୍କରଣ ପକ୍ଷରୁ ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ଓ ବିଜ୍ଞାପନଦାତାଙ୍କୁ ଅନେକ ଶୁଭେଚ୍ଛା।
ଶ୍ରୀଯୁକ୍ତ ହୃଷୀକେଶ ପାଢ଼ୀ
ହୃଷୀକେଶ ଟିଭିଏସ୍, ବିଜେଡି ନେତା, ଶେରଗଡ଼

ବୃକ୍ଷ ହିଁ ଜୀବନ, ଗଛ ଲଗାନ୍ତୁ ଜୀବନ ବଞ୍ଚାନ୍ତୁ। ପରିବେଶକୁ ସଫା ରଖିବା ସହ ନିଜ ନିଜ ଘରକୁ ସରସ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ବୃକ୍ଷରୋପଣ କରନ୍ତୁ। ଆସନ୍ତୁ ସମସ୍ତେ ବୃକ୍ଷରୋପଣ କରି ଏକ ସୁସ୍ଥ ପ୍ରଦୂଷଣମୁକ୍ତ ସମାଜ ତିଆରି କରିବା। ଶୁଭେଚ୍ଛା ସହ

ଦୁର୍ଗାପ୍ରସାଦ ବିଷୋୟୀ
ସାମାଜିକ କର୍ମୀ ଓ ପ୍ରକୃତି ବନ୍ଧୁ ପୁରସ୍କାର ବିଜେତା, ଶେରଗଡ଼

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ଯାମିନୀକାନ୍ତ ପଣ୍ଡା
ଶିକ୍ଷକ କଲ୍ୟାଣ ସଂଘ ସଭାପତି, (ଦାରିଙ୍ଗବାଡ଼ି), ଜିଲ୍ଲା: କନ୍ଧମାଳ

See Career Appointment on every Wednesday & Saturday

ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଅନେକ ଶୁଭେଚ୍ଛା। ୫୮ନଂ ଜୋନର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଉଛି।
ଶ୍ରୀଯୁକ୍ତ ପ୍ରମୋଦ କୁମାର ପାତ୍ର
ଜିଲ୍ଲା ପରିଷଦ ସଭ୍ୟ, ଶେରଗଡ଼ ବ୍ଲକ

ଥାନା ଅଞ୍ଚଳରେ ଏକ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ବାତାବରଣ ନିମନ୍ତେ ଶେରଗଡ଼ ଥାନାକୁ ସହଯୋଗ କରନ୍ତୁ। ଆମ ପୋଲିସ ସମିତି ଶେରଗଡ଼ ଥାନା ଆପଣଙ୍କୁ ଧରିତ୍ରୀର ଜନ୍ମ ବାର୍ଷିକୀ ଅବସରରେ ଶୁଭେଚ୍ଛା ଜଣାଉଛି।

ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ନାୟକ
ଥାନା ଅଧିକାରୀ, ଶେରଗଡ଼

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
THE DANCE WORLD
Academy of All Dances
Types of Dance: Odishi, Semi Classical, Hollywood, Free Style Tribal Dance, Belly Dance, Flock Dance
Admission Open
Every Saturday: 4.00 P.M. (Evening) & Sunday: 9.00 A.M. (Morning at Nilakandar Sahi Community Hall, Near Biju Pattnaik Pathagara, Daringbadi
For More Details Contact: Miss Priyanka Sahu (9439729201)
Address: C/o Jayaram Sahu, Block Road, Daringbadi

■ ଜାତୀୟ କଳାବସ୍ତୁ ମେଳା ଉଦ୍‌ଘାଟିତ

# ଆକର୍ଷଣ ସାଜିଛି ୧୪ ରାଜ୍ୟର କଳାବସ୍ତୁ ସାମଗ୍ରୀ



ମେଳାକୁ ବିଭିନ୍ନ ରାଜ୍ୟରୁ ଆସିଥିବା ଜନଜାତି କଳାକାରମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସଂଗ୍ରହାଳୟ ପରିସରରେ ଶନିବାରଠାରୁ ଆରମ୍ଭ ହୋଇଛି ଜାତୀୟ କଳାବସ୍ତୁ ମେଳା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଆମ ଜନଜାତି ସଂଗ୍ରହାଳୟ ସାରା ଦେଶରେ ସର୍ବୋତ୍ତମ ଓ ଅତ୍ୟାଧୁନିକ ସଂଗ୍ରହାଳୟ ଭାବେ ଖ୍ୟାତି ଲାଭ କରିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଏହି ସଂଗ୍ରହାଳୟର ନୂତନ ନାମକରଣ କରାଯାଇ 'ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ' ନାମରେ ନାମିତ କରାଗଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ପ୍ରସ୍ତୁତ ୨୧ଟି ଜନଜାତି ଭାଷାରେ ମାତୃଭାଷାଭିତ୍ତିକ ଶିକ୍ଷା ନିମିତ୍ତ ଦ୍ୱିଭାଷୀ ଓ ତ୍ରିଭାଷୀ ଶବ୍ଦକୋଷ ଏବଂ ଶିକ୍ଷଣ ପୁସ୍ତିକା ଉନ୍ମୋଚନ କରିଥିଲେ। ଏହି ଶବ୍ଦକୋଷ ଜନଜାତି ଭାଷାର ସଫଳ ପ୍ରସାରରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ, ଏସ୍‌ସିଏସ୍‌ଟି ଆର୍‌ଟିଆଇର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଡ. ଅଖିଳ ବିହାରୀ ଓତା ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଏହି ମେଳାରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ମଣିପୁର, ମହାରାଷ୍ଟ୍ର, ସିକ୍କିମ୍, ମିଜୋରାମ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଗୁଜରାଟ ଓ ହିମାଚଳ ପ୍ରଦେଶ ପ୍ରଭୃତି ୧୪ ରାଜ୍ୟର ୧୫୦ରୁ ଅଧିକ ଅଭିଜ୍ଞ ଜନଜାତି କଳାକାର ଅଂଶଗ୍ରହଣ କରିଛନ୍ତି। ମେଳାରେ ହସ୍ତଶିଳ୍ପ, ହସ୍ତତନ୍ତ ସାମଗ୍ରୀ, ଡୋକରା ଶିଳ୍ପ, ଜନଜାତି ବସ୍ତ୍ର ଓ ଚିତ୍ରକଳା ସହିତ, ବିଭିନ୍ନ କଳାବସ୍ତୁ ସାମଗ୍ରୀର ପ୍ରଦର୍ଶନ ଓ ବିପଣନ ହେଉଛି। ଏହାବ୍ୟତୀତ ସାନ୍ତାଳ, ବାଥୁଡ଼ିମାନଙ୍କ ଲାଖଶିଳ୍ପ, ମାଙ୍କିଡ଼ିଆମାନଙ୍କ ଶିଆଳି ଶିଳ୍ପ, ଭୋତଡ଼ାମାନଙ୍କ ଧାନ୍ୟକଳା, ଡଙ୍ଗରିଆ କନ୍ଧଙ୍କ ସୂଚିକର୍ମ, କନ୍ଧ ଓ ବାଥୁଡ଼ିମାନଙ୍କ ଡୋକରା ଶିଳ୍ପ ଆଦି ମେଳାର ମୁଖ୍ୟ ଆକର୍ଷଣ ରହିଛି। ଝାଡ଼ଖଣ୍ଡର ବୟନଶିଳ୍ପ, ବାଉଁଶ ଓ ଧାତୁଶିଳ୍ପ ତଥା ଜନଜାତି ଅଳଙ୍କାର, ଛତିଶଗଡ଼ର ଲୌହଶିଳ୍ପ, ଆନ୍ଧ୍ରପ୍ରଦେଶର ଲାଖ ଓ ବାଉଁଶ ଶିଳ୍ପ ଆଦି ଜନଜାତି କଳାବସ୍ତୁର ସମ୍ଭାର ଦେଖିବାକୁ ମିଳିଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳା ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ।

ଶିକ୍ଷା ଗ୍ରହଣ ନ କରି ଗଣିତଜ୍ଞ

## ଲୋକେ କହନ୍ତି ଚଳନ୍ତି କାଲ୍‌କୁଲେଟର

ମାଲକାନଗିରି, ୨୪।୧୧ (ଡି.ଏନ୍.ଏ.)

ମାଲକାନଗିରି ଭଳି ଏକ ଉପାନ୍ତ ଜିଲାରେ ଏଭଳି ଜଣେ ପ୍ରତିଭାବାନ୍ ବ୍ୟକ୍ତି ଅଛନ୍ତି ଯିଏ କ୍ଷଣିକେ ଯେକୌଣସି ଜଟିଳ ଗଣିତର ସମାଧାନ କରିଦେଇପାରନ୍ତି। ସେଥିପାଇଁ ଅଞ୍ଚଳର ଲୋକେ ତାଙ୍କୁ ଚଳନ୍ତି କାଲ୍‌କୁଲେଟର ବୋଲି ଡାକନ୍ତି। ସେ ହେଉଛନ୍ତି ଏମ.ଭି-୧ର ସୁଶୀଲ କୁମାର ବିଶ୍ୱାସ। ପେସାରେ ଜଣେ କୁଲି ମାତ୍ର ଗଣିତ ପାଇଁ ତାଙ୍କ ନିକଟରେ ରହିଛି ବିଚକ୍ଷଣ ବୁଦ୍ଧି। ଯେକୌଣସି ପ୍ରକାରର ଗଣିତର ଉତ୍ତର ତାଙ୍କ ମୁହଁରେ ହିଁ ଥାଏ। ସୁଶୀଲଙ୍କ ଏହି ପ୍ରତିଭାକୁ ସମସ୍ତେ ବେଶ୍ ପ୍ରଶଂସା କରୁଛନ୍ତି।ସେ ମଧ୍ୟ ଅନେକ ଘରର ନିର୍ମାଣ ନକ୍ସା ପ୍ରସ୍ତୁତ କରି ଦେଇଥାନ୍ତି, ଯାହା ଇଞ୍ଜିନିୟରମାନଙ୍କୁ ଆଶ୍ଚର୍ଯ୍ୟ କରେ।

## ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ

ମାଲକାନଗିରି, ୨୪।୧୧ (ଡି.ଏନ୍.ଏ.): ମାଲକାନଗିରି ଜିଲା ଅବକାରୀ ବିଭାଗ ଦ୍ୱାରା ଶନିବାର ୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ତତ୍ତ୍ୱାବଧାନରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଓର୍କେଲ ଥାନା ପର୍କନମାଲା ପଞ୍ଚାୟତ ମଙ୍ଗରାଯୋଡି ଗ୍ରାମ ନିକଟ ଜଙ୍ଗଲରେ ୨୨ ଏକର ଜମିରେ ହୋଇଥିବା ଏହି ଗଞ୍ଜେଇ ଗଛ ନଷ୍ଟ କରିଛନ୍ତି।

## କୂଅରୁ ନାବାଳକ ଉଦ୍ଧାର

କୋରକୋଣ୍ଡା, ୨୪।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରକୋଣ୍ଡା ଆରଆଇ ଅଫିସ୍ ପରିସରରେ ଥିବା ପରିତ୍ୟକ୍ତ କୂଅରେ ଶନିବାର ଜଣେ ୧୨ ବର୍ଷର ବାଳକ ରାହୁଲ ପ୍ରଧାନ ପଡିଯାଇଥିଲେ। ଖବରରୁ ଜଣାପଡିଛି ସନ୍ଧ୍ୟା ୭ଟା ସମୟରେ ଏହି କୂଅ ନିକଟକୁ ରାହୁଲ ଯାଇଥିବା ବେଳେ ଅସାବଧାନବଶତଃ ଭିତରକୁ ଗଳିପଡିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ରାହୁଲଙ୍କୁ ଉଦ୍ଧାର କରିଥିଲେ।


नालको NALCO
National Aluminium Company Limited
(A Government of India Enterprise)
M & R Complex,
Damanjodi - 763 008, Odisha
CIN : L27203OR1981GOI000920
A NAVRATNA COMPANY

**E-TENDER NOTICE**

Digitally signed online tenders through Central Public Procurement Portal are invited on two-part mode for the following works at NALCO, Damanjodi, Odisha.

**(1) Tender Ref No : T&C/AR/03/R-1817, Name of the Job :** Mechanical Maintenance Contract for 02 & 03 area at Alumina Refinery, Nalco, Damanjodi.

**(2) Tender Ref No : T&C/AR/03/R-1818, Name of the Job :** Mechanical Maintenance Contract for N-04 & 08 area at Alumina Refinery, Nalco, Damanjodi.

**(3) Tender Ref No : T&C/AR/03/R-1819, Name of the Job :** Mechanical Maintenance Contract for 52 & 01 area at Alumina Refinery, Nalco, Damanjodi.

**DGM (T&C) - AR**

**(4) Tender Ref No : MATLS/MINES/18-19/3000005534, Name of the Job :** Supply of Hydraulic Elevator with accessories.

**AGM (Materials) - MINES**

For details visit **www.eprocure.gov.in** or **www.nalcoindia.com**

**NB :** Any updates / amendment / extension of NIT will only be hosted in above websites.



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
OPTCL Lifeline of Odisha
(A Government of Odisha Undertaking)
O/o the Sr. General Manager (Construction), Zone-1, Technical Building, 1st Floor, Bhoinagar, Bhubaneswar - 751022.
Tel: 0674-2546353, E-mail: sgm.con1.bbs@optcl.co.in CIN: U40102OR2004SGC007553

**No.: Sr. GM(TP&C)/Publication/Gaz/08/(Vol.IV)2762** **Dated: 24.11.2018**

**NOTIFICATION**

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No.: R & R-II-10/2006/2353, Dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Construction), Zone-1, Odisha Power Transmission Corporation Limited, Technical Building, 1st Floor, Bhoinagar, Bhubaneswar-751 022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the work & Scope | Name of the Village in which the Line will pass | Tentative Estimated Amount (Rs. in Crores) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1. | Diversion of existing 400KV Duburi - Meramundali DC line<br>(i) From Loc. No. 15/1 to 19/1<br>(ii) From Loc. No. 25/2 to 29/1<br>(iii) From Loc. No. 42A/1 to 44/1 | **TAHASIL: PARJANG**<br>**R.I. Circle:** Parjang<br>**Revenue Village:** Goda Parjang,<br>**R.I. Circle:** Muktaposi<br>**Revenue Village:** Muktaposi & Siarimalia<br>**TAHASIL: BHUBAN**<br>**R.I. Circle:** Godanarsingha Prasad<br>**Revenue Village:** Tipilei, Dayanabil, Palashapithia & Balipada | Rs.31.56 Crore | D.G.M (Elect.), EHT (C) Division, Angul. | This diversion will facilitate the proposed Angul-Sukinda Rly. Crossing corridor to obtain adequate clearance. |

Sd/- **Sr. General Manager (C), Zone-1**



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
ODISHA POWER TRANSMISSION CORPORATION LIMITED
OPTCL
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA
P.O.- BONEIKALA, DIST.- KEONJHAR, PIN: 758038 (ODISHA), PHONE NO.: 7328829375 (OFF), E-mail: ehtm.div.jod@optcl.co.in
CIN: U40102OR2004SGC007553

**Letter No.: 1464** **Dated: 24.11.18**

**TENDER CALL NOTICE NO.- 05/17-18**

Sealed tenders are invited from the Civil & HT Contractors having valid "C" & "D" Class Civil Contractor licence issued by Govt. of Odisha/Military/Railways & having valid IT PAN Card/GST registration for the "CIVIL WORK FOR OPTCL DIVISION OFFICE BUILDING, JODA, UNDER EHT (O&M) DIVISION, JODA. Cost of tender paper Rs.2240/-, EMD = Rs.4500/- @ 1% of the estimated value. Sale of tender documents from Dt.29.11.2018 to 12.12.2018. Last date of submission of tender 13.12.2018 upto 1.00 P.M. Date of opening of tender - 14.12.2018 at 3.00 P.M. For details visit our website: **www.optcl.co.in**.

Corrigendum if any will be published in the website only.

**Sd./- Dy. General Manager (Elect.), EHT (O&M) Division, Joda**



**OFFICE OF THE EXECUTIVE ENGINEER**
**RWS&S DIVISION, JAGATSINGHPUR**
Tel.No.06724-223485, e-mail-eerwss_ictc@nic.in

1060-O

**e - Procurement Notice**

**Bid identification No. 49 of 2018-19**

The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump sump composite bids in Double Cover system in online mode for Execution of 4 nos. of individual RPWS schemes under one package including 5 years Operation & Maintenance on Turn key basis from eligible Class of contractors.

1. Name of work : Execution of 4 nos. of individual RPWS Schemes in one package.
2. No. of work : Rs. 1 No.
3. Estimated Cost : Rs. 366.93 lakhs
4. Cost of Tender paper : Rs. 10,000/-
5. Class of contractor : 'A' & Special Class
6. Availability of Tender in website : 27.11.2018 to 13.12.2018
7. Submission of Bid in online : 27.11.2018 to 13.12.2018
8. Date of seeking clarification : 27.11.2018 to 05.12.2018
9. Date of opening of bids : 14.12.2018 (11.00 AM)
10. Name and address of O.I.T. : Executive Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost and Bid security should be submitted in online mode.
13. Subsequent corrigendum/addendum if required shall only be appeared in above website.

*Sd/- Executive Engineer*
*RWS&S Divn. Jagatsinghpur*

25024/11/0024/1819



**OFFICE OF THE**
**PANCHAYAT SAMITI, JAIPATNA, KALAHANDI**

**Bid Identification No.Jaipatna Block, KLD/01/2018-19**
**No.01/Jpt/Dtd.**

The **BDO, JAIPATNA** on behalf of Governor of Odisha invites Percentage Rate bids in single cover system for the construction of works as detailed in the lable, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD **P-1 Agreement** form, for execution of buildings i.e. **civil works**. The proof of registration from the appropriate authority shall be enclosed along with the bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

**TABLE-1**

| Sl. No. | Name of the work | Approximate value of work (in Rs.) | Period of completion | Class of contractor | EMD, Bid security @ 1% | Cost of bid document |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Boxcel culvert on the road from school pada (Nagupada) to Sadargudi (Nagupada) GP-PKMUNDI, Jaipatna Block | 41,89,026.00 | Four Calendar Months | B & A | 42,000.00 | 6000.00 |
| 2 | Construction of New ICDS Building at Jaipatna, GP, Jaipatna | 19,21,418.00 | Four Calendar Months | D & C | 20,000.00 | 6000.00 |

1. Bid documents consisting of plans, specification, the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours everyday except on Sunday & Public holidays till last date of sale and receipt of tender paper. The bid documents will also be available in the district webstie **http://kalahandi.nic.in** from date **26.11.2018, 11 AM to 06.12.2018, 5 PM**.

**Sd./- Block Development Officer, Jaipatna**



**Zilla Swasthya Samiti, Angul**
NATIONAL HEALTH MISSION

**CORRIGENDUM**

No. 2950 Date: 22.11.18

With reference to the advertisement No. 2873/Dtd. 15.11.2018 published in the daily odiya newspapers i.e. in "The Samaja" & in "The Dharitri" on Dtd.16.11.2018 & with reference to the Corrigendum published in the District website i.e. in www.angul.nic.in vide No.: 2903, Dtd.16.11.2018 and the corrigendum published vide No. 2933/Dtd.22.11.2018 in "The Samaja" & "The Dharitri" on Dtd.23.11.2018 is revised towards the reservation for Persons with Disability (PwD Candidates) should be as per Chapter-VI, 34(1) of the Rights of Persons with Disabilities Act, 2016, Ministry of Law & Justice, Government of India and Resolution No. 7140, Dtd.05.09.2017 of Social Security & Empowerment of Persons with Disabilities Department which is (4%) of the total vacancies for PwD candidates in Government Establishments / PSUs & Contractual Posts (Where ever is Applicable & as per the calculation on previously filled up vacancies by the PwD candidates and other reservations are also subject to ORV Act followed by Government Rule (Where ever is applicable) and may vary time to time or implemented as per the Government circulars during the selection procedure and filling up the vacancies. The Revised advertisement matter for all category of posts to be filled up through open advertisement, walk-in-interview has been published in the District website for the information of candidates.

*Sd./-*
***CDM&PHO-cum-District Mission Director***
***NHM, Angul***



**GOVERNMENT OF ODISHA, HOUSING & URBAN DEVELOPMENT DEPTT.**
**OFFICE OF THE MUNICIPAL COUNCIL, BELPAHAR**
Phone: 06645 - 250458, Fax: 06645 - 250236, Email: nacbelpahar@gmail.com

**"e" PROCUREMENT NOTICE**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

| Sl. No. | Bid reference No. | Bid Identification No. | Name of the work | Package No. | Estimated cost (in lakhs) | Period of completion | Date & time of availability of the bid documents in the portal | Last date / time for receipt of bids in the portal | Submission of hard copies of uploaded documents | Date & time of opening of technical bid | Name & address of the officer inviting bid |
|---|---|---|---|---|---|---|---|---|---|---|---|
| 1 | EO/BPHM/ 11/ 2018-19 | 2018_ ORULB_ 51036 | Reclamation of water bodies at Belpahar Municipality i.e. Sukhabandh, Kadupada Bandha | I | 278.26 | 12 Calendar Months | From Dt.26.11.2018 at 10.00 AM to Dt.12.12.2018 upto 5.00 PM | Dt. 12.12.2018 upto 05.00 PM | From Dt.13.12.2018 at 10.00 AM to 15.12.2018 upto 5.00 PM | 11.00 AM and onwards on dt.17.12.2018 | Executive Officer, Belpahar Municipality |
| 2 | EO/BPHM/ 12/ 2018-19 | 2018_ ORULB_ 51037 | Reclamation of water bodies at Belpahar Municipality i.e. Gumadera Suru kanta, Muchhbahal Kanta | II | 284.61 | 12 Calendar Months | | | | | |
| 3 | EO/BPHM/ 13/ 2018-19 | 2018_ ORULB_ 51038 | Reclamation of water bodies at Belpahar Municipality i.e. Junadihi Bandha, Jurabaga Kanta | III | 349.22 | 12 Calendar Months | | | | | |
| 4 | EO/BPHM/ 14/ 2018-19 | 2018_ ORULB_ 51040 | Reclamation of water bodies at Belpahar Municipality i.e. Junadihi Kanta | IV | 294.29 | 12 Calendar Months | | | | | |
| 5 | EO/BPHM/ 15/ 2018-19 | 2018_ ORULB_ 51041 | Reclamation of water bodies at Belpahar Municipality i.e. Garrakhai Kanta | V | 245.39 | 12 Calendar Months | | | | | |
| 6 | EO/BPHM/ 16/ 2018-19 | 2018_ ORULB_ 51042 | Reclamation of water bodies at Belpahar Municipality i.e. Gountia Kanta. | VI | 338.76 | 12 Calendar Months | | | | | |

Further the details can be seen from the procurement portal : **www.tendersorissa.gov.in**. If any addendum / corrigendum / cancellation of tender shall be published in the above website only.

**Sd./- Executive Officer, Belpahar Municipality**



**ଜାତୀୟ ଜନଜାତି କଳା ଓ କଳାବସ୍ତୁ ପ୍ରଦର୍ଶନୀ**

(ତା.୨୪।୧୧।୨୦୧୮ ଠାରୁ ତା.୩୦।୧୧।୨୦୧୮)

**ସ୍ଥାନ :**

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସର,
ସି.ଆର୍.ପି ଛକ, ଭୁବନେଶ୍ୱର

**ସମୟ :**

ଅପରାହ୍ନ ୨.୦୦ଘଟିକା ଠାରୁ ୮.୦୦ଘଟିକା ପର୍ଯ୍ୟନ୍ତ

**ଆୟୋଜକ :**

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ,
ଭୁବନେଶ୍ୱର

**ସହଯୋଗ :**

ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାର

ଜନସାଧାରଣ ବହୁସଂଖ୍ୟାରେ ଯୋଗଦାନ କରି ଏହି ପ୍ରଦର୍ଶନୀରେ ଉପଲବ୍ଧ ହେଉଥିବା ଆଦିବାସୀ କଳା ଓ କଳାବସ୍ତୁ ଦେଖିବା ଏବଂ କିଣିବା ନିମନ୍ତେ ଅନୁରୋଧ।

DSPL-261
26026/13/0041/1819

## ସଂକ୍ଷେପରେ

### ବିମୁଦ୍ରୀକରଣ, ଜିଏସ୍‌ଟି ଯୋଗୁ ୪.୮ ଲକ୍ଷ କୋଟି କ୍ଷତି

**ନୂଆଦିଲ୍ଲୀ,୨୪-୧୧:** ବିମୁଦ୍ରୀକରଣ ଓ ଜିଏସ୍‌ଟି ଯୋଗୁ ଅର୍ଥନୀତିର ୪.୮ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି ବୋଲି ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅମିତ ମିତ୍ର କହିଛନ୍ତି। କେନ୍ଦ୍ର ସରକାରଙ୍କ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗକୁ ମାତ୍ର ୫୯ ମିନିଟ୍‌ରେ ୧ କୋଟି ଟଙ୍କାର ଋଣ ପ୍ରଦାନ ଯୋଜନାକୁ ସେ ସମାଲୋଚନା କରିଛନ୍ତି। ଏହା ଏକ ଭ୍ରମ ବୋଲି ଅଭିହିତ କରି ସେ କହିଛନ୍ତି ଯେ, ପୋର୍ଟାଲ ମାଧ୍ୟମରେ ଜଣେ ହେଲେ ଋଣ ପାଇଥିବା ସେ ଜାଣିନାହାନ୍ତି। ମିତ୍ରଙ୍କ କହିବାନୁଯାୟୀ ଠିକ୍ ଭାବେ ଜିଏସ୍‌ଟିକୁ ଲାଗୁ କରା ନ ଯିବାରୁ ଗତ ବର୍ଷ ଜୁଲାଇରୁ ଆଜିଯାଏ ରାଜ୍ୟଗୁଡ଼ିକ ୭୮,୯୨୯ କୋଟି ଟଙ୍କା କମ୍ ରାଜସ୍ୱ ପାଇଛନ୍ତି। ଏହାକୁ କେନ୍ଦ୍ର ସରକାର ଆଇନାନୁଯାୟୀ କ୍ଷତିପୂରଣ ବାବଦରେ ଦେଇଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାରରେ ଯୋଗ ଦେଇ ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଜିଏସ୍‌ଟି ଲାଗୁ କରିବା ନେଇ ବାହାବା ନେଉଛନ୍ତି। କ୍ଷୁଦ୍ର ଉଦ୍ୟୋଗ ଓ କୃଷି କାର୍ଯ୍ୟ ସମ୍ପୂର୍ଣ୍ଣ ନଗଦ ଉପରେ ନିର୍ଭରଶୀଳ ହୋଇଥିବାରୁ ବିମୁଦ୍ରୀକରଣ ଯୋଗୁ ଏହି ସେକ୍ଟରଗୁଡ଼ିକ ବେଶିଭାବେ ପ୍ରଭାବିତ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

### ୧୩ ମାସର ସର୍ବନିମ୍ନ ସ୍ତରରେ ଅଶୋଧିତ ତୈଳ ଦର




**ଲଣ୍ଡନ,୨୪-୧୧:** ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ଗତ ୧୩ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଶୁକ୍ରବାର ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୬୦ ଡଲାରରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ତୈଳ ଉତ୍ପାଦନକାରୀ ରାଷ୍ଟ୍ରସମୂହ ଓପେକ୍ ତେଲ ଉତ୍ପାଦନ କମାଇବା ଲାଗି ନିଷ୍ପତ୍ତି ନେବା ଉଦ୍ଦେଶ୍ୟରେ ଡିସେମ୍ବର ୬ରେ ବୈଠକରେ ବସିବେ। ଆମେରିକା ନେତୃତ୍ୱରେ ଓପେକ ଦେଶଗୁଡ଼ିକ ଚାହିଦାଠାରୁ ଅଧିକ ତେଲ ଉତ୍ପାଦନ କରିଛନ୍ତି। ବଜାରରେ ତେଲ ବଳକା ହେବା ପୂର୍ବରୁ ଉତ୍ପାଦନ ହ୍ରାସ ଲାଗି ଓପେକ ବିଚାର କରିବାକୁ ଯାଉଛି। ଡିସେମ୍ବର ୬ରେ ଓପେକ୍ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସିର ହିସାବ ଅନୁଯାୟୀ ଚଳିତବର୍ଷ ଅଣ ଓପେକ ଦେଶର ତେଲ ଉତ୍ପାଦନ ୨୩ ଲକ୍ଷ ପ୍ରତି ବ୍ୟାରେଲ ବଢ଼ିଛି। ଆସନ୍ତାବର୍ଷ ଦୈନିକ ୧୩ ଲକ୍ଷ ବ୍ୟାରେଲ ତେଲ ଚାହିଦା ବଢ଼ିବ। ଏହାକୁ ଦେଖି ଓପେକ୍‌ର ସର୍ବବୃହତ ଉତ୍ପାଦନକାରୀ ଦେଶ ସୌଦି ଆରବ ଦୈନିକ ୧ ୪ଲକ୍ଷ ବ୍ୟାରେଲ ତେଲ ଉତ୍ପାଦନ କମାଇବାକୁ ଓପେକ୍‌ର ଅନ୍ୟ ଦେଶକୁ ପ୍ରବର୍ତ୍ତାଉଥିବା ଜଣାପଡ଼ିଛି।

---

“ ୨୦୨୧ ସୁଦ୍ଧା ଡିଜିଟାଲ ସ୍କିଲ କାର୍ଯ୍ୟକ୍ରମ ଅନ୍ତର୍ଗତ ୫ ନିୟୁତ ଲୋକଙ୍କୁ ଡିଜିଟାଲ ଦକ୍ଷତା ତାଲିମ୍ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

– ଅଙ୍ଖୀ ଦାସ, ନିର୍ଦ୍ଦେଶକ ପବ୍ଲିକ ପଲିସି, ଫେସବୁକ୍



“ ଧାର୍ଯ୍ୟ ଉତ୍ପାଦନ ଲକ୍ଷ୍ୟ ପୂରଣ କରିବା ଲାଗି ସେଲର ପ୍ରତ୍ୟେକ ୟୁନିଟର ଅବଦାନ ଗୁରୁତ୍ୱପୂର୍ଣ୍ଣ । ଏ ଦିଗରେ ପଦକ୍ଷେପ ଜାରି ରହିଛି ।

– ଅନିଲ ଚୌଧୁରୀ, ଅଧ୍ୟକ୍ଷ, ସେଲ୍



---

■ ଦେବାଳିଆ ଆଇନରେ ମିଳିଛି ସଫଳତା

# ଫେରିବ ୩ ଲକ୍ଷ କୋଟିର ଏନ୍‌ପିଏ

ନୂଆଦିଲ୍ଲୀ,୨୪-୧୧

■ ୩୫୦୦ରୁ ଅଧିକ ମାମଲା ଏନ୍‌ସିଏଲ୍‌ଟି ଆସିବା ପୂର୍ବରୁ ସମାଧାନ
■ ୧୩୦୦ ମାମଲା ସମାଧାନ ପାଇଁ ଉପସ୍ଥାପିତ
■ ୭୧ ହଜାର କୋଟି ମିଳିସାରିଛି




ଦେଶରେ ଦେବାଳିଆ ଆଇନ (ଆଇବିସି) ଲାଗୁ ହେବା ପରେ ବ୍ୟାଙ୍କଗୁଡ଼ିକୁ ବେଶ ସଫଳତା ମିଳିଛି। ଗତ ୨ ବର୍ଷ ମଧ୍ୟରେ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ରୂପରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କା ଏନ୍‌ପିଏ (ଅନାଦାୟ ଅର୍ଥ) ବ୍ୟାଙ୍କକୁ ଫେରିବ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଦେବାଳିଆ ଏବଂ ଋଣ ସଂଶୋଧନ ସଂହିତା (ଆଇବିସି) ଅନ୍ତର୍ଗତରେ ସମାଧାନ ଲାଗି ଅଦ୍ୟାବଧି ୯ ହଜାରରୁ ଅଧିକ ମାମଲା ଆସିଛି। ଏହି ଆଇନକୁ ୨୦୧୬ ଡିସେମ୍ବରରୁ ଲାଗୁ କରାଯାଇଛି।

କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିବାସ କହିଛନ୍ତି ଯେ, ୩ ଲକ୍ଷ ଟଙ୍କାର ଫଶି ରହିଥିବା ଋଣ ସମାଧାନ ପାଇଁ ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ (ଏନ୍‌ସିଏଲ୍‌ଟି)ରେ ମାମଲା ଦାଖଲ ହେଇଛି। ଏଥିପୂର୍ବରୁ ୩୫୦୦ରୁ ଅଧିକ ମାମଲାକୁ ଏନ୍‌ସିଏଲ୍‌ଟିରେ ଆଣିବା ପୂର୍ବରୁ ସମାଧାନ କରାଯାଇସାରିଛି। ଫଳସ୍ୱରୂପ ୧.୨ ଲକ୍ଷ କୋଟିଟଙ୍କାର ଦାବିର ସମାଧାନ କରାଯାଇଛି। ସେ କହିଛନ୍ତି ଯେ, ଆଇବିସି ଆଇନାନୁଯାୟୀ ଏନ୍‌ସିଏଲ୍‌ଟିଙ୍କ ଅନୁମତି ପରେ ହିଁ ସମାଧାନ ଲାଗି ଆଗେଇବାକୁ ପଡିଥାଏ। ଶ୍ରୀନିବାସ କହିଛନ୍ତି ଯେ, ପ୍ରାୟ ୧୩୦୦ ମାମଲାକୁ ସମାଧାନ ଲାଗି ଉପସ୍ଥାପନ କରାଯାଇଛି। ତନ୍ମଧ୍ୟରେ ପାଖାପାଖି ୪୦୦ ମାମଲାର କର୍ପୋରେଟ ଦେବାଳିଆ ସମାଧାନ ହୋଇସାରିଛି। ୬୦ମାମଲାରେ ସମାଧାନ ଯୋଜନାକୁ ମଞ୍ଜୁରୀ ଦିଆଯାଇଛି ଓ ୨୪୦ ମାମଲାର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୧୨୬ ମାମଲା ପାଇଁ ଅପିଲ କରାଯାଇଛି। ଏମାନଙ୍କ ମଧ୍ୟରୁ ସମାଧାନ ମାଧ୍ୟମରେ ଅଦ୍ୟାବଧି ୭୧ ହଜାର କୋଟି ଟଙ୍କା ମିଳିସାରିଛି। ସମାଧାନ ପରିପକ୍ୱତା ପରେ ଆହୁରି ୫୦ ହଜାର କୋଟି ଟଙ୍କା ମିଳିଯିବ ବୋଲି ଆଶାକରାଯାଉଛି। ଆଇନାନୁଯାୟୀ ମିଳିଥିବା ଅର୍ଥ ଓ ମିଳିବାକୁ ଥିବା ଅର୍ଥକୁ ଯୋଡା ଗଲେ ମୋଟ୍‌ରେ ୧.୨ ଲକ୍ଷ କୋଟି ଟଙ୍କା ଏନ୍‌ପିଏ ଅର୍ଥ ଫେରିବା ନିଶ୍ଚିତ ହୋଇଯାଇଛି। ତେବେ ଏନ୍‌ସିଏଲ୍‌ଟି ପୂର୍ବରୁ ହୋଇଥିବା ସମାଧାନକୁ ଯୋଡାଗଲେ ପ୍ରାୟ ୨.୪ ଲକ୍ଷ କୋଟି ଟଙ୍କା ମିଳିଯାଇଛି ବୋଲି ଧରାଯିବ ବୋଲି ସେ କହିଛନ୍ତି। ଏହାଛଡା ଯେଉଁ ଖାତାଗୁଡିକରେ ସୁଧ ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା, ସେଗୁଡିକ ଏବେ ଚାଲୁ ହେଲାଣି। ଫଳରେ ସେମାନଙ୍କୁ ଏନ୍‌ପିଏରୁ ବାଦ ଦିଆଯାଇ ସାଧାରଣ ଆକାଉଣ୍ଟ କରିଦିଆଯାଇଛି। ଏହି ସମସ୍ତ ଆକାଉଣ୍ଟରେ ସୁଧ ମୂଳ ସହ ପ୍ରାୟ ୪୫ହଜାରରୁ ୫୦ ହଜାର କୋଟି ଟଙ୍କା ପରିଶୋଧ କରାଯାଇ ସାରିଲାଣି। ଏହି ଅନୁସାରେ ଧରିଲେ ପ୍ରାୟ ୩ ଲକ୍ଷ କୋଟି ଟଙ୍କା ପରୋକ୍ଷ ଅଥବା ପ୍ରତ୍ୟକ୍ଷ ଭାବେ ଫେରିଛି ଅଥବା ଫେରିବା ବାଟ ଫିଟିଛି ବୋଲି ଶ୍ରୀନିବାସ କହିଛନ୍ତି।

## ପରବର୍ତ୍ତୀ ପିଢିର ମାରୁତି ସୁଜୁକି ଆର୍ଟିଗା ବଜାରରେ




କଟକ,୨୪-୧୧

ମାରୁତି ସୁଜୁକି ଇଣ୍ଡିଆ ପକ୍ଷରୁ ପରବର୍ତ୍ତୀ ପିଢିର ଆର୍ଟିଗା ବଜାରକୁ ଆସିଛି। ଟ୍ୱିନ ସିଟିର ପ୍ରତାପ ନଗରୀସ୍ଥିତ ସ୍କାଏ ଅଟୋମୋବାଇଲ ଶୋ'ରୁମରେ ଏହି ମଡେଲଟିକୁ ଉନ୍ମୋଚନ କରାଯାଇଛି। ଯୁବବର୍ଗଙ୍କ ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଏକ ମଡେଲ ପ୍ରସ୍ତୁତ କରିଛି। ଏଥିରେ ଗ୍ରାହକମାନେ ଆକର୍ଷଣୀୟ ଡିଜାଇନ ଏବଂ ଡୁଆଲ ଟୋନ ଇଣ୍ଟେରିୟର ଲାଭ କରିବାକୁ ସକ୍ଷମ ହେବେ। ଏଥିରେ ନୂଆ କେ ୧୫ ପେଟ୍ରୋଲ ଇଞ୍ଜିନ ରହିଛି। ଏହା ୧୩% ଅଧିକ ପାୱାର ୬% ଉନ୍ନତ ଟର୍କ କ୍ଷମତା ପ୍ରଦାନ କରିବ। ମଡେଲରେ ଅତ୍ୟାଧୁନିକ ସ୍ମାର୍ଟ ହାଇବ୍ରିଡ ଟେକ୍ନୋଲୋଜି, ଲିଥିୟମ ଆୟନ ବ୍ୟାଟେରି, ବେଷ୍ଟ ଇନ୍ କ୍ଲାସ ଫୁଏଲ ଏଫିସିଏନ୍ସି ଭଳି ପ୍ରମୁଖ ବୈଶିଷ୍ଟ୍ୟ ଗ୍ରାହକ ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। କାର୍ଯ୍ୟକ୍ରମରେ ସୂର୍ଯ୍ୟ ମହାନ୍ତି, ସେଲସ୍ ମ୍ୟାନେଜର ଜଗନ୍ନାଥ ପ୍ରସାଦ ସାହୁ, ଏଏସ୍‌ଏମ୍ ଦିଲିପ ବେହେରା, ରାଜେଶ ମହାନ୍ତି, ଚିତ୍ତ ରଞ୍ଜନ ସାହୁ, ଚିତ୍ତ ରଞ୍ଜନ ଦାସ, ଜିଏମ୍ ସଞ୍ଜୟ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

■ ମାଗ୍ନେଟିକ ଷ୍ଟ୍ରିପ୍ ଡେବିଟ୍/କ୍ରେଡିଟ୍ କାର୍ଡ

## ଜାନୁୟାରୀ ପହିଲାରୁ ବନ୍ଦ ହୋଇଯିବ

ନୂଆଦିଲ୍ଲୀ,୨୪-୧୧




ରିଜର୍ଭ ବ୍ୟାଙ୍କର ଏକ ପୁରୁଣା ନିର୍ଦ୍ଦେଶନାମା ଅନୁଯାୟୀ ଆସନ୍ତା ବର୍ଷ ଜାନୁୟାରୀ ପହିଲାରୁ ମ୍ୟାଗ୍ନେଟିକ ଷ୍ଟ୍ରିପ୍‌ଯୁକ୍ତ ଅଧିକାଂଶ ଦେଶୀ/ବିଦେଶୀ ବ୍ୟାଙ୍କର ଡେବିଟ୍/କ୍ରେଡିଟ୍ କାର୍ଡ ପ୍ରଚଳନକୁ ବନ୍ଦ କରିଦିଆଯିବ। ଏହା ବଦଳରେ ଗ୍ରାହକଙ୍କୁ ଇଏମ୍‌ଭି ଚିପ୍ ଲାଗିଥିବା ଡେବିଟ୍/କ୍ରେଡିଟ କାର୍ଡ ବ୍ୟବହାର କରିବାକୁ ହେବ। ଏହାକୁ ବଦଳାଇବା ପାଇଁ ଚଳିତବର୍ଷ ଡିସେମ୍ବର ୩୧ ଯାଏ ସମୟ ରହିଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆଜକୁ ୩ ବର୍ଷ ପୂର୍ବେ ୨୦୧୫ ଅଗଷ୍ଟ ୨୭ରେ ମାଗ୍ନେଟିକ ଷ୍ଟ୍ରିପ୍‌ଯୁକ୍ତ ଡେବିଟ୍/କ୍ରେଡିଟ୍ କାର୍ଡ ବଦଳାଇବାକୁ ସମସ୍ତ ବ୍ୟାଙ୍କକୁ କେନ୍ଦ୍ରୀୟ ବ୍ୟାଙ୍କ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ସେମାନଙ୍କୁ ସମୟ ଦିଆଯାଇଥିଲା। ୨୦୧୫ ସେପ୍ଟେମ୍ବର ପହିଲାରୁ ସମସ୍ତ ବ୍ୟାଙ୍କ ଇଏମ୍‌ଭି ଚିପ୍‌ଯୁକ୍ତ ଏବଂ ପିନ୍ ଆଧାର କାର୍ଡ ଜାରି କରିବାକୁ କୁହାଯାଇଥିଲା। ବ୍ୟାଙ୍କଗୁଡ଼ିକ ଏହାକୁ ପାଳନ କରିବାକୁ ଯାଇ ସେମାନଙ୍କ ଗ୍ରାହକମାନଙ୍କୁ ଏସ୍‌ଏମ୍‌ଏସ୍ ଅଥବା ଇ-ମେଲ୍ ଜରିଆରେ ସେମାନଙ୍କ ଡେବିଟ୍ ଅଥବା କ୍ରେଡିଟ୍ କାର୍ଡକୁ ବଦଳାଇ ନେବାକୁ ପରାମର୍ଶ ଦେଇଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଅଧିକାଂଶ ବ୍ୟାଙ୍କ ଏଦିଗରେ ବହୁ ବାଟ ଆଗେଇ ସାରିଛନ୍ତି। ବହୁ ଗ୍ରାହକ ସେମାନଙ୍କ ଡେବିଟ୍ ଓ କ୍ରେଡିଟ୍ କାର୍ଡକୁ ବଦଳାଇ ସାରିଲେଣି।

## ପିସିଏ ଅଧୀନ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ରିଟେଲ ଋଣ ବୃଦ୍ଧି

**ନୂଆଦିଲ୍ଲୀ,୨୪-୧୧:** ରିଜର୍ଭ ବ୍ୟାଙ୍କର ପ୍ରମ୍ପଟ କରେକ୍ଟିଭ ଆକ୍ସନ ବା ତ୍ୱରିତ୍ ସୁଧାର ପଦକ୍ଷେପ(ପିସିଏ) ଅଧୀନରେ ଥିବା ୧୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପକ୍ଷରୁ ରିଟେଲ ଋଣ ୪ ପ୍ରତିଶତ ବଢ଼ିଛି। ଅନାଦାୟ ଋଣର ପରିମାଣ ସୀମା ଅତିକ୍ରମ କରିବା ପରେ କେନ୍ଦ୍ରୀୟ ବ୍ୟାଙ୍କ ୧୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପିସିଏ ଅଧୀନକୁ ଆଣିଥିଲେ। ଫଳରେ ଋଣ ପ୍ରଦାନ ନେଇ ସେମାନଙ୍କ ଉପରେ କଟକଣା ଜାରି କରାଯାଇଥିଲା। ଆମେରିକା ବ୍ରୋକରେଜ ଫାର୍ମ ଜେଫରିଜ୍‌ର ରିପୋର୍ଟ ଅନୁଯାୟୀ ଏହି ୧୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ରିଟେଲ ଓ ଗୃହ ଋଣର ପରିମାଣ ସେପ୍ଟେମ୍ବର ସୁଦ୍ଧା ୧୯ ପ୍ରତିଶତରେ ପହଞ୍ଚିଛି। ୨୦୧୫ ମାର୍ଚ୍ଚରେ ରିଟେଲ ଋଣ ପରିମାଣ ୧୫% ଥିଲା। ରିପୋର୍ଟରେ କୁହାଯାଇଛି ଯେ, ଏହି ବ୍ୟାଙ୍କଗୁଡ଼ିକର ରିଟେଲ ଓ ଗୃହ ଋଣ ପରିମାଣ ଯଥାକ୍ରମେ ୧୬% ଓ ୫୩% ଥିଲା।

**ଆର୍‌ବିଆଇର ବଳକା ଅର୍ଥ**

## ଚଳିତ ସପ୍ତାହରେ କମିଟି, ଫେବୃୟାରୀରେ ରିପୋର୍ଟ

ମୁମ୍ବାଇ,୨୪-୧୧

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିଜ ପାଖରେ କେତେ ବଳକା ଅର୍ଥ (ଅନ୍ୟ ଅର୍ଥରେ କହିଲେ, ଇକୋନୋମିକ କ୍ୟାପିଟାଲ ଫ୍ରେମୱାର୍କ) ରଖିପାରିବ ସେ ନେଇ ଆସନ୍ତା ସପ୍ତାହରେ ବିଶେଷଜ୍ଞ କମିଟି ଗଠନ କରାଯିବ ଏବଂ ଏହି କମିଟି ଆସନ୍ତା ବର୍ଷ ଫେବୃୟାରୀ ସୁଦ୍ଧା ତାଙ୍କ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି। ଉଲ୍ଲେଖଥାଉ କି, ଗତ ସୋମବାର ଅନୁଷ୍ଠିତ ବୋର୍ଡ ବୈଠକରେ ଇସିଏଫ ସଂକ୍ରାନ୍ତରେ ବିଶେଷଜ୍ଞ କମିଟି ଗଠନ କରିବାକୁ ଆର୍‌ବିଆଇ ରାଜି ହୋଇଥିଲା। ଏହି କମିଟିରେ କେନ୍ଦ୍ର ସରକାର ଓ ଆର୍‌ବିଆଇ ଦ୍ୱାରା ଯୁଗ୍ମ ଭାବେ ମନୋନୀତ ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ରିଜର୍ଭ ବ୍ୟାଙ୍କରେ କେତେ ବଳକା ଅର୍ଥ ରଖାଯାଇପାରିବ ସେ ନେଇ ସୁବ୍ରମଣ୍ୟମ୍ ଗ୍ରୁପ୍ (୧୯୯୭), ଉଷା ଥୋରାଟ୍ ଗ୍ରୁପ୍ (୨୦୦୪) ଓ ମାଲେଗାମ୍ କମିଟି ପୂର୍ବରୁ ସେମାନଙ୍କର ସୁପାରିସ କରିଥିଲେ। ଏହି ୩ଟି କମିଟି ବଳକା ଅର୍ଥ ରଖିବା ନେଇ ୩ ପ୍ରକାର ସ୍ତର ସୂଚାଇଥିଲେ। ଫଳରେ କୌଣସି ଗୋଟିଏ ଉପରେ ନିଷ୍ପତ୍ତି ନିଆଯାଇ ପାରି ନ ଥିଲା। ୩ ମାସ ମଧ୍ୟରେ ରିପୋର୍ଟ ମିଳିବ ବୋଲି ଜଣାପଡ଼ିଛି।

## ୬ ମାସ ପର୍ଯ୍ୟନ୍ତ ଆର୍‌ବିଆଇ ଟଙ୍କା ନେବନି କେନ୍ଦ୍ର: ଜେଟ୍‌ଲୀ

ନୂଆଦିଲ୍ଲୀ,୨୪-୧୧

କେନ୍ଦ୍ର ସରକାର ନିଜର ବିତ୍ତୀୟ ନିଅଣ୍ଟ କମାଇବା ଲାଗି ଆସନ୍ତା ୬ ମାସ ପର୍ଯ୍ୟନ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ଠାରୁ ଅର୍ଥ ନେବେ ନାହିଁ ବୋଲି ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ପଷ୍ଟ କରିଛନ୍ତି। ଆସନ୍ତା ବର୍ଷ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଯୋଜନା ରୂପାୟନ ଲାଗି ସରକାର ଆରବିଆଇଠାରୁ ଅର୍ଥ ଦାବି କରୁଛି ବୋଲି ବିରୋଧୀ ଦଳଗୁଡିକ ଅଭିଯୋଗ କରୁଥିଲେ। ଜେଟ୍‌ଲୀ ଏହାର ଉତ୍ତର କହିଛନ୍ତି ଯେ, ସରକାର କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାୟତ୍ତତାକୁ ସମ୍ମାନ କରୁଛନ୍ତି। କିନ୍ତୁ କିଛି ସେକ୍ଟରରେ ନଗଦ ସଙ୍କଟ ଦେଖାଦେଇଛି। ଏହି ପ୍ରସଙ୍ଗକୁ ଆର୍‌ବିଆଇ ସମ୍ମୁଖରେ ସରକାର ଉଠାଇବେ। ଉଲ୍ଲେଖଥାଉ କି, ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଗତ ସପ୍ତାହରେ ଟୁଇଟ୍ ଜରିଆରେ କହିଥିଲେ ଯେ, ଆର୍‌ବିଆଇର ବଳକା ଅର୍ଥ ଉପରେ କେନ୍ଦ୍ର ସରକାରଙ୍କ ନଜର ରହିଛି।


**OFFICE OF THE EXECUTIVE ENGINEER,**
**R.W.S.&.S. DIVISION, JAJPUR, AT: CHANDIKHOL**
**Po- Dhanmandal, Dist- Jajpur PIN-754024**
Phone- 06725-221454, E-mail-eerwss_jpr@ori.nic.in

**E-PROCUREMENT NOTICE**

**Bid Identification No. rwssjajpur 38 / 2018-19 dt. 14.11.2018**

**No. 1009-O:-** The Executive Engineer, RWS&S Division, Jajpur at Chandikhol on behalf of Governor of Odisha, invites bids through e-procurement in double cover system according to norm of e-procurement system in on-line mode from eligible contractors.

| | | | |
|---|---|---|---|
| 1. | Nature of work | : | Supplying all construction materials, HDPE / GI pipes, valves, specials etc. and laying the pipeline, Constructing the pump house with compound wall, fitting and fixing of suitable motor and pump set in the production well, supplying, fitting and fixing of chlorine dozing system of approved make and specification, constructing RCC Elevated Storage Reservoirs of specified capacity, providing household connections etc. along with five years maintenance after one year of defect liability period etc. complete for 5 nos individual rural piped water supply schemes pertaining to jajpur district under one package. |
| 2. | Estimated Cost | : | Rs. 422.83 lakhs |
| 3. | Time for completion | : | 11 (eleven) months |
| 4. | Cost of bidding document | : | Rs.10000/- |
| 5. | Class of Contractors eligible | : | A & Special |
| 6. | Availability of bids on-line | : | 11.00 hours of 01.12.2018 to 17.00 hours of 15.12.2018. |
| 7. | Last date and time for seeking clarification | : | upto 17.00 hours of 14.12.2018 |
| 8. | Date & time of opening of Technical Bid online | : | 11.00 hours of 17.12.2018 |
| 9. | Date & time of opening of Financial Bid | : | To be announced latter |

Further details can be seen in the website https://www.tendersorissa.gov.in.

*Executive Engineer*
25027/11/0026/1819 *R.W.S & S Division, Jajpur, (at: Chandikhol)*

**OFFICE OF THE EXECUTIVE ENGINEER,**
**R.W.S.&.S. DIVISION, JAJPUR AT: CHANDIKHOL**
**Po- Dhanmandal, Dist- Jajpur PIN-754024**
Phone- 06725-221454, E-mail-eerwss_jpr@ori.nic.in

**E-PROCUREMENT NOTICE**

**Bid Identification No. rwssjajpur 37/ 2018-19 dt. 14.11.2018**

**No. 1008-O:-** The Executive Engineer, RWS&S Division, Jajpur at Chandikhol on behalf of Governor of Odisha, invites bids through e-procurement in double cover system according to norm of e-procurement system in on-line mode from eligible contractors.

| | | | |
|---|---|---|---|
| 1. | Nature of work | : | Supplying all construction materials, HDPE / GI pipes, valves, specials etc. and laying the pipeline, Constructing the pump house with compound wall, fitting and fixing of suitable motor and pump set in the production well, supplying, fitting and fixing of chlorine dozing system of approved make and specification, constructing RCC Elevated Storage Reservoirs of specified capacity, providing household connections etc. along with five years maintenance after one year of defect liability period etc. complete for 3 nos individual rural piped water supply schemes pertaining to jajpur district under one package. |
| 2. | Estimated Cost | : | Rs. 446.19 lakhs |
| 3. | Time for completion | : | 11 (eleven) months |
| 4. | Cost of bidding document | : | Rs.10000/- |
| 5. | Class of Contractors eligible | : | A & Special |
| 6. | Availability of bids on-line | : | 11.00 hour of 01.12.2018 to 17.00 hours of 15.12.2018. |
| 7. | Last date and time for seeking clarification | : | upto 17.00 hours of 14.12.2018 |
| 8. | Date & time of opening of Technical Bid online | : | 11.00 hour of 17.12.2018 |
| 9. | Date & time of opening of Financial Bid | : | To be announced latter |

Further details can be seen in the website https://www.tendersorissa.gov.in.

*Executive Engineer*
25027/11/0025/1819 *R.W.S & S Division, Jajpur (at: Chandikhol)*



DSPL - 191

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍
ଓଡ଼ିଶା ସରକାର

ଓଡ଼ିଶା ଶାସନ

**ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ**

**ମାନସିକ ରୋଗ ସମ୍ପର୍କରେ ଜାଣିବା କଥା**

ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧୫ ରୁ ୧୭ ହଜାର ମାନସିକ ରୋଗୀ ଚିହ୍ନଟ ହୋଇଥାନ୍ତି । ତନ୍ମଧ୍ୟରୁ ଶତକଡ଼ା ୫୦ ରୁ ୮୦ ଭାଗ ରୋଗୀ ଆମ ରାଜ୍ୟରେ ବିଳମ୍ବରେ ଚିହ୍ନଟ ହୋଇଥାନ୍ତି । ଆପଣଙ୍କ କିମ୍ବା ଆପଣଙ୍କ ଅଂଚଳରେ ପିଲାଙ୍କ ଠାରେ ନିମ୍ନଲିଖିତ ଲକ୍ଷଣ ପରିଲକ୍ଷିତ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

**ମାନସିକ ରୋଗର ଲକ୍ଷଣ**

★ ବହୁଦିନ ଧରି ରାତିରେ ନିଦ ନହେବା
★ ବାରମ୍ବାର ରାତିରେ ଦୁଃସ୍ୱପ୍ନ ଦେଖିବା
★ ମନରେ ଅତ୍ୟଧିକ ଡର ଲାଗିରହିବା
★ ଅନ୍ୟକୁ ଅତ୍ୟଧିକ ସନ୍ଦେହ କରିବା ଓ ହଠାତ୍ ରାଗିଯିବା
★ ମାତ୍ରାଧିକ ସ୍ମରଣଶକ୍ତିର ହ୍ରାସ ଘଟିବା
★ ସବୁବେଳେ ଅନ୍ୟମନସ୍କ ରହିବା ଓ ପ୍ରତ୍ୟେକ କଥା ଭୁଲିଯିବା
★ ବାରମ୍ବାର ଗୋଟିଏ କାମକୁ ଆବଶ୍ୟକତାଠାରୁ ଅଧିକଥର କରିବା
★ ମାତ୍ରାଧିକ ଦୁଃଖୀହେବା ଓ ମୌନ ରହିବା
★ ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା
★ ମନକୁ ମନ ହସିବା କିମ୍ବା ଅଯଥା ଗପିବା
★ ହତାଶ ଅନୁଭବ କରିବା ଓ ମନକୁ ଆତ୍ମହତ୍ୟା ଭାବନା ଆସିବା
★ ଅସ୍ୱାଭାବିକ ଆଚରଣ ଓ ବିଶୃଙ୍ଖଳା ଦେଖାଦେବା

**ମାନସିକ ରୋଗକୁ ପ୍ରତିରୋଧ କରିବାର ଉପାୟ**

★ କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
★ ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା
★ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ଜାରି ରଖିବା
★ ନିୟମିତ ଶାରୀରିକ ପରିଶ୍ରମ ଜାରି ରଖିବା
★ ଉଚ୍ଚତା ଓ ବୟସ ଅନୁପାତରେ ନିଜ ଓଜନକୁ ସନ୍ତୁଳିତ ରଖିବା
★ ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
★ ଅତ୍ୟଧିକ ମାନସିକ ଚାପରୁ ନିଜକୁ ନିବୃତ୍ତ ରଖିବା
★ ନିୟମିତ ଭାବରେ ଯୋଗାଭ୍ୟାସ ଏବଂ ଧ୍ୟାନ ଜାରି ରଖିବା

10036/13/0001/1819

ଯଦି କୌଣସି ବ୍ୟକ୍ତିଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ ।

**ମାନସିକ ରୋଗ ପ୍ରାଥମିକ ଅବସ୍ଥାରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ । ମାନସିକ ରୋଗୀମାନଙ୍କ ପାଇଁ ଔଷଧ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ଅଟେ ।**

facebook.com/HFWOdisha http://www.health.odisha.gov.in/ @HFWOdisha

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା**

# ଟାଇଟଲ ଦାବିଦାର

ଆଉ ମାତ୍ର ୨ ଦିନ ପରେ ଆୟୋଜିତ ହେବାକୁ ଯାଉଛି ହକି ବିଶ୍ୱକପ୍‌ର ଚତୁର୍ଦ୍ଦଶ ସଂସ୍କରଣ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୧୫ ହଜାର ଦର୍ଶକଙ୍କ ସାମ୍ନାରେ ଖେଳାଯିବାକୁ ଥିବା ଏହି ମେଗା ଇଭେଣ୍ଟରେ ୪ଟି ପୁଲ୍‌ରେ ୪ଟି ଲେଖାଏ ଦଳ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। କେଉଁ ପୁଲ୍‌ରେ କେଉଁ ଦଳ ଫେଭରାଇଟ ସେ ନେଇ ଏକ ପର୍ଯ୍ୟାଲୋଚନା।



ଜର୍ମାନୀ ଅଧିନାୟକ ମାର୍ଟିନ ହାନେର



ନେଦରଲାଣ୍ଡ ଅଧିନାୟକ ସେଭ୍ ଭାନ୍ ଆସ୍



ଆର୍ଜେଣ୍ଟିନା ଅଧିନାୟକ ପେଡ୍ରୋ ଇବାରା



ଅଷ୍ଟ୍ରେଲିଆ ଅଧିନାୟକ ଆରନ ଜେଲସ୍କି



ବେଲଜିୟମ ଅଧିନାୟକ ଥୋମାସ ବ୍ରିଏଲ୍ସ

## ପୁଲ୍-ଏ: ଅଲିମ୍ପିକ୍ ସଫଳତା ଦୋହରାଇବା ଲକ୍ଷ୍ୟରେ ଆର୍ଜେଣ୍ଟିନା

**ଆର୍ଜେଣ୍ଟିନା (ବିଶ୍ୱ ର୍ୟାଙ୍କିଙ୍ଗ: ନମ୍ବର ୨), ସ୍ପେନ୍ (ନମ୍ବର ୮), ନ୍ୟୁଜିଲାଣ୍ଡ (ନମ୍ବର: ୯) ଓ ଫ୍ରାନ୍ସ (ନମ୍ବର: ୨୦)।**

ଅଲିମ୍ପିକ୍ସ ଚାମ୍ପିୟନ ତଥା ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନା ପୁଲ୍ ଏ'ରେ ହଟ୍ ଫେଭରାଇଟ ବିବେଚିତ ହେଉଛି। ଏହି ଦଳରେ ଏକାଧିକ ତାରକା ତଥା ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ଲୁକାସ ଭିଲ୍ଲା ବିଶ୍ୱର ଜଣେ ଶ୍ରେଷ୍ଠ ଆଟାକର୍ସ ବିବେଚିତ ହୁଅନ୍ତି। ସେହିପରି ଗୋଞ୍ଜାଲୋ ପେଇଲାଟ୍ ବିଶ୍ୱର ଜଣେ ସଫଳତମ ପେନାଲ୍ଟି କର୍ନର ଡ୍ରାଗ୍- ଫ୍ଲିକରର ମାନ୍ୟତା ପାଇଛନ୍ତି। ତେବେ ପୁଲ ଏ'ର ବାକି ୩ଟି ଦଳ ଆର୍ଜେଣ୍ଟିନାକୁ ଚକ୍‌ମା ଦେବାର କ୍ଷମତା ରଖୁଛନ୍ତି।

ସ୍ପେନ୍ ମୁଖ୍ୟ କୋଚ୍ ଫ୍ରେଡେରିକ୍ ସେୟେଜ ମଧ୍ୟ ନିଜ ଦଳକୁ ଫେଭରାଇଟ୍ ବୋଲି ଅଭିହିତ କରିଛନ୍ତି। ସ୍ପେନ ମେଡାଲ ପୋଜିଶନ ହାସଲ କରିବାକୁ ସକ୍ଷମ ବୋଲି ସେ କହିଛନ୍ତି। ୨୦୦ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳିସାରିଥିବା ଗୋଲ କିପର କ୍ୱିକୋ କୋର୍ଟେସ, ସେର୍ଗି ଏନିରିକ୍, ମିଗୁଏଲ ଡେଲାସ ଓ ପାଉ କ୍ୱେମେଡାଙ୍କ ଭଳି ଅଭିଜ୍ଞ ଖେଳାଳି ଦଳରେ ରହିଛନ୍ତି। ସେହିପରି ଏନରିକ୍ ଗୋଞ୍ଜାଲ୍ସ ଭଳି ପ୍ରତିଭାସମ୍ପନ୍ନ ଯୁବ ଖେଳାଳି ପ୍ରତିପକ୍ଷ ଦଳକୁ ଚକ୍‌ମା ଦେବାର କ୍ଷମତା ରଖୁଛନ୍ତି।

ସେହିପରି ନ୍ୟୁଜିଲାଣ୍ଡ ଦଳରେ ମଧ୍ୟ ଏକାଧିକ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଅଧିନାୟକ ବ୍ଲେୟାର ଟାରାଣ୍ଟ ମଧ୍ୟ ଦଳର ଭଲ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଯେକୌଣସି ସମୟ ଓ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଯେକୌଣସି ଦଳକୁ ଚକ୍‌ମା ଦେବାର କ୍ଷମତା ରଖୁଛି। ସେହିପରି ଅଭିଜ୍ଞ ଡିଫେଣ୍ଡର ଓ ପେନାଲ୍ଟି କର୍ନର ଏକ୍ସପର୍ଟ ଭିକ୍ଟର ଚାର୍ଲେଟଙ୍କ ନେତୃତ୍ୱରେ ଫ୍ରାନ୍ସ ଏଥର ଦମ୍ ଦେଖାଇବ ବୋଲି ଆଶା କରାଯାଉଛି। ଦୀର୍ଘ ୨୮ ବର୍ଷରେ ଫ୍ରାନ୍ସ ଏଥର ବିଶ୍ୱକପ୍‌ରେ କିଛି କରିଦେଖାଇବା ଆଶା କରାଯାଉଛି।

## ପୁଲ୍ ବି: ହ୍ୟାଟ୍ରିକ ଟାଇଟଲ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ଅଷ୍ଟ୍ରେଲିଆ (ନମ୍ବର ୧), ଇଂଲଣ୍ଡ (ନମ୍ବର ୭), ଆୟର୍ଲାଣ୍ଡ (ନମ୍ବର ୧୦) ଓ ଚାଇନା (ନମ୍ବର ୧୭)**

ଆଧୁନିକ ହକିରେ ଅଷ୍ଟ୍ରେଲିଆ ସବୁଠାରୁ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି। କ୍ରମାଗତ ତୃତୀୟଥର ପାଇଁ ଅଷ୍ଟ୍ରେଲିଆ ବିଶ୍ୱକପ୍ ହାସଲ ଲକ୍ଷ୍ୟରେ ରହିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ୨୦୧୦ ବିଶ୍ୱକପ୍ ଓ ନେଦରଲାଣ୍ଡର ଦି ହଗ୍‌ରେ ଖେଳାଯାଇଥିବା ୨୦୧୪ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଗତ କିଛିବର୍ଷ ମଧ୍ୟରେ ଭାରତରେ ଅଷ୍ଟ୍ରେଲିଆର ରେକର୍ଡ ବେଶ୍ ଉଚ୍ଚକୋଟୀର ରହିଆସିଛି। ଖାସ୍ କରି ଭୁବନେଶ୍ୱରରେ ଅଷ୍ଟ୍ରେଲିଆର ପ୍ରଦର୍ଶନ ଅତି ଚମତ୍କାର ରହିଛି। ଭୁବନେଶ୍ୱରରେ ଅଷ୍ଟ୍ରେଲିଆ ୨୦୧୪ ଚାମ୍ପିୟନ୍ସ ଟ୍ରଫି ଓ ୨୦୧୭ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ଟାଇଟଲ ଜିତିଥିଲା। ଜ୍ୟାକ ହ୍ୱେଟନ, ଟ୍ରେଣ୍ଟ ମିଲଟନ, ଜେରେମି ହେୱାର୍ଡ ଓ ବ୍ଲାକ ଗୋଭର୍ସ ଅଷ୍ଟ୍ରେଲିଆ ଦଳରେ ନିୟମିତ ସଦସ୍ୟ ରହିଆସିଛନ୍ତି। ଏମାନେ ଦଳ ପାଇଁ ମଧ୍ୟ ନିୟମିତ ଭାବେ ଗୋଲ ସ୍କୋର କରୁଛନ୍ତି। ତେଣୁ ଏଥର ଅଷ୍ଟ୍ରେଲିଆକୁ ରୋକିବା ସେତେଟା ସହଜ ହେବ ନାହିଁ। ଅଷ୍ଟ୍ରେଲିଆର କୋଚ୍ ରହିଛନ୍ତି ୧୯୮୬ ବିଶ୍ୱକପ୍ ଚାମ୍ପିୟନ ତଥା ପୂର୍ବତନ ଅଷ୍ଟ୍ରେଲିଆ ଖେଳାଳି କଲିନ ବ୍ୟାଚ୍।

ଅପରପକ୍ଷରେ ଅଷ୍ଟ୍ରେଲିଆକୁ ରୋକିବା ପାଇଁ ଇଂଲଣ୍ଡ ହେଡ୍ କୋଚ୍ ଡ୍ୟାନୀ କେରୀ ସବୁମତେ ଚେଷ୍ଟା କରିବାକୁ ପ୍ରୟାସ କରିବେ ବୋଲି କହିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ଇଂଲଣ୍ଡ ମହିଳା ଦଳକୁ ଚାମ୍ପିୟନ କରାଇ ଏହାର ପ୍ରମାଣ ଦେଇଛନ୍ତି। ଶ୍ରେଷ୍ଠ ର୍ୟାଙ୍କର ଦଳ ନେଦରଲାଣ୍ଡକୁ ଚକ୍‌ମା ଦେଇ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଥିଲା। ଏହି ବିଶ୍ୱକପ୍‌ରେ ମଧ୍ୟ ସେ ଏଭଳି କିଛି କରିସ୍ମା ଦେଖାଇବାକୁ ପ୍ରୟାସ ନିଶ୍ଚୟ କରିବେ। ୪୦୦ରୁ ଊର୍ଦ୍ଧ୍ୱ ଆନ୍ତର୍ଜାତିକ ମ୍ୟାଚ୍ ଖେଳିଥିବା ଅଭିଜ୍ଞ ବେରୀ ମିଡଲଟନ ଇଂଲଣ୍ଡ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ। ସେହିପରି ପ୍ରଲିଫିକ୍ ଷ୍ଟ୍ରାଇକର ସାମ ୱାର୍ଡ ଦଳର ପ୍ରଦର୍ଶନକୁ ଶାଣିତ କରିବାରେ ସକ୍ଷମ ହୋଇଛନ୍ତି।

ଅନ୍ୟପଟେ ଆୟର୍ଲାଣ୍ଡ ୧୯୯୦ ପରେ ବିଶ୍ୱକପ୍ ଖେଳିବାର ସୁଯୋଗ ହାସଲ କରିଛି। ଗତ କିଛି ବର୍ଷ ଧରି ଆୟର୍ଲାଣ୍ଡ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଆସିଛି। ତେଣୁ ଏହି ଦଳକୁ ଆଦୌ ହେୟ ମନେ କରିହେବ ନାହିଁ। ୨୦୧୫ରେ ଆୟର୍ଲାଣ୍ଡ ୟୁରୋପିଆନ ବ୍ରୋଞ୍ଜ୍ ମେଡାଲିଷ୍ଟ ବିବେଚିତ ହୋଇଥିଲା। ଦଳର ଗୋଲକିପର ଡେଭିଡ ହର୍ଟ ଜଣେ ବିଶ୍ୱସ୍ତରୀୟ ଖେଳାଳିଭାବେ ନିଜକୁ ପ୍ରମାଣିତ କରିଛନ୍ତି। ସେହିପରି ମିଡ୍‌ଫିଲ୍ଡରେ ଶେନ୍ ଓ'ଡୋନୋଘୁଏ ଆୟର୍ଲାଣ୍ଡର କର୍ଣ୍ଣଧାର ସାଜିବେ।

ଅପରପକ୍ଷରେ ଚାଇନା ପ୍ରଥମଥର ପାଇଁ ପୁରୁଷ ବିଶ୍ୱକପ୍ ଖେଳିବାକୁ ଯାଉଛି। ତେବେ ଅନ୍ୟ ଦଳଗୁଡ଼ିକୁ ଚାଇନା କଡା ଟକ୍କର ଦେବ ବୋଲି ଆଶା କାରାଯାଉଛି। ଚାଇନାର ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ ଡୁ ଟାଲେକ ଯଦି ସଫଳ ହେବେ ତାହାଲେ ଚାଇନା କେତୋଟି ବିପର୍ଯ୍ୟୟ ଘଟାଇବାକୁ ସକ୍ଷମ ହେବ।

## ପୁଲ୍ ସି: ବେଲଜିୟମ- ଭାରତ କଡ଼ା ଟକ୍କର

**ବେଲଜିୟମ (ନମ୍ବର ୩), ଭାରତ (ନମ୍ବର ୫), କାନାଡ଼ା (ନମ୍ବର ୧୧) ଓ ଦକ୍ଷିଣ ଆଫ୍ରିକା (ନମ୍ବର ୧୫)।**

୨୦୧୬ ରିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟୀ ବେଲଜିୟମ୍ ପୁଲ୍ ସି'ରେ ଫେଭରାଇଟ୍ ବିବେଚିତ ହେଉଛି। ଗତ କିଛି ବର୍ଷ ମଧ୍ୟରେ ଏହି ଦଳ ଦମ୍‌ଦାର ପ୍ରଦର୍ଶନ କରି ନାଟକୀୟ ଢଙ୍ଗରେ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି କରି ବିଶ୍ୱର ଶ୍ରେଷ୍ଠ ୩ ଦଳ ମଧ୍ୟରେ ସାମିଲ ହୋଇପାରିଛି। ଦଳରେ ଏକାଧିକ ଯୁବ ତଥା ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ରିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟୀ ସେଡ୍ରିକ୍ ଚାର୍ଲିୟର, ଟମ୍ ବୁନ୍, ଜନ- ଜନ ଡୋହମେନ, ଥୋମାସ ବ୍ରିଏଲ୍ସ, ସାଇମନ ଗୌନାର୍ଡ, ଫେଲିକ୍ସ ଡେନାୟେର, ଆର୍ଥର ଭାନ ଡୋରେନ ଓ ଭିନସେଣ୍ଟ ବାନସ୍କ ପ୍ରମୁଖ ଖେଳାଳି ଦଳରେ ସାମିଲ ରହିଛନ୍ତି। ଭିନ୍‌ସେଣ୍ଟ ୨୦୧୭ରେ ଏଫ୍‌ଆଇଏଚ୍ ହକି ଷ୍ଟାର ପୁରସ୍କାର ଉତ୍ସବରେ ମେନ୍ସ ପ୍ଲେୟାର ଆଣ୍ଡ ଗୋଲକିପର ଅଫ୍ ଦି ଗୋଲକିପର ବିବେଚତ ହୋଇଥିଲେ। ବେଲଜିୟମ ଦଳରେ ପ୍ରାୟ ସବୁ ଖେଳାଳି ବିଶ୍ୱସ୍ତରୀୟ। ତେଣୁ କେବଳ ପୁଲ ସି'ରେ ନୁହଁ ଏହି ଦଳ ବିଶ୍ୱକପ୍ ଟାଇଟଲ ଦାବିଦାର ଭାବେ ଉଭା ହୋଇଛି।

ପୁଲ୍ ସିରେ ବେଲଜିୟମକୁ ଆୟୋଜକ ଭାରତ କଡା ଟକ୍କର ଦେବ ବୋଲି ଆଶା କରାଯାଉଛି। ୧୫ ହଜାର ଘରୋଇ ଦର୍ଶକଙ୍କ ସାମ୍ନାରେ ଭାରତ ଦମ୍‌ଦାର ପ୍ରଦର୍ଶନ କରିବା ଆଶା କରାଯାଉଛି। ହେଡ୍ କୋଚ୍ ହରେନ୍ଦ୍ର ସିଂଙ୍କ ତତ୍ତ୍ୱାବଧାନରେ ଭାରତ ୨୦୧୬ରେ ଲକ୍ଷ୍ନୌରେ ଅନୁଷ୍ଠିତ ୨୧ ବର୍ଷରୁ କମ୍ ଜୁନିୟର ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ତେଣୁ ହରେନ୍ଦ୍ର ଏହି ସଫଳତା ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ଉକ୍ତ ଚାମ୍ପିୟନ ଦଳର ୭ ଜଣ ସଦସ୍ୟ ଏହି ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। ହରମନପ୍ରୀତ ସିଂ, ବରୁଣ କୁମାର, ସୁମିତ, ନୀଳକାନ୍ତ ଶର୍ମା, ସିମରନଜିତ ସିଂ ଓ ମନଦୀପ ସିଂ ଏହି ମେଗା ଇଭେଣ୍ଟରେ କିଛି କରି ଦେଖାଇବାର ସୁଯୋଗ ହାସଲ କରିଛନ୍ତି।

କାନାଡ଼ା ମଧ୍ୟ ଆଦୌ ପଛରେ ପଡିନାହିଁ। ଅଭିଜ୍ଞ ଡିଫେଣ୍ଡର ସ୍କଟ ଟୁପ୍ପରଙ୍କ ହାତରେ ଦଳର ନେତୃତ୍ୱ ରହିଛି। ଭୁବନେଶ୍ୱରରେ ଏହି ଦଳ କମାଲ କରିବା ଲକ୍ଷ୍ୟରେ ରହିଛି। ସେହିପରି ଆଫ୍ରିକାନ ଚାମ୍ପିୟନ ଦକ୍ଷିଣ ଆଫ୍ରିକା ଦଳ ମଧ୍ୟ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖୁଛି। ଦକ୍ଷିଣ ଆଫ୍ରିକା ଦଳରେ ଅଷ୍ଟିନ୍ ସ୍ମିଥ୍‌ଙ୍କ ଭଳି ବିଶ୍ୱସ୍ତରୀୟ ଡିଫେଣ୍ଡର ରହିଛନ୍ତି।

## ପୁଲ ଡି: ନେଦରଲାଣ୍ଡ୍ସ, ଜର୍ମାନୀ ଫେଭରାଇଟ୍

**ନେଦରଲାଣ୍ଡ୍ସ (ନମ୍ବର ୪), ଜର୍ମାନୀ (ନମ୍ବର ୬), ମାଲେସିଆ (ନମ୍ବର ୧୨) ଓ ପାକିସ୍ତାନ (ନମ୍ବର ୧୩)**

ପୁଲ୍ ଡି'ରେ ଶୀର୍ଷ ସ୍ଥାନ ଅଧିକାର କରିବାକୁ ନେଦରଲାଣ୍ଡ୍ସ ଓ ଜର୍ମାନୀ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ। ଏହି ପୁଲ୍‌ରେ ସବୁ ଦଳ ବେଶ୍ ଅନ୍‌ପ୍ରେଡିକ୍ଟେବଲ ବିବେଚିତ ହେଉଛନ୍ତି। ଡଚ୍ ଦଳ ର୍ୟାଙ୍କିଙ୍ଗ୍‌ରେ ଅନ୍ୟ ଦଳକୁ ପଛରେ ପକାଇଛି। ୟୁରୋପିଆନ ଚାମ୍ପିୟନ ନେଦରଲାଣ୍ଡ୍ସ ବିଶ୍ୱକପ୍‌ରେ ମଧ୍ୟ ଏହି ସଫଳତା ଦୋହରାଇବା ଲକ୍ଷ୍ୟରେ ରହିଛି। ହେଡ୍ କୋଚ୍ ମ୍ୟାକ୍ସ କାଲଡାସ୍ ଏକ ଶ୍ରେଷ୍ଠ ଦଳ ଚୟନ କରିଛନ୍ତି। ଦଳରେ ଏକାଧିକ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଏମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି ତାରକା ମିଡ୍‌ଫିଲ୍ଡର ବିଲି ବେକ୍କର ଓ ରୋବେର୍ଟ କେମ୍ପେରମ୍ୟାନ, ବ୍ରିଲିଆଣ୍ଟ ଗୋଲ ସ୍କୋରର ମାକ୍ରୋ ପ୍ରୁଇସର, ରିସର୍ଜେଣ୍ଟ ଆଟାକର ଜେରେଏନ ହର୍ଟବେର୍ଜର ଓ ପେନାଲ୍ଟି କର୍ନର ଏକ୍ସପର୍ଟ ମିଙ୍କ ଭାନ ଡେର ୱିରଡେନ।

ଅପରପକ୍ଷରେ ପୁଲ ଡି'ରେ ଜର୍ମାନୀ ମଧ୍ୟ ଶୀର୍ଷରେ ରହିବାର ଦକ୍ଷତା ରଖୁଛି। ଦଳରେ ଅଭିଜ୍ଞ ଓ ଯୁବ ପ୍ରତିଭାସମ୍ପନ୍ନ ଖେଳାଳି ରହୁଛନ୍ତି। ଫ୍ଲୋରିଆନ ଫଚ୍ସ ଓ କ୍ରିଷ୍ଟୋଫର ରୁହର ବିଶ୍ୱସ୍ତରୀୟ ଆଟାକର ଭାବେ ବିବେଚିତ ହେଉଛନ୍ତି। ସେହିପରି ଉଦୀୟମାନ ତାରକା ଟିମ୍ମ ହେରଜବ୍ୟୁଚ୍ ମଧ୍ୟ ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ। ସେହିପରି ମିଡ୍‌ଫିଲ୍ଡରେ ତୋବିୟାସ ହାଉକେ ଓ ମ୍ୟାଟ୍ସ ଗ୍ରାମବୁସ୍କ, ଅଧିନାୟକ ମାର୍ଟିନ ହାନେର ଦଳର ମେରୁଦଣ୍ଡ ସାବ୍ୟସ୍ତ ହେବେ। ଜର୍ମାନୀ ଓ ନେଦରଲାଣ୍ଡ୍ସକୁ ମାଲେସିଆ ଓ ପାକିସ୍ତାନ କଡ଼ା ଚ୍ୟାଲେଞ୍ଜ୍ ଦେବେ।

ରେକର୍ଡ ୪ଥର ବିଶ୍ୱକପ୍ ଟାଇଟଲ ଜିତିଥିବା ପାକିସ୍ତାନ ପୂର୍ବ ଫର୍ମରେ ନ ଥିଲେ ମଧ୍ୟ ଯେକୌଣସି ଦଳକୁ ହରାଇବାର କ୍ଷମତା ରଖୁଛି। ଅଭିଜ୍ଞ ଓ ଯୁବ ତଥା ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ନେଇ ପାକିସ୍ତାନ ଦଳ ବେଶ୍ ସନ୍ତୁଳିତ। ଭୁବନେଶ୍ୱରରେ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ପାକିସ୍ତାନ ଅଧିନାୟକ ମହମ୍ମଦ ରିଜୱାନ ସିନିୟର ଆଶା ପ୍ରକାଶ କରିଛନ୍ତି।



ଭୁବନେଶ୍ୱରରେ ନ୍ୟୁଜିଲାଣ୍ଡ ଦଳ।



ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଇଂଲଣ୍ଡ ଦଳ।

> ଆମ ଖେଳାଳିମାନେ ଗ୍ରାସ୍‌କୋର୍ଟରେ ଭଲ ପ୍ରଦର୍ଶନ କରୁଥିବାରୁ ଫେବୃୟାରୀରେ ଇଟାଲୀ ବିପକ୍ଷ ଡେଭିସ୍ କପ୍‌ରେ ସେମାନେ ଫାଇଦାରେ ରହିବେ ।
> —ମହେଶ ଭୂପତି, ଭାରତର ଅଣଖେଳାଳି ଅଧିନାୟକ



> ମୋ ଫିଟ୍‌ନେସ ସମସ୍ୟା ଦୂର ହୋଇଥିବା ମୋର ଅନୁଭବ ହେଉଛି। ୱେଷ୍ଟଇଣ୍ଡିଜ ବିପକ୍ଷ ପରବର୍ତ୍ତୀ ଟେଷ୍ଟରେ ମୁଁ ଭଲ କରିପାରିବି ବୋଲି ମୋର ଆଶା ।
> —ଶକିବ ଅଲ୍ ହସନ, ବାଂଲାଦେଶ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ରାଜ୍ୟଗୋଷ୍ଠୀ ଫେନ୍‌ସିଂ ଭବାନୀ ଦେବୀଙ୍କୁ ସ୍ୱର୍ଣ୍ଣ

**ମାଡ୍ରାସ, ୨୪।୧୧ (ପି.ଟି.):** ଅଷ୍ଟ୍ରେଲିଆର କାନବେରାଠାରେ ଚାଲିଥିବା ସିନିୟର ରାଜ୍ୟଗୋଷ୍ଠୀ ଫେନ୍‌ସିଂ ଚାମ୍ପିୟନଶିପ୍ ୨୦୧୮ରେ ଭାରତର ସି.ଏ. ଭବାନୀ ଦେବୀ ସାବ୍ରେ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ଭବାନୀ ଦେବୀ ହେଉଛନ୍ତି ପ୍ରଥମ ଭାରତୀୟ। ଖବର ଅନୁସାରେ, ଫାଇନାଲରେ ସେ ଇଂଲଣ୍ଡର ଏମିଲି ରକ୍ସଙ୍କୁ ୧୫-୧୨ରେ ହରାଇ ଦେଇଥିଲେ। ଚେନ୍ନାଇରେ ଜନ୍ମଗ୍ରହଣ କରିଥିବା ଭବାନୀ ଦେବୀ ସେମିଫାଇନାଲରେ କ୍ୟାଟ୍ରିଓନା ଥମସନ (ସ୍କଟ୍‌ଲାଣ୍ଡ)ଙ୍କୁ ହରାଇ ଦେଇଥିଲେ। ଚଳିତବର୍ଷ ଏହା ପୂର୍ବରୁ ସେ ଆଇସ୍‌ଲାଣ୍ଡରେ ଅନୁଷ୍ଠିତ ଟୁର୍‌ନୋଇ ସାଟେଲାଇଟ୍ ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ପଦକ ଲାଭ କରିଥିଲେ। ଗତବର୍ଷ ପ୍ରଥମ ଭାରତୀୟ ଭାବେ ରେକ୍‌ଜାଭିକ୍‌ଠାରେ ଅନୁଷ୍ଠିତ ୱାର୍ଲ୍ଡକପ୍ ସାଟେଲାଇଟ୍ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭବାନୀ ଦେବୀ ଆହୁରି ମଧ ହଂକଂଠାରେ ଅନୁଷ୍ଠିତ ଏସିଆନ ଫେନ୍‌ସିଂ ଚାମ୍ପିୟନଶିପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

# ଶ୍ରେଷ୍ଠ ବିପକ୍ଷରେ ନିଜକୁ ପରଖିବା ସୁଯୋଗ

**ଭୁବନେଶ୍ୱର, ୨୪।୧୧ (କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ ଖେଳିବା ପାଇଁ ବିଭିନ୍ନ ବିଦେଶୀ ଦଳର ଆଗମନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି କ୍ରମରେ ଶନିବାର ଭୁବନେଶ୍ୱରରେ ପହଞ୍ଚିଛି ବିଶ୍ୱର ନମ୍ବର ୱାନ ଦଳ ତଥା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ। ‘‘ଏଥରର ବିଶ୍ୱକପ ପୂର୍ବ ସଂସ୍କରଣଠାରୁ ନିଆରା ହେବ ଏବଂ ଅଷ୍ଟ୍ରେଲିଆ ବିଶ୍ୱର ଅନ୍ୟ ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଲଢ଼େଇ କରି ଟାଇଟଲ ବଜାୟ ରଖିବାକୁ ଚେଷ୍ଟା କରିବ’’ ବୋଲି ଅଧିନାୟକ ଆରନ ଜେଲସ୍କି ପ୍ରକାଶ କରିଛନ୍ତି। ଚାମ୍ପିୟନ ଦଳ ହୋଇଥିଲେ ହେଁ ଆମ ଉପରେ କୌଣସି ଚାପ ନାହିଁ, ମନ୍ଦିରମାଳିନୀ ସହର ଭୁବନେଶ୍ୱରକୁ ପୁଣିଥରେ ଆସିଥିବାରୁ ମୁଁ ବହୁତ ଖୁସି। ବିଶ୍ୱସ୍ତରରେ ହକି ଏବେ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଯାଇଛି। ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ପ୍ରତି ଦଳ ପାଇଁ ସୁଯୋଗ ରହିଛି। ଘରୋଇ ପରିବେଶରେ ଖେଳୁଥିବାରୁ ଭାରତକୁ ହରାଇବା ସହଜ ହେବନି’’ ବୋଲି ସେ କହିଛନ୍ତି। ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକ ବିପକ୍ଷରେ ନିଜକୁ ପରଖିବା ସୁଯୋଗ ଆସିଛି। ୨୦୧୬ ରିଓ ଅଲିମ୍ପିକ୍ସ ପରେ ଏପରି ଏକ ପ୍ଲାଟ୍‌ଫର୍ମ ମିଳିଛି। ତେଣୁ ଟାଇଟଲ ବଜାୟ ରଖିବାକୁ ହେଲେ ଆମକୁ ଏଠାରେ ଦକ୍ଷତା ଅନୁସାରେ ପ୍ରଦର୍ଶନ ଦେବାକୁ ପଡ଼ିବ ବୋଲି ସେ ମତ ଦେଇଛନ୍ତି। ଅଷ୍ଟ୍ରେଲିଆ କଳିଙ୍ଗ ଷ୍ଟାଡିୟମରେ ୨୦୧୪ ଚାମ୍ପିୟନ୍ସ ଟ୍ରଫିରେ ବ୍ରୋଞ୍ଜ ପଦକ ଜିତିଥିବାବେଳେ ୨୦୧୭ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ଟାଇଟଲ ହାସଲ କରିଥିଲା। ତେଣୁ ଦଳପାଇଁ ଏହି ଗ୍ରାଉଣ୍ଡ ଲକି ସାବ୍ୟସ୍ତ ହୋଇଆସିଛି। ଅଷ୍ଟ୍ରେଲିଆ ପୁଲ୍ ‘ବି’ରେ ଆୟର୍ଲାଣ୍ଡ, ଇଂଲଣ୍ଡ, ଓ ଚାଇନା ସହିତ ସ୍ଥାନ ପାଇଛି। ତେଣୁ ପୁଲ୍ ପର୍ଯ୍ୟାୟରେ ମଧ ଦଳକୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ମୁଖ୍ୟ କୋଚ୍ କଲିନ ବ୍ୟାଚ୍ ପ୍ରକାଶ କରିଛନ୍ତି। ‘‘ଆମେ ଚାମ୍ପିୟନ ଦଳ ସତ, ମାତ୍ର ଏହା ମଧ୍ୟରେ ଦୀର୍ଘଦିନ ବିତି ଯାଇଛି। ଟ୍ରେନିଂ ସମୟରେ ଆମେ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଅଭ୍ୟାସ କରିଛୁ। ମହିଳା ହକି ବିଶ୍ୱକପରେ ବିସ୍ମିତ ହେବାଭଳି ଅନେକ ଘଟଣା ଘଟିଥିଲା। ତେଣୁ ଆମେ ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ ଉପରେ ଫୋକସ କରୁଛୁ। ତା’ ପରେ ପରବର୍ତ୍ତୀ ମ୍ୟାଚ ପାଇଁ ରଣନୀତି ପ୍ରସ୍ତୁତ କରିବୁ’’ ବୋଲି ୧୯୮୬ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ବ୍ୟାଚ୍ କହିଛନ୍ତି। ଆୟର୍ଲାଣ୍ଡ ଦଳର ଶକ୍ତି ସମ୍ପର୍କରେ ବିଶେଷ ଅବଗତ ନାହୁଁ, ଇଂଲଣ୍ଡ ସହିତ କେତେକ ମ୍ୟାଚ ଖେଳିଛୁ, ମାତ୍ର ଚାଇନା ନୂଆ ଦଳ ହୋଇଥିବାରୁ ଗ୍ରୁପ ପର୍ଯ୍ୟାୟରେ ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ନଭେମ୍ବର ୩୦ରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ ସହ ଅଷ୍ଟ୍ରେଲିଆ ଏହାର ଅଭିଯାନ ଆରମ୍ଭ କରିବ।

**ଆଉ ୨ ଦିନ**

# ପାକିସ୍ତାନ ଦଳ ପହଞ୍ଚିଲା



**ଭୁବନେଶ୍ୱର, ୨୪।୧୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ ଖେଳିବା ପାଇଁ ପାକିସ୍ତାନ ଦଳ ଶନିବାର ଭୁବନେଶ୍ୱରରେ ପହଞ୍ଚିଛି। ରାତିରେ ପାକିସ୍ତାନ ପହଞ୍ଚିବାପରେ କଡ଼ା ସୁରକ୍ଷା ମଧ୍ୟରେ ଦଳକୁ ଟିମ୍ ହୋଟେଲକୁ ନିଆ ଯାଇଛି। ସ୍ପନ୍‌ସରଶିପ୍ ଆଦି କେତେକ ଘଟଣାକୁ ନେଇ ପାକିସ୍ତାନ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣକୁ ନେଇ ଅନିଶ୍ଚିତତା ଦେଖା ଦେଇଥିଲା। ମାତ୍ର ଏହା ସମାଧାନ ହେବାପରେ ଏହି ଏସୀୟ ଦଳର ଆଗମନ ନିଶ୍ଚିତ ହୋଇଥିଲା। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପାକିସ୍ତାନର ଆସିବା ଖବରକୁ ଗୋପନ ରଖା ଯାଇଥିଲା। ପାକିସ୍ତାନ ପୁଲ୍‘ଡି’ରେ ନେଦରଲାଣ୍ଡ୍ସ, ଜର୍ମାନୀ ଓ ମାଲେସିଆ ସହିତ ସ୍ଥାନ ପାଇଛି। ଡିସେମ୍ବର ୧ରେ ଜର୍ମାନୀ ବିପକ୍ଷରେ ମ୍ୟାଚ ଖେଳି ପାକିସ୍ତାନର ଏହାର ଅଭିଯାନ ଆରମ୍ଭ କରିବ।

# ସିରିଜ ନିର୍ଣ୍ଣାୟକ ଟି୨୦ ଆଜି

**ସିଡ୍‌ନୀ, ୨୪।୧୧ (ପି.ଟି.)**

**ମ୍ୟାଚ୍ ଆରମ୍ଭ: ଅପରାହ୍ନ ୧:୨୦ ମିନିଟ୍**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱାର୍କ**

ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଟି୨୦ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ରବିବାର ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍ ଅଷ୍ଟ୍ରେଲିଆ ଜିତିବା ପରେ ଶୁକ୍ରବାର ଖେଳାଯାଇଥିବା ୨ୟ ଟି୨୦ ବର୍ଷା ଯୋଗୁ ବାତିଲ ହୋଇଥିଲା। ଫଳରେ ନିର୍ଣ୍ଣାୟକ ୩ୟ ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଘରୋଇ ଅଷ୍ଟ୍ରେଲିଆ ଏହି ମ୍ୟାଚ୍ ଜିତି ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ବିରାଟ କୋହଲିଙ୍କ ଦଳ ପାଇଁ କିନ୍ତୁ ଏହି ମ୍ୟାଚ ‘କର ବା ମର’ ସଦୃଶ ହୋଇଛି। ଦ୍ୱିତୀୟ ମ୍ୟାଚ୍ ଭଳି ଆଉ ଏକ ଶୃଙ୍ଖଳିତ ବୋଲିଂ କରି ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ ଭାଗ କରିବା ଲକ୍ଷ୍ୟରେ ରହିଛି।

ଚଳିତ ସିରିଜର ପ୍ରଥମ ମ୍ୟାଚ୍‌କୁ ଆରୋନ ଫିଞ୍ଚଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଦଳ ଡିଏଲ୍ ପଦ୍ଧତିରେ ୪ ରନରେ ଜିତି ନେଇ ୧-୦ରେ ଅଗ୍ରଣୀ ରହିଥିଲା। ଏହାପରେ ୨ୟ ମ୍ୟାଚ୍‌ରେ କିନ୍ତୁ ଭାରତୀୟ ବୋଲିଂ ବାହିନୀ ଅଷ୍ଟ୍ରେଲିଆକୁ ୧୯ ଓଭରରେ ୭ ଉଇକେଟ୍‌ରେ ୧୩୨ ରନରେ ଅଟକାଇ ଦେଇଥିଲା। ପରେ ବର୍ଷା ହେବାରୁ ଡିଏଲ୍ ପଦ୍ଧତିରେ ଭାରତ ଆଗରେ ୧୧ ଓଭରରେ ୯୦ ରନର ଟାର୍ଗେଟ୍ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ପୁନର୍ବାର ବର୍ଷା ହେବାରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ଫଳରେ ବର୍ତ୍ତମାନ ତୃତୀୟ ମ୍ୟାଚ୍ ଉପରେ ଦୁଇ ଦଳର ନଜର। ବିରାଟ ବାହିନୀ ଏହି ମ୍ୟାଚ୍ ଜିତି ସିରିଜ ଡ୍ର କରିବା ସହ ଡିସେମ୍ବର ୬ରୁ ଆଡିଲେଡ୍‌ରେ ଆରମ୍ଭ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ ପୂର୍ବରୁ ମନୋବଳ ଦୃଢ଼ କରିବା ଲକ୍ଷ୍ୟରେ ରହିଛି। ଭାରତୀୟ ଦଳ ୨୦୧୭ ଅଗଷ୍ଟ ପରଠାରୁ ଟି୨୦ ସିରିଜ କେବେ ହାରିନାହିଁ। ଏହି ସମୟ ମଧ୍ୟରେ ଭାରତ କ୍ରମାଗତ ୭ଟି ଟି୨୦ ସିରିଜ ବିଜୟୀ ହୋଇଛି। ଯେଉଁଥିରେ ନିଦାହାସ ଟ୍ରଫି (ତ୍ରିରାଷ୍ଟ୍ରୀୟ), ଇଂଲଣ୍ଡ (୨-୧) ଓ ବାଂଲାଦେଶ ବିପକ୍ଷ ସିରିଜ ପ୍ରମୁଖ ରହିଛି। ଶେଷଥର ୨୦୧୬ରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ସିରିଜକୁ ଭାରତ ୩-୦ରେ ଏକପାଖିଆ ଭାବେ ଜିତିଥିଲା।

# ରଶିଦ୍‌ଙ୍କୁ ୫ ଉଇକେଟ୍: ଇଂଲଣ୍ଡ ଅଗ୍ରଣୀ

**କଲମ୍ବୋ, ୨୪।୧୧ (ଏଏଫ୍‌ପି)**

ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ପ୍ରଥମ ଇନିଂସରେ ଅଗ୍ରଣୀ ଲାଭ କରିଛି। ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ୩୩୬ ରନ ଜବାବରେ ଶ୍ରୀଲଙ୍କା ୨୪୦ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଦିମୁଥ କରୁଣାରତ୍ନେ (୮୩) ଓ ଧନଞ୍ଜୟ ଡି ସିଲ୍‌ଭା (୭୩) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଉଭୟ ୨ୟ ଉଇକେଟ୍‌ରେ ୧୪୨ ରନର ଦମ୍‌ଦାର ପାର୍ଟନରଶିପ୍ କରିଥିଲେ ମଧ ଦଳ ଏହାର ଫାଇଦା ଉଠାଇ ପାରି ନ ଥିଲା। ଏକଦା ଗୋଟିଏ ଉଇକେଟ୍ ହରାଇ ୧୭୩ ରନ କରିଥିବା ଶ୍ରୀଲଙ୍କା ୬୭ ରନରେ ବଳକା ୯ଟି ଉଇକେଟ୍ ହରାଇଥିଲା। ଭ୍ରମଣକାରୀ ଇଂଲଣ୍ଡ ପକ୍ଷରୁ ଲେଗ୍-ସ୍ପିନର ଆଦିଲ ରଶିଦ୍ ୫ ଏବଂ ବେନ୍ ଷ୍ଟୋକ୍ସ ୩ଟି ଉଇକେଟ୍ ନେଇଥିଲେ। ଜବାବରେ ୯୬ ରନରେ ଅଗ୍ରଣୀ ଲାଭ କରିଥିବା ଇଂଲଣ୍ଡ ୨ୟ ଇନିଂସ ଆରମ୍ଭ କରି ଶନିବାର ଷ୍ଟମ୍ପ ଅପସାରଣ ସୁଦ୍ଧା କୌଣସି ଉଇକେଟ୍ ନ ହରାଇ ୩ ରନ ସଂଗ୍ରହ କରିଛି। ଫଳରେ ଦଳ ଏବେ ମୋଟ୍ ଉପରେ ୯୯ ରନରେ ଆଗୁଆ ରହିଛି।

ସୋମବାର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୧୨/୭ରୁ ମଙ୍ଗଳବାର ବ୍ୟାଟିଂ ଆରମ୍ଭ କରିଥିବା ଇଂଲଣ୍ଡ ଆଉ ୨୪ ରନ ଯୋଡ଼ି ବଳକା ୩ ଉଇକେଟ୍ ହରାଇଥିଲା। ଜନୀ ବେୟାରଷ୍ଟୋ ସର୍ବାଧିକ ୧୧୦ ରନ କରିଥିବାବେଳେ ଲକ୍ଷ୍ମଣ ସନ୍ଦକାନଙ୍କୁ ୫ଟି ଉଇକେଟ୍ ମିଳିଥିଲା।

## ଆଜି ଆସିବେ ଜର୍ମାନୀ, ଆୟର୍ଲାଣ୍ଡ, ମାଲେସିଆ

**ଭୁବନେଶ୍ୱର, ୨୪।୧୧ (କ୍ରୀଡ଼ା ପ୍ରତିନିଧି):** ହକି ବିଶ୍ୱକପ ଖେଳିବା ପାଇଁ ରବିବାର ଭୁବନେଶ୍ୱରରେ ପହଞ୍ଚିବେ ଜର୍ମାନୀ, ଆୟର୍ଲାଣ୍ଡ ଓ ମାଲେସିଆ। ବିଶ୍ୱ ର୍‍ୟାଙ୍କିଙ୍ଗରେ ଜର୍ମାନୀ ସମ୍ପ୍ରତି ୬ ନମ୍ବରରେ ଥିବାବେଳେ ଆୟର୍ଲାଣ୍ଡ ୧୦ ଓ ମାଲେସିଆ ୧୨ ନମ୍ବର ସ୍ଥାନରେ ରହିଛି। ଜର୍ମାନୀ ଓ ଆୟର୍ଲାଣ୍ଡ ଅପରାହ୍ନ ୧ଟା ୧୦ ଏବଂ ମାଲେସିଆ ରାତି ୧୧ଟା ୨୫ରେ ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ବିଦେଶୀ ଦଳ ଗୁଡ଼ିକ ମଧ୍ୟରେ ପୂର୍ବରୁ ଆର୍ଜେଣ୍ଟିନା, ଦକ୍ଷିଣ ଆଫ୍ରିକା, ଫ୍ରାନ୍ସ, ଚାଇନା, ସ୍ପେନ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ପାକିସ୍ତାନ, ନେଦରଲାଣ୍ଡ୍ସ, ବେଲଜିୟମ, କାନାଡ଼ା ଏଠାରେ ପହଞ୍ଚି ସାରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ୱାର୍ମଅପ୍ ମ୍ୟାଚରେ ଭାରତ ୫-୦ ଗୋଲରେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାକୁ ପରାସ୍ତ କରିଛି।









ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ନଭେମ୍ବର ୨୫/୨୦୧୮ Bhubaneswar, Sunday, November 25/ 2018




## ସଂକ୍ଷେପରେ

### ନବନିର୍ମାଣ ଛାତ୍ର ସଂଗଠନ ବୈଠକ

**ବାଲିଆ,୨୪।୧୧:** ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ଶନିବାର ନବ ନିର୍ମାଣ ଛାତ୍ର ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇଛି। ଜଗତ୍‌ସିଂହପୁର ଜିଲା ନବ ନିର୍ମାଣ ଛାତ୍ର ସଂଗଠନ ଜିଲା ସଂଯୋଜିକା ଶୁଭାଙ୍ଗି ମଧୁସ୍ମିତା ବସ୍ତିଆଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ ବେଣୁଧର ମହାପାତ୍ର ସଭାପତିତ୍ୱ କରିଥିଲେ। ପିଣ୍ଟୁ ତିଆଡି, ଏସ.କେ.କାଣ୍ଡି, ଶିବାନୀ ମଲ୍ଲିକ, ଭାରତୀ ମଲ୍ଲିକ, ସତ୍ୟ ପ୍ରକାଶ ସ୍ୱାଇଁ, ସଚ୍ଚିଦାନନ୍ଦ ସାହୁ, ଶୁଭନନ୍ଦିନୀ ଭୋଇ, ପ୍ରିୟଦର୍ଶିନୀ ବେହେରା, ସ୍ୱପ୍ନାରାଣୀ ସାହୁ, ଗୀତାଞ୍ଜଳି ବାରିକ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବେକାରୀ ସମସ୍ୟା, ଛାତ୍ର ବୃତ୍ତି ପ୍ରଦାନ, ଦରଦାମ ନିୟନ୍ତ୍ରଣ ଆଦି ସମ୍ପର୍କରେ ସେମାନେ ଦାବି ଉପସ୍ଥାପନ କରିଥିଲେ।

### ୨ ଲୁଟେରା ଗିରଫ

**ପାରାଦୀପ,୨୪।୧୧(ସ୍ୱ.ପ୍ର.):** ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନୂଆଗଡ଼ର ଅଶୋକ ସ୍ୱାଇଁଙ୍କ ଘରୁ ଗତ ୧୫ ଦିନ ତଳେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ଶନିବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବିକାଶ ମହାପାତ୍ର ଓ ସୌମ୍ୟଜିତ ରାଉତରାୟ। ଏହି ଘଟଣାରେ ଆଉ ୨ ଜଣ ଫେରାର ଅଛନ୍ତି। ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଚିନ୍ମୟ ରାଉତ କହିଛନ୍ତି।

### ଭାଜପାର ଜନପରାମର୍ଶ ପଦଯାତ୍ରା

**କୁଜଙ୍ଗ,୨୪।୧୧(ସ୍ୱ.ପ୍ର):** କୁଜଙ୍ଗ ବ୍ଲକ୍ ବଗଦିଆ ପଞ୍ଚାୟତରେ ଭାଜପାର ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଭାଜପା ନେତା ସମ୍ପଦ ସ୍ୱାଇଁ, ପାରାଦୀପ ଗଡ଼ ଜୋନ୍ ସଭାପତି ରଶ୍ମିରଞ୍ଜନ ସାମନ୍ତରାୟ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ, ଯୁବମୋର୍ଚ୍ଚା ସଭାପତି ବାବୁରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଏହି ପଞ୍ଚାୟତର ରାସ୍ତା, ପାନୀୟ ଜଳ, ବର୍ଷାଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଜମିହରାଙ୍କ ପାଇଁ ନିଯୁକ୍ତି ସହ ସେମାନଙ୍କ ପିଲାମାନଙ୍କ ପରୋକ୍ଷ ରୋଜଗାର ବିଷୟରେ ସମ୍ପଦ କହିଥିଲେ। ସୁକାନ୍ତ ରାଉତରାୟ, ଭାଗ୍ୟଧର ପ୍ରଧାନ, ଶୈଳବାଳା ଲେଙ୍କା, ଗଜେନ୍ଦ୍ର ଲେଙ୍କା, ପ୍ରଦୀପ ତରାଇ, ନିଶାମଣୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି କୋଠି ପଞ୍ଚାୟତରେ ଚନ୍ଦ୍ରମଣି ଦାସଙ୍କ ପୌରୋହିତ୍ୟରେ ପଥପ୍ରାନ୍ତ ସଭା ଓ ପଦଯାତ୍ରା ହୋଇଛି। ଏଥିରେ ସମ୍ପଦଙ୍କ ସହ ମଣ୍ଡଳ ଉପସଭାପତି ଅଞ୍ଜନ ଆଚାର୍ଯ୍ୟ, ଯୁବମୋର୍ଚ୍ଚା ସଭାପତି ବାବୁରଞ୍ଜନ ପ୍ରଧାନ, ଅଜୟ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

# ନୌସେନା ଜାହାଜ ଦେଖିଲେ ଲୋକେ

**ପାରାଦୀପ,୨୪।୧୧(ସ୍ୱ.ପ୍ର.)**

ଭାରତୀୟ ନୌସେନାର ଦୁଇଟି ଯୁଦ୍ଧ ଯାହାଜକୁ ଶନିବାର ସାଧାରଣ ଲୋକେ ଅତି ପାଖରୁ ଦେଖିଛନ୍ତି। ପାରାଦୀପ ବନ୍ଦର ପୋତାଶ୍ରୟର ଇଫ୍‌କୋ ବର୍ଥରେ ଲାଗିଛି ଏହି ଦୁଇ ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ ତିହାୟୁ ଓ ସୁମେଧା। ସକାଳ ୯ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜାହାଜ ଦେଖିବା ପାଇଁ ଛଡ଼ାଯାଇଥିଲା। ନୌସେନା ପକ୍ଷରୁ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମଠାରୁ ପ୍ରାଥମିକ ଯାଞ୍ଚ ପରେ ବସ୍ ଯୋଗେ ଲୋକଙ୍କୁ ବନ୍ଦର ନିଷିଦ୍ଧାଞ୍ଚଳକୁ ନିଆଯାଇଥିଲା। ପ୍ରଥମ ଦିନ ୪ହଜାରରୁ ଊର୍ଦ୍ଧ୍ୱ ଲୋକ ଜାହାଜ ଦେଖିଥିଲେ। ନୌସେନାର ଯୁଦ୍ଧାସ୍ତ୍ର, ସମୁଦ୍ରରେ କିପରି ଶତ୍ରୁପକ୍ଷକୁ ମୁକାବିଲା କରାଯାଏ, କିପରି ନୌଯବାନମାନେ ଦେଶ ସୁରକ୍ଷାରେ ନିୟୋଜିତ ରୁହନ୍ତି ତାହା ଦେଖିବାକୁ ସୁଯୋଗ ମିଳିଥିଲା। ରବିବାର ସ୍କୁଲ, କଲେଜ ଛାତ୍ରୀଛାତ୍ର ଜାହାଜ ଦେଖିବା ନିମନ୍ତେ ବ୍ୟବସ୍ଥା ହୋଇଛି ବୋଲି ନୌସେନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୧୯୭୧ ଡିସେମ୍ବର ୪ରେ ଭାରତୀୟ ନୌସେନା ପାକିସ୍ତାନର କରାଚି ସହର ଉପରେ ଆକ୍ରମଣ କରି ବିଜୟ ଲାଭ କରିଥିଲା। ସେହି ସ୍ମୃତିକୁ ମନେପକାଇବା ପାଇଁ ଡିସେମ୍ବର ପ୍ରଥମ ସପ୍ତାହକୁ ନୌସେନା ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ନୌସେନା ସମ୍ପର୍କରେ ଜ୍ଞାନ ଆହରଣ ନିମନ୍ତେ ଜନସାଧାରଣ, ଛାତ୍ରୀଛାତ୍ର ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି।


ଲୋକମାନେ ନୌସେନା ଜାହାଜ ଦେଖୁଛନ୍ତି।


ଖନ୍ଦୋଳ ଗ୍ରାମର ରାହାସ ଉତ୍ସବ ସାଂସ୍କୃତିକ ମଞ୍ଚରେ ହୋଇଥିବା କଂସ ଦରବାର।

## ଖନ୍ଦୋଳରେ କଂସ ଦରବାର

**ତିର୍ତ୍ତୋଲ,୨୪।୧୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଇଚ୍ଛିସିଂ ପଞ୍ଚାୟତ ଖନ୍ଦୋଳ ଗ୍ରାମରେ ଗଡେଶ୍ୱର ଯୁବ ପରିଷଦ ପକ୍ଷରୁ ଆୟୋଜିତ ରାହାସ ଉତ୍ସବ ସାଂସ୍କୃତିକ ମଞ୍ଚରେ କଂସ ଦରବାର ଅନୁଷ୍ଠିତ ହୋଇଛି। ପୂର୍ବତନ କଂସ ତଥା ବର୍ତ୍ତମାନ ଉଗ୍ରେସନ ଭୂମିକା ନିର୍ବାହ କରୁଥିବା କଳାକାହ୍ନୁ ଚୌହାନ, ମହାମନ୍ତ୍ରୀ ଭରତ ସାହୁ ଓ ସେନାପତି ବିଦ୍ୟାଧର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶ୍ରୀ ଶୁଭଶ୍ରୀ କାର୍ଯ୍ୟକାରୀ ସମ୍ପାଦକ ନଗେନ୍ଦ୍ରନାଥ ସ୍ୱାଇଁ, ଧନୁଯାତ୍ରା କଳାକାର କଳାକାହ୍ନୁ ଚୌହାନ, ଦୟାନିଧି ପ୍ରଧାନ, ଗୋଲାପ ଚନ୍ଦ୍ର ଦାଶ, ରୁଦ୍ରପ୍ରସନ୍ନ ରଥ, ସବିର ବକ୍ସ, ରାଜକୁମାର ଅଗ୍ରୱାଲ, ସୁଶ୍ରୀ ଶୁଭଶ୍ରୀ ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ବିକ୍ରମ ମହାନ୍ତି, ସାଇ ରତୁପର୍ଣ୍ଣା ପରିଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସୁଶ୍ରୀ ଶୁଭଶ୍ରୀର ସଭାପତି ପ୍ରେମଚରଣ ରାଉତ ଓ ଯୁବ ପରିଷଦ ସମ୍ପାଦକ ବିଭୁପ୍ରସାଦ ଦାସ ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ। ଗଡେଶ୍ୱର ଯୁବ ପରିଷଦ ସଭାପତି ସଂଗ୍ରାମ କେଶରୀ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଅମରଜିତ ସାହୁ, ସୁନୀଲ ନାୟକ, ଦେବେନ୍ଦ୍ର ପଣ୍ଡା, ନାଗେଶ୍ୱର ସାହୁ, ରଞ୍ଜନ ଦାସ, ଗଡେଶ୍ୱର ଦାସ ସହଯୋଗ କରିଥିଲେ।

# ଏସ୍‌ଡିପିଓଙ୍କ ଅଚାନକ ଛୁଟିକୁ ନେଇ ଚର୍ଚ୍ଚା

**ଜଗତ୍‌ସିଂହପୁର ଅଫିସ,୨୪।୧୧**

ଜଗତ୍‌ସିଂହପୁର ଏସ୍‌ଡିପିଓ ସୁଯୋଗ୍ୟ ମିଶ୍ରଙ୍କ ଅଚାନକ ଛୁଟିକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବଦଳି ସତ୍ତ୍ୱେ ସେ ଦୀର୍ଘଦିନ ହେଲା ଏଠାରେ ରହିଛନ୍ତି। ଯେଉଁମାନଙ୍କ ବଦଳି ହୋଇଛି, ସେମାନେ ନଭେମ୍ବର ୨୫ ତାରିଖ ଭିତରେ ତୁରନ୍ତ ନୂଆ ସ୍ଥାନରେ ଯୋଗଦେବାକୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଧାରରେ ମିଶ୍ରଙ୍କୁ ଏସ୍‌ପି ପ୍ରକାଶ ଆର୍ ତୁରନ୍ତ ରିଲିଭ୍ ହେବା ପାଇଁ କହିଥିଲେ। କିନ୍ତୁ ମିଶ୍ର ଜଗତ୍‌ସିଂହପୁର ଛାଡିବାକୁ ରାଜି ନ ଥିବାରୁ ଛୁଟି ବାହାନା କରିଥିବା ଚର୍ଚ୍ଚା ହେଉଛି। ଗତ ୨୦ ତାରିଖରୁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ମିଶ୍ର ଛୁଟିରେ ଅଛନ୍ତି ବୋଲି ଜଗତ୍‌ସିଂହପୁର ଏସ୍‌ଡିପିଓ ଦାୟିତ୍ୱରେ ଥିବା ଡିଏସ୍‌ପି (ଏଚ୍‌ଆର୍‌ପିସି) ବାମଦେବ ସିଂହ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କୁହାଯାଉଛି ଯେ ମିଶ୍ର କାଲେ ବାଙ୍ଗାଲୋର ଯାଇଛନ୍ତି। କେବଳ ସେ ଏକା ନୁହନ୍ତି, ଜଗତ୍‌ସିଂହପୁର ଥାନାର ଜଣେ ମହିଳା ଏସ୍‌ଆଇ ଓ କ୍ରୀଷ୍ଣାନନ୍ଦପୁର ଫାଣ୍ଡି ଅଧିକାରୀ ଜ୍ୟୋତି ସାହୁ ମଧ୍ୟ ଯାଇଛନ୍ତି। ମହିଳା ଏସ୍‌ଆଇ ଗତ ୧୯ ତାରିଖ ଅପରାହ୍ନରୁ ୭ ଦିନ ପାଇଁ ଛୁଟି ନେଇଛନ୍ତି। ଏସ୍‌ଡିପିଓ ମିଶ୍ର ତାଙ୍କ ଛୁଟି ଦରଖାସ୍ତ ମଞ୍ଜୁର କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଜଣେ ଏସ୍‌ଆଇଙ୍କୁ ଏସ୍‌ଡିପିଓ କିପରି ଛୁଟିଦେଲେ। ନିୟମ ଅନୁସାରେ ଜଣେ ଏସ୍‌ଆଇଙ୍କୁ ଏସ୍‌ଡିପିଓ ଛୁଟି ଦେଇପାରିବେ ନାହିଁ। ଏସ୍‌ପି ଛୁଟି ମଞ୍ଜୁର କରିବେ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। କିନ୍ତୁ ଏଠାରେ ତାହା ହୋଇନାହିଁ। ସେହିପରି ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଛୁଟିରେ ଥିବା ଏସ୍‌ଡିପିଓ ମିଶ୍ର କେଉଁ କାରଣରୁ ଜଣେ ମହିଳା ଓ ପୁରୁଷ ଏସ୍‌ଆଇଙ୍କ ସହ ବାଙ୍ଗାଲୋର ଯାଇଛନ୍ତି, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଆଲୋଚନା ହେଉଛି। ୩ ଜଣ ପୋଲିସ ଅଧିକାରୀଙ୍କୁ କିପରି ସମାନ ସମୟରେ ଛୁଟି ମିଳିଲା ତାହା ମଧ୍ୟ ତଦନ୍ତ ସାପେକ୍ଷ। ଏକଥା ମଧ୍ୟ ଶୁଣାଯାଉଛି, ଏସ୍‌ଡିପିଓ ମିଶ୍ରଙ୍କ ସହ କେବଳ ୨ ଜଣ ପୋଲିସ କର୍ମଚାରୀ ନୁହନ୍ତି ସ୍ଥାନୀୟ ଅଞ୍ଚଳର ଅନ୍ୟ କେହି ଯାଇଛନ୍ତି। ଏ ସମ୍ପର୍କରେ ଏସ୍‌ପି କହିଛନ୍ତି, ଏସ୍‌ଆଇ ସାହୁ ଛୁଟିରେ ଯିବା କଥା ସେ ଜାଣନ୍ତି ନାହିଁ। ଏସ୍‌ଡିପିଓ ମିଶ୍ରଙ୍କ ଜଙ୍ଘରେ ସମସ୍ୟା ଥିବାରୁ ଚିକିତ୍ସା ପାଇଁ ସେ ବାଙ୍ଗାଲୋର ଯିବେ ବୋଲି ପୂର୍ବରୁ କହୁଥିଲେ। କିନ୍ତୁ ୨୫ ତାରିଖ ଭିତରେ ଦାୟିତ୍ୱରେ ଯୋଗଦେଇ ରିଲିଭ୍ ହେବା କଥା। ତାହା ନ ହେଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ନୂଆ ଏସ୍‌ଡିପିଓ ଖୁବଶୀଘ୍ର କାର୍ଯ୍ୟରେ ଯୋଗଦେବାର ସୂଚନା ମିଳିଥିବା ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ଏସ୍‌ଡିପିଓ ମିଶ୍ର ଏସ୍‌ପିଙ୍କ ବିନା ଅନୁମତିରେ ଛୁଟି ନେଇଥିବା କୁହାଯାଉଛି। ଏ ସମ୍ପର୍କରେ ଏସ୍‌ଡିପିଓ ଏବଂ ଏସ୍‌ଆଇଙ୍କୁ ଯୋଗାଯୋଗ କରିବା ସମ୍ଭବ ହୋଇନାହିଁ।

## ବୈଷ୍ଣବ ଥିଲେ ଭାଷା ଆନ୍ଦୋଳନର ସାରଥି

**କୁଜଙ୍ଗ,୨୪।୧୧(ସ୍ୱ.ପ୍ର)**

ପୂର୍ବତନ ଏମ୍‌ପି ବୈଷ୍ଣବ ଚରଣ ପରିଡ଼ାଙ୍କ ବିୟୋଗରେ କୁଜଙ୍ଗ ଆଥଲେଟିକ୍ କ୍ଲବ୍‌ରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ ନିଶାକର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ବରିଷ୍ଠ ନାଗରିକ ମଞ୍ଚର ସଂଗଠନ ସମ୍ପାଦକ ବାବୁରାମ ଚୌଧୁରୀ ଯୋଗଦେଇ ସ୍ୱର୍ଗତ ପରିଡ଼ା ଭାଷା ଆନ୍ଦୋଳନର ସାଲିସ ବିହୀନ ସାରଥି ଥିଲେ ବୋଲି କହିଥିଲେ। ଉତ୍କଳ ସାହିତ୍ୟ ସମାଜ ସଂଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ, କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର ବିଶ୍ୱାଳ, ଶ୍ରୀବଲ୍ଲଭ କର, ଚିତ୍ତ ସ୍ୱାଇଁ, କବି ପୀତାମ୍ବର ତରାଇ, ଗୋପାଳ ଦାସ, ଗଙ୍ଗାଧର ସାମନ୍ତରାୟ, ମିନର୍ଭା ସ୍ୱାଇଁ, ବିଭୂତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ହିମାଂଶୁ ଶେଖର ଦାସ ଧନ୍ୟବାଦ ଦେଇଥିଲେ।

## ଚେଲିତୋଳ ବାଲିଯାତ୍ରା ଉଦ୍‌ଘାଟିତ

**ତିର୍ତ୍ତୋଲ,୨୪।୧୧(ଡି.ଏନ.ଏ.)**

ତିର୍ତ୍ତୋଲର ପ୍ରସିଦ୍ଧ ଚେଲିତୋଳ ବାଲିଯାତ୍ରା ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସାଂସ୍କୃତିକ ସଭାରେ ବିଧାୟିକା ରାଜଶ୍ରୀ ମଲ୍ଲିକ ସଭାପତିତ୍ୱ କରିଥିଲେ। ଜିଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ ପ୍ରଶାନ୍ତ ମୁଦୁଲି ମୁଖ୍ୟଅତିଥି, ଐତିହାସିକ ହରପ୍ରସାଦ ଦାସ ମୁଖ୍ୟବକ୍ତା, ଜିଲା ପରିଷଦ ଅଧକ୍ଷା ପ୍ରୀୟଦର୍ଶିନୀ ବିଶ୍ୱାଳ, ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସଭ୍ୟ ସନାତନ ଦଳାଇ, ତିର୍ତ୍ତୋଲ ବିଡିଓ ରଞ୍ଜନ କୁମାର ପରିଡା, ସିଡିପିଓ ତନୁପ୍ରଭା ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲଣ୍ଡନରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ଭାରତୀୟ ମହିଳା ଖୋଖୋ ଟିମ ସଦସ୍ୟା ତିର୍ତ୍ତୋଲର ସସ୍ମିତା ନାଥ ଶର୍ମାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ଗୋଲୋକ ବିହାରୀ ପଲାଇ ସ୍ୱାଗତ ଭାଷଣ ଓ ଦେବବ୍ରତ ମହାନ୍ତି ଧନ୍ୟବାଦ ଦେଇଥିଲେ। ପଣ୍ଡିତ ବାସବ କୁମାର ନନ୍ଦ ଓ ଅମରଜ୍ୟୋତି ସାହୁ ପରିଚାଳନା କରିଥିଲେ।

# ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଆସି ଆନ୍ଧ୍ର ପୋଲିସ ହଟହଟା

**ପାରାଦୀପ,୨୪।୧୧(ସ୍ୱ.ପ୍ର.)**

- ଚେକ୍ ବାଉନ୍ସ ମାମଲାରେ ଫେରାର ଥିଲେ ଅଭିଯୁକ୍ତ
- ଗିରଫ କରି ନ ପାରି ଫେରିଲା ଟିମ୍

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଗଡ଼ ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଆନ୍ଧ୍ର ପୋଲିସର ଏକ ୫ଜଣିଆ ଟିମ୍ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଆସି ହଟହଟା ହୋଇଛନ୍ତି। ଗ୍ରାମର ତାପସ ମହାରଥା ନାମକ ଯୁବକ ଆନ୍ଧ୍ରର ଏକ ଚେକ୍ ବାଉନ୍ସ ମାମଲରେ ଫେରାର ଥିବାରୁ ତାଙ୍କୁ ଗିରଫ କରିବାକୁ ଏହି ଟିମ୍ ଆସିଥିଲେ। ରାତି ପ୍ରାୟ ସାଢ଼େ ୩ଟାରେ ତାପସଙ୍କ ଘରେ ଟିମ୍ ସଦସ୍ୟ ପଶିଥିଲେ। ତେବେ ଏହି ପୋଲିସ ଟିମ୍ ସାଧା ପୋଷାକରେ ଥିବାରୁ ଘର ଲୋକେ ସେମାନଙ୍କୁ ପାଟି କରିବା ସହ ବିରୋଧ କରିଥିଲେ। ଏପରି କି ପାଟିତୁଣ୍ଡ ଓ ମାଡ଼ଗୋଳ ହୋଇଥିଲା। ଗାଁ ଲୋକେ ଏକାଠି ହୋଇ ପୋଲିସ ଟିମ୍‌କୁ ଘେରି ଯାଇଥିଲେ। ଏହି ଘଟଣାରେ ୨ ପକ୍ଷରୁ ଜଣେ ଲେଖାଏ ଆହତ ହୋଇଥିଲେ। ପରେ ଖବର ପାଇ ଲକ୍ ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଶନିବାର ପୂର୍ବାହ୍ନରେ ଉଭୟପକ୍ଷ ଥାନାରେ ଅଭିଯୋଗ କରିଥିଲେ। ସନ୍ଧ୍ୟାରେ ଆନ୍ଧ୍ର ପୋଲିସ, ତାଙ୍କ ଓକିଲ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା କରାଯାଇ ଘଟଣାର ସମାଧାନ ହୋଇଛି। ତେବେ ଏତେସବୁ ଘଟଣା ପରେ ଆନ୍ଧ୍ର ପୋଲିସ ଟିମ୍ ଅଭିଯୁକ୍ତଙ୍କୁ ଗରିଫ କରି ପାରି ନାହିଁ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।




Punjab: ଶ୍ୟାମ ସିଂହ ଦତ୍ତ ବୟସ ୬୧ ବର୍ଷ, ପେସାରେ ସେ ଷ୍ଟୋର୍ସର ବ୍ୟବସାୟୀ। ସାରା ଦିନ ଆଣ୍ଠୁରୁ କଡ଼-କଡ଼ ଶବ୍ଦ ଆସୁଥିଲା। ମୁଁ ପୂର୍ଣ୍ଣ ବିଶ୍ୱାସ ସହିତ ଡା. ଅର୍ଥୋ ଆୟୁର୍ବେଦିକ ତେଲ ଏବଂ କ୍ୟାପ୍‌ସୁଲ ଦୈନିକ ବ୍ୟବହାର କରିବା ଆରମ୍ଭ କଲି। ମାତ୍ର ୨୦-୨୫ ଦିନରେ ଅଦ୍ଭୁତ ଲାଭ ମିଳିଲା। ଏବେ ମୁଁ ଓ ମୋ ସ୍ତ୍ରୀ ଉଭୟ ଏହାକୁ ବ୍ୟବହାର କରୁଛୁ।

Uttar Pradesh: ଦିନେଶ ଚନ୍ଦ୍ର ଅଗ୍ରୱାଲ ବୟସ ୬୧ ବର୍ଷ, ବାସନକୁସନର ପ୍ରସିଦ୍ଧ ଶୋରୁମ୍‌ର ମାଲିକ। ମୋ ଆଣ୍ଠୁ ଓ ଅଣ୍ଟାରେ ଅସହନୀୟ ପୀଡ଼ା ରହୁଥିଲା। ଦିନେ ଟି.ଭି.ରେ ଡା. ଅର୍ଥୋ ଆୟୁର୍ବେଦିକ ତେଲର ବିଜ୍ଞାପନ ଦେଖିଲି ଏବଂ ନିର୍ଦ୍ଦେଶାନୁଯାୟୀ ସକାଳେ-ସନ୍ଧ୍ୟାବେଳେ ଏହାକୁ ମାଲିସ କରିବା ଆରମ୍ଭ କରିଦେଲି। ମାତ୍ର କିଛି ସପ୍ତାହରେ ହିଁ ମୋ ଆଣ୍ଠୁ ଓ ଅଣ୍ଟାର ପୀଡ଼ାରୁ ମୋତେ ବହୁତ ଆରାମ ମିଳିଲା।

Maharashtra: ମହାଦେବ ନାରାୟଣ ବାବସ୍କର ବୟସ ୬୫ ବର୍ଷ, ପାୱାର ହାଉସ୍‌ରେ କାମ କରେ। ଭଲି ବଲ୍ ଖେଳିବା ସମୟରେ ମୋ ବାମ କାନ୍ଧରେ ଗଭୀର ଆଘାତ ଲାଗିଥିଲା। ବନ୍ଧୁଙ୍କ ପରାମର୍ଶ ମାନି ସକାଳେ-ସନ୍ଧ୍ୟାବେଳେ ଡା. ଅର୍ଥୋ ଆୟୁର୍ବେଦିକ ତେଲରେ ମାଲିସ କଲି ଓ କ୍ୟାପ୍‌ସୁଲ ସେବନ କଲି। ମୁଁ ବହୁତ ଖୁସି ଯେ ମୋର ୧୦ ବର୍ଷ ପୁରୁଣା କାନ୍ଧ ଯନ୍ତ୍ରଣା ସମ୍ପୂର୍ଣ୍ଣ ଭଲ ହୋଇଯାଇଛି।

Chhattisgarh: ଶ୍ୟାମା ଦେବୀ ବୟସ ୪୧ ବର୍ଷ, ଅନେକ ବର୍ଷ ଧରି ମୋ ଆଣ୍ଠୁ ଖଞ୍ଜା ଓ ଗୋଡ଼ ପେଣ୍ଡାରେ ଅସହନୀୟ ପୀଡ଼ା ରହିବାକୁ ଲାଗିଥିଲା। ମୋ ପୁଅ ବଜାରରୁ ମୋତେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ ଆଣିଦେଲା। ଯାହାକୁ ମୁଁ ଦୁଇ-ଦୁଇ କ୍ୟାପ୍‌ସୁଲ ସକାଳେ- ସନ୍ଧ୍ୟାବେଳେ କ୍ଷୀର ସହିତ ସେବନ କରିବା ସହ ତେଲ ମଧ୍ୟ ମାଲିସ୍ କଲି। କିଛିଦିନ ପରେ ଏବେ ମୁଁ ସମ୍ପୂର୍ଣ୍ଣ ଠିକ୍ ହୋଇଯାଇଛି।

Rajasthan: ତେଜ୍ ସିଂ ବୟସ ୫୦ ବର୍ଷ, ବନ ବିଭାଗରେ କାର୍ଯ୍ୟରତ। ଅନେକ ବର୍ଷ ଧରି ଆଣ୍ଠୁରେ ପୀଡ଼ା ରହୁଥିଲା, କେବଳ ପେନ୍‌କିଲର୍ ଖାଇଦେଉଥିଲି। ଜଣେ ବନ୍ଧୁଙ୍କ କଥା ମାନି ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ସକାଳେ- ସନ୍ଧ୍ୟାବେଳେ କ୍ଷୀର ସହିତ ସେବନ କଲି। ମାତ୍ର ୪୨ ଦିନ ପ୍ରୟୋଗ ଦ୍ୱାରା ହିଁ ଆଣ୍ଠୁ କଥା ଛାଡ଼ନ୍ତୁ ମୋ ଶରୀରରେ ଏବେ କୌଣସି ପ୍ରକାରର କିଛି ପୀଡ଼ା ନାହିଁ।

Madhya Pradesh: ଅନୀତା ୱିକଟର ବୟସ ୪୫ ବର୍ଷ, ହାଉସ୍-ୱାଇଫ୍। କିଛି ବର୍ଷ ହେଲା ମୋ କାନ୍ଧ ଏବଂ ବେକରେ ବହୁତ ପୀଡ଼ା ରହୁଥିଲା। ସମସ୍ୟା ଧୀରେ-ଧୀରେ ବଢ଼ି ଚାଲିଥିଲା। ବାନ୍ଧବୀଙ୍କ କହିବା ମାନି ମୁଁ ପ୍ରତିଦିନ ନ ଭୁଲି ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ସେବନ କରିବା ଆରମ୍ଭ କଲି ଓ ଡା.ଅର୍ଥୋ ତେଲ ମଧ୍ୟ ମାଲିସ୍ କଲି। ଆଜି ମୋତେ ଆଦୌ ଯନ୍ତ୍ରଣା ଅନୁଭବ ହେଉନାହିଁ।

0171-3055100 | drorthooil.com | drorthooil | ସବୁ ପ୍ରମୁଖ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ

# କଳିଙ୍ଗ ବାଲିଯାତ୍ରା: ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ପାରାଦୀପ,୨୪।୧୧(ସ୍ୱ.ପ୍ର.)**

ପାରାଦୀପର ସମୁଦ୍ର ବେଳାଭୂମିରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୩ୟ ଦିନର ଶୀତ ସନ୍ଧ୍ୟାକୁ ମତୁଆଲା କରିଛି ସାଂସ୍କୃତିକ କାର୍ଯ୍ୟକ୍ରମ। ରବିବାର ଛୁଟି ଥିବାରୁ ଶନିବାର ରାତିରେ ପାରାଦୀପର କମ୍ପାନୀ କର୍ମଚାରୀ, ଶ୍ରମିକ ଓ ଆଖପାଖର ଲୋକେ ପରିବାର ସହ ବାଲିଯାତ୍ରା ବୁଲି ଆସିଥିଲେ।

ଫଳରେ ପୂର୍ବଦିନ ଅପେକ୍ଷା ଅଧିକ ଗହଳି ହୋଇଥିଲା। ସମ୍ବଲପୁରୀ ଡାଲଖାଇ, ମେଲୋଡ଼ି, ଲୋକନୃତ୍ୟ, ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ, ସଙ୍ଗୀତ, ନୃତ୍ୟ, ଭଜନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଅଧଘଣ୍ଟିଆ ସାଂସ୍କୃତିକ ସଭା ହୋଇଥିଲା। ଚଳିତଥର ବାଲିଯାତ୍ରା ୨୭ ବର୍ଷରେ ପଦାର୍ପଣ କରିଥିବାବେଳେ ଏହାର କଳେବର ବୃଦ୍ଧି ପାଇଛି। ରଥଚକଠାରୁ ଆରମ୍ଭ କରି ସମସ୍ତ ଷ୍ଟଲ, ପଲ୍ଲିଶ୍ରୀ ମେଳା, ଶିଳ୍ପକେନ୍ଦ୍ର, ମୀନାବଜାର, ଦୋଳି ଆଦି ସ୍ଥାନରେ ଗହଳି ହୋଇଛି। ସେହିପରି ଖାଦ୍ୟ ଷ୍ଟଲଗୁଡିକରେ ମଧ୍ୟ ଭିଡ଼ ହେଉଥିବା ଦେଖିବାକୁ ମିଳିଛି।


କଳିଙ୍ଗ ବାଲିଯାତ୍ରା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### କଲେକ୍ସନ ମାନ୍ଦା

ଗତବର୍ଷ ବାଲିଯାତ୍ରା ପାଇଁ ପାରାଦୀପରେ ଥିବା ୮୨ଟି କମ୍ପାନୀକୁ ଚିଠି ଯାଇଥିଲା। କିନ୍ତୁ ସେଥିରୁ ମାତ୍ର ୧୯ଟି ବଡ଼ କମ୍ପାନୀ କିଛି ଅର୍ଥ ଦେଇଥିଲେ। ଚଳିତବର୍ଷ ହାତଗଣତି ୪ରୁ ୫ଟି କମ୍ପାନୀ ଅର୍ଥ ଦେଇଛନ୍ତି। ବାଲିଯାତ୍ରା ୩ ଦିନ ଅତିକ୍ରାନ୍ତ କରିଥିଲେ ହେଁ ଆଦାୟକାରୀମାନେ ସେଥିପ୍ରତି କୌଣସି ପଦକ୍ଷେପ ନେଇନାହାନ୍ତି। ସେହିପରି ହଜାରରୁ ଊର୍ଦ୍ଧ୍ୱ ଗ୍ରାଉଣ୍ଡ ଷ୍ଟଲ ଥିଲେ ମଧ୍ୟ ଆଦାୟକାରୀ ସେମାନଙ୍କ ପାଖରେ ପହଞ୍ଚିପାରୁନାହାନ୍ତି।

### ଯାଞ୍ଚ ହେଉନି ଖାଦ୍ୟର ମାନ

ବାଲିଯାତ୍ରାରେ ୬୦ଟି ଖାଇବା ଷ୍ଟଲ ଓ ଶତାଧିକ ହୋଟେଲ, ଫାଷ୍ଟଫୁଡ୍, ଦୋକାନ ରହିଛି। ସେସବୁ ଦୋକାନରେ ଖାଦ୍ୟର ମାନ ଯାଞ୍ଚ ପାଇଁ ପ୍ରଶାସନ କୌଣସି ବ୍ୟବସ୍ଥା କରୁନାହିଁ। ଏଥିପାଇଁ କୌଣସି ଅଧିକାରୀ ମଧ୍ୟ ନାହାନ୍ତି। ଖାଇବା ସ୍ଥାନରେ ସ୍ୱଚ୍ଛତା ଓ ପାନୀୟ ଜଳ ଠିକ୍ ନାହିଁ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଚାରୋଟି ପଦାର୍ଥ ସ୍ମରଣ ରଖ: ଅନ୍ୟଦ୍ୱାରା ଲାଭ କରିଥିବା ଉପକାର, ନିଜ ଦ୍ୱାରା କରାଯାଇଥିବା ଅନ୍ୟମାନଙ୍କ ପ୍ରତି ଉପକାର, ମୃତ୍ୟୁ ଏବଂ ଭଗବାନ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ନଦୀକୁ ଗାଧୋଇବାକୁ ଯାଇ ବୃଦ୍ଧ ନିଖୋଜ

**କୋରେଇ,୨୪।୧୧(ସ୍ୱ.ପ୍ର.):** ବୈତରଣୀ ନଦୀକୁ ଗାଧୋଇବାକୁ ଯାଇ ଶୁକ୍ରବାର ଜଣେ ବୃଦ୍ଧ ନିଖୋଜ ହୋଇଛନ୍ତି। ସେ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଶାଳବା ଗ୍ରାମର ଘନଶ୍ୟାମ ଭୂତିଆ (୭୭)। ଏ ସଂକ୍ରାନ୍ତରେ ତଦନ୍ତ କରାଯିବ ବୋଲି ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା କହିଛନ୍ତି।

### ରକ୍ତଦାନ ଶିବିର ପ୍ରସ୍ତୁତି

**ରସୁଲପୁର,୨୪।୧୧(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ନିକଟସ୍ଥ ବ୍ରାହ୍ମଣବାଛପୁରଠାରେ ଆସନ୍ତା ୨୭ରେ ଓଡିଶା ଯାତ୍ରା ସଂସ୍କୃତି ଉନ୍ନୟନ ପରିଷଦ ପକ୍ଷରୁ ବିଶାଳ ରକ୍ତଦାନ ଶିବିରକୁ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ଷ୍ଟେଟ ବିଗ୍ରେଡ୍ ସ୍କୁଲ ପରିସରରେ ସକାଳ ୮ଟାରୁ ଏହି ଶିବିର ଆରମ୍ଭ ହେବ। ପରିଷଦ ସଭାପତି ନଗେନ୍ଦ୍ର ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରକ୍ତଦାତାଙ୍କ ଜନସେବାମୂଳକ ଚିନ୍ତାଧାରା ଲୋକଙ୍କ ଜୀବନ ବଞ୍ଚାଇବାରେ ସହାୟକ ହେବ ବୋଲି କହିଥିଲେ। ପରିଷଦ ସମ୍ପାଦକ ଦେବାଶିଷ ମିଶ୍ର ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିବିରରେ ବହୁ ସଂଖ୍ୟାରେ ରକ୍ତଦାତା ଯୋଗ ଦେବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

### ଓଡ଼ିଶା ସୁରକ୍ଷା ମଞ୍ଚ ପକ୍ଷରୁ ବସ୍ତ୍ର ଦାନ

**ଯାଜପୁରରୋଡ,୨୪।୧୧(ନି.ପ୍ର.):** ଓଡ଼ିଶା ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାର ଧବଳଗିରି ଶ୍ରୀସାଇ ମନ୍ଦିରରେ ଗରିବ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର ଦାନ କରାଯାଇଥିଲା। ସାମାଜିକ କର୍ମୀ ଭାଗିରଥି ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ମଞ୍ଚର ସଭାନେତ୍ରୀ ଆରତୀ ସ୍ୱାଇଁ, ଅଭିରାମ ପରିଡା, ଉପସଭାପତି ଦାମୋଦର ପଣ୍ଡା ପ୍ରମୁଖ ସଭ୍ୟାସଭ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ନବ ପ୍ରତିଭା ସାହିତ୍ୟ ସଂଗଠନର ବାର୍ଷିକୋତ୍ସବ

**ଚଣ୍ଡିଖୋଲ,୨୪।୧୧ (ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ ନବ ପ୍ରତିଭା ସଂଗଠନର ୧୬ ତମ ବାର୍ଷିକୋତ୍ସବ ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ସଂଗଠନ ସଭାପତି ଅଧାପକ ଯତୀନ୍ଦ୍ର ରାଉତ ଅଧକ୍ଷତା କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ସୂର୍ଯ୍ୟମଣି ଖୁଣ୍ଟିଆ ଉଦ୍‌ଘାଟକ ଭାବେ ଯୋଗଦେଇ ନବକୃଷ୍ଣଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଶୁଭେନ୍ଦୁ ମହାନ୍ତି ମୁଖ୍ୟ ଅତିଥି, ଶିଶୁ ସାହିତ୍ୟିକ ବସନ୍ତ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଶରତ କୁମାର କର ଯୋଗ ଦେଇଥିଲେ। ନବ ପ୍ରତିଭା ସାହିତ୍ୟ ସଂଗଠନ ସମ୍ପାଦକ ଏକାଦଶୀ ସେଠୀ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସୁଜିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସାମାଜିକ କର୍ମୀ ବିପିନ ବିହାରୀ ଦକ୍ଷିଣରାୟ, ଅଧାପକ କିଶୋର ଚନ୍ଦ୍ର ବେହୁରା, ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି, ପରିବେଶ କର୍ମୀ ପି.ଭି.ଏସ ପୃଷ୍ଟି, ଯୁବ ସାମାଜିକ କର୍ମୀ ସତ୍ୟାନନ୍ଦ ମଲ୍ଲିକ ଓ ରାକେଶ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ କବି ସରୋଜକାନ୍ତ ପରିଜା ନବକୃଷ୍ଣ ଚୌଧୁରୀଙ୍କ ଉପରେ ନିଜସ୍ୱ ଲିଖିତ କବିତା ଆବୃତ୍ତି କରିଥିଲେ।

### ରାମଚରିତ ମାନସ ପୂର୍ଣ୍ଣାହୁତି

**କୋରେଇ,୨୪।୧୧(ସ୍ୱ.ପ୍ର.):** ପାଣିକୋଇଲିସ୍ଥିତ ମା' ତାରିଣୀଙ୍କ ମନ୍ଦିରରେ ଚାଲିଥିବା ୩୫ତମ ରାମଚରିତ ମାନସ ଓ ଅଷ୍ଟପ୍ରହର ନାମଯଜ୍ଞର ଶନିବାର ପୂର୍ଣ୍ଣାହୁତି ହୋଇଛି। ବ୍ୟାସ ରବିନାରାୟଣ ମିଶ୍ର ଧାରକ ମଣ୍ଡଳୀଙ୍କ ସହ ରାମଚରିତ ମାନସ ପାଠ କରୁଥିବା ବେଳେ ପ୍ରତ୍ୟହ ସନ୍ଧ୍ୟାରେ ପଣ୍ଡିତ ପ୍ରଫୁଲ୍ଲ ମିଶ୍ର, ମୃତ୍ୟୁଞ୍ଜୟ ଚୌଧୁରୀ, ଦୟାନିଧି ଆଚାର୍ଯ୍ୟ, ଗୋପାଳ ପ୍ରସାଦ ବେଜ, ସୂର୍ଯ୍ୟମଣି ଖୁଣ୍ଟିଆଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ନାମ ସଂକୀର୍ତ୍ତନରେ ୮ ଦଳ ଭାଗ ନେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିରର ପୂଜକ ସୂର୍ଯ୍ୟମଣି ପଣ୍ଡା ଓ ପରିଚାଳନା କମିଟି କର୍ମକର୍ତ୍ତା ନିର୍ମଳ ମଲ୍ଲିକ, ଘନଶ୍ୟାମ ପଣ୍ଡା, ଅଭୟ କୁମାର ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୬ ଲେନ୍ ହେବ ଚଣ୍ଡିଖୋଲ-ଭଦ୍ରକ ରାସ୍ତା

**ଯାଜପୁର ଅଫିସ,୨୪।୧୧**

ଯାଜପୁର ଜିଲା ପାଇଁ ଅନେକ ଜନସ୍ୱାର୍ଥ ସମ୍ବଳିତ ନିଷ୍ପତ୍ତି କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି। ଜିଲାରେ ଶାସକ ଦଳର ଜଣେ ପ୍ରଭାବଶାଳୀ ବିଧାୟକଙ୍କ ସ୍ୱାର୍ଥ ଯୋଗୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରଚଳିତ ହେବାରେ ଅନ୍ତରାୟ ସୃଷ୍ଟି କରାଯାଉଛି। ସେଥିମଧ୍ୟରୁ ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତର ପ୍ରସଙ୍ଗକୁ ଏକ ଉଦାହରଣ ଭାବେ ନିଆଯାଇପାରେ। ଏନ୍‌ଏଚ୍‌ଏଆଇ ଓ ରାଜ୍ୟ ପରିବହନ ବିଭାଗର ନିଷ୍ପତ୍ତିର ୨୮ମାସ ପରେ ବି ପାଣିକୋଇଲି ଟୋଲ୍‌ପ୍ଲାଜା ଭଦ୍ରକ ଜିଲାର ଆଖୁଆପଦାକୁ ସ୍ଥାନାନ୍ତରଣ ହୋଇପାରି ନାହିଁ। ଅପରପକ୍ଷରେ ୧୬ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍)ର ଚଣ୍ଡିଖୋଲରୁ ଭଦ୍ରକ ୭୪.୫ କି.ମି. ୬ଲେନ୍ ସମ୍ପ୍ରସାରଣ ସମୟରେ ଏହି ଟୋଲ୍‌ପ୍ଲାଜା ସ୍ଥାନାନ୍ତରଣ ହେବ ବୋଲି ଏବେ ଏନ୍‌ଏଚ୍‌ଏଆଇ ପକ୍ଷରୁ ସୂଚନା ମିଳୁଛି। ତେବେ ଅର୍ଥ ଓ ରାଜନୈତିକ କ୍ଷମତା ବଳରେ ଏହା ବି ଠିକ୍ ସମୟରେ କାର୍ଯ୍ୟକାରୀ ହେବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

୧୬ନମ୍ବର ଜାତୀୟ ରାଜପଥ, ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଏବଂ ପାଣିକୋଇଲି-କେନ୍ଦୁଝର ୨୦ନମ୍ବର ଜାତୀୟ ରାଜପଥର ୧୦୦ କି.ମି. ଦୂରତା ମଧ୍ୟରେ ୪ଟି ଟୋଲ୍ ପ୍ଲାଜା ରହିଛି। ସେଥିମଧ୍ୟରୁ ଯାଜପୁର ଜିଲାରେ ପାଣିକୋଇଲି ଓ ଶ୍ରୀରାମପୁରରେ ୨ଟି ଟୋଲପ୍ଲାଜା କାର୍ଯ୍ୟ କରୁଛି। କେବଳ ୧୬ନମ୍ବର ଏନ୍‌ଏଚ୍‌ରେ ୫୨କିମି ଦୂରରେ ପାଣିକୋଇଲି ଓ ମଙ୍ଗୁଳି ଟୋଲପ୍ଲାଜାରୁ ଦୈନିକ ଲକ୍ଷାଧିକ ଟଙ୍କା ଫି' ଆଦାୟ ଚାଲିଛି। ଭୁବନେଶ୍ୱରଠାରୁ ଯାଜପୁର ଜିଲାଦେଇ ପ୍ରସିଦ୍ଧ ଘଟଗାଁ ତାରିଣୀ ମନ୍ଦିରକୁ ଗଲେ ମଙ୍ଗୁଳି, ପାଣିକୋଇଲି ଓ ଆନନ୍ଦପୁର ନିକଟସ୍ଥ ୩ଟି ଟୋଲପ୍ଲାଜା ଅତିକ୍ରମ କରିବାକୁ ପଡୁଛି। ତେଣୁ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) ପକ୍ଷରୁ ମଙ୍ଗୁଳି ଟୋଲପ୍ଲାଜକୁ ବନ୍ଦାଲୋ, ପାଣିକୋଇଲି ଟୋଲପ୍ଲାଜାକୁ ଭଦ୍ରକ ଜିଲା ଆଖୁଆପଦା ଏବଂ ଶ୍ରୀରାମପୁର ଟୋଲପ୍ଲାଜାକୁ କେନ୍ଦ୍ରାପଡା ଜିଲା ମାର୍ଶାଘାଇକୁ ସ୍ଥାନାନ୍ତରଣ କରିବାକୁ

**୧୬ ନମ୍ବର ଜାତୀୟ ରାଜପଥ**



■ସ୍ଥାନାନ୍ତରଣ ହେବ ପାଣିକୋଇଲି ଟୋଲପ୍ଲାଜା-ଏନ୍‌ଏଚ୍‌ଏଆଇ

■ଯାଜପୁରରେ ଜନସ୍ୱାର୍ଥ ସମ୍ବଳିତ ନିଷ୍ପତ୍ତି ହେଉନି କାର୍ଯ୍ୟକାରୀ

୨୦୧୬ଜୁଲାଇ ମାସରେ ନିଷ୍ପତ୍ତି ହୋଇଥିଲା। ଏହି ତିନି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ପରିବହନ କମିଶନର ତାଙ୍କ ପତ୍ରସଂଖ୍ୟା ୧୧୦୬୩/୧୯।୭।୨୦୧୬ରେ ପୂର୍ତ୍ତ ସଚିବଙ୍କୁ ପତ୍ର ଲେଖିଥିଲେ। ହେଲେ ପତ୍ର ଦେବାର ୨୮ମାସ ବିତିଯାଇଥିଲେ ବି କୌଣସି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରି ନାହିଁ। ଜଣେ ରାଜନୈତିକ ନେତାଙ୍କ ମାସିକ ଚାନ୍ଦା ବନ୍ଦ ହୋଇଯିବା ଆଶଙ୍କା କରି ଏହା କାର୍ଯ୍ୟକାରୀ ହେଉ ନ ଥିବା ଆଲୋଚନା ହେଉଛି। ଏନ୍‌ଏଚ୍‌ଏଆଇର ଗାଇଡ୍‌ଲାଇନ ଅନୁଯାୟୀ ଗୋଟିଏ ଟୋଲ୍‌ଗେଟରୁ ଅନ୍ୟ ଟୋଲଗେଟର ଦୂରତା ଅତିକମ୍‌ରେ ୬୦ କିଲୋମିଟର ହେବା ଆବଶ୍ୟକ। କିନ୍ତୁ ୧୬ନମ୍ବର ଏନ୍‌ଏଚ୍ ମଙ୍ଗୁଳିଠାରେ ଥିବା ଟୋଲଗେଟଠାରୁ ପାଣିକୋଇଲି ଟୋଲ୍ ଗେଟର ଦୂରତା ମାତ୍ର ୫୨କିଲୋମିଟର ହେଉଛି। ପାଣିକୋଇଲି ଟୋଲପ୍ଲାଜା ଭଦ୍ରକ ଜିଲା ଆଖୁଆପଦାକୁ ସ୍ଥାନାନ୍ତରଣ ହେଲେ କେନ୍ଦୁଝର ଓ ସୁକିନ୍ଦା ଖଣି ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳରୁ ଆସୁଥିବା ଗାଡିଗୁଡିକରୁ ବେଆଇନ ଟୋଲ ଆଦାୟରୁ ବଞ୍ଚିତ ହେବା ଆଶଙ୍କାରେ ଠିକାସଂସ୍ଥା କିଛି ସ୍ଥାନୀୟ ରାଜନେତାଙ୍କ ଆଶ୍ରିତ ହୋଇଛନ୍ତି। ଏହାକୁ ଅଞ୍ଚଳବାସୀ ହୀନ ରାଜନୀତି ବୋଲି ଅଭିହିତ କରୁଛନ୍ତି। ଏବେ ୧୬ ନମ୍ବର ଜାତୀୟ ରାଜପଥ ୪ଲେନ୍‌ରୁ ସମ୍ପ୍ରସାରଣ ହୋଇ ୬ଲେନ୍ ବିଶିଷ୍ଟ ହେବାକୁ ପ୍ରସ୍ତାବ ରହିଛି। ଏଥିପାଇଁ ଏନ୍‌ଏଚ୍‌ଆଇ ପକ୍ଷରୁ ୩(କ) ଜମି ଅଧିଗ୍ରହଣ ଚାଲିଛି। ଆସନ୍ତା ଡିସେମ୍ବର ମାସରୁ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ ବାଲେଶ୍ୱର ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓଙ୍କୁ ପଚାରିବାରୁ ସେ କହିଛନ୍ତି ୬ ଲେନ ସମ୍ପ୍ରସାରଣ କାର୍ଯ୍ୟ ସମୟରେ ପାଣିକୋଇଲି ଟୋଲ୍ ପ୍ଲାଜାକୁ ଭଦ୍ରକ ଆଖୁଆପଦା ସ୍ଥାନାନ୍ତରଣ ହେବା ନିଶ୍ଚିତ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

## ଟିପ୍ପର ଧକ୍କାରେ ଜଣେ ମୃତ

**ଚଢ଼େଇଧରା/ଜେନାପୁର/ଧର୍ମଶାଳା,୨୪।୧୧ (ଡିଏନଏ)**

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ବାଉଁଶଡ଼ୋଳଠାରେ ଶନିବାର ପୂର୍ବାହ୍ନ ୧୧ଟାରେ ଏକ ଟିପ୍ପର ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ବ୍ୟକ୍ତି ଜଣକ ହେଲେ ଉମେଶ ମଳିକ(୪୩)। ସେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ସମୟରେ ଏକ ଟିପ୍ପର (ଓଆର୧୪ପି୧୯୮) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ଜେନାପୁର ଥାନା ଏସ୍‌ଆଇ ରମେଶ ଚନ୍ଦ୍ର ସାହାଣି ପହଞ୍ଚି ଗାଡ଼ି ଜବତ କରିବା ସହତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଡ୍ରାଇଭର ଫେରାର ଥିବା ଜଣାପଡ଼ିଛି। ପୋଲିସ ଏକ ମାମଲା (୧୭୩/୧୮) ରୁଜୁ କରି ତଦନ୍ତ ଜାରି ରଖିଛି।

## ପୂର୍ବତନ ସରପଞ୍ଚଙ୍କ ସ୍ମୃତିରେ ପୁସ୍ତକ ଉନ୍ମୋଚନ



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ଧର୍ମଶାଳା,୨୪।୧୧(ଡିଏନଏ)**

ଧର୍ମଶାଳା ବ୍ଲକ ଅରେଇକଣା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତନୁ ଚରଣ ମହାନ୍ତିଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅରେଇକଣା ଗ୍ରାମରେ ଶିକ୍ଷକ ସଂଘ ନେତା ଲୋକନାଥ ଦାସଙ୍କ ସଭାପତିତ୍ୱରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ଆମର ପ୍ରସାଦ ଶତପଥୀ ଯୋଗଦେଇ ତନୁବାବୁ ଜଣେ କର୍ମଠ, ଆଦର୍ଶ ମଣିଷ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଧାପକ ଚନ୍ଦନ କୁମାର ପ୍ରଧାନଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମରଣିକା 'ହେ ତନୁ ଚରଣକୁ' ଶତପଥି ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟନାଥ ମହାପାତ୍ର, କିଶାନ ପଣ୍ଡା, ନିରଞ୍ଜନ ବଳ, ଅଭିମନ୍ୟୁ ଧଳ, କାହ୍ନୁଚରଣ ଦାଶ, ବସନ୍ତ ପରିଡା, ଅଧିର କୁମାର ଜେନା, ସନ୍ତୋଷ କୁମାର ଜେନା, ଅମିୟ ପରିଡା, ଅମରେନ୍ଦ୍ର ରାୟ, ନୃସିଂହ ମିଶ୍ର, ଗଗନ ଦଳାଇ, ବିଷ୍ଣୁ ଚରଣ ମହାନ୍ତି, କର୍ଣ୍ଣ ଚନ୍ଦ୍ର ଘଡେଇ ପ୍ରମୁଖ ବହୁ ବକ୍ତା ତନୁବାବୁ ବିଭିନ୍ନ ଶିକ୍ଷାନୁଷ୍ଠାନ କରିବା ସହ ସେ ୨ଥର ସରପଞ୍ଚ ହୋଇ ଅନେକ ଜନହିତକର କାର୍ଯ୍ୟ କରିଥିଲେ ବୋଲି କହିଥିଲେ। ଚିତ୍ତରଞ୍ଜନ ମହାନ୍ତି, ବଳରାମ ମହାନ୍ତି, ସନାତନ ପ୍ରଧାନ, ଶ୍ୟାମସୁନ୍ଦର ଶାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଚରିତ୍ର ସନ୍ଦେହ କରି ସ୍ତ୍ରୀଙ୍କୁ ଆକ୍ରମଣ

**ଯାଜପୁରରୋଡ,୨୪।୧୧(ନି.ପ୍ର.)**

ଯାଜପୁରରୋଡ ଥାନା ଅନ୍ତର୍ଗତ ସାପଗଡ଼ିଆ ପଦ୍ମପୁର ଅଞ୍ଚଳରେ ଶନିବାର ଅପରାହ୍ନରେ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ମାଡ଼ ମାରି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି। ମହିଳାଙ୍କୁ ଗୁରୁତର ଅବସ୍ଥାରେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ, ଆହତ ମହିଳାଙ୍କ ସ୍ୱାମୀ ରବି କାଜୁଆଲ ଏକ କୋରିୟର କମ୍ପାନୀରେ କାମ କରନ୍ତି। ସ୍ତ୍ରୀଙ୍କୁ ଅଯଥା ମୋବାଇଲରେ କଥାବାର୍ତ୍ତା କରୁଛ ବୋଲି କହି ରବି ଲୁହାରଡ଼ରେ ଆକ୍ରମଣ କରିଥିଲେ। ଖବର ପାଇ କିନ୍ନର ଆସୋସିଏଶନର ସଭାପତି କାଜଲ କିନ୍ନର ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏହି ଘଟଣା ଉପରେ କୌଣସି ମାମଲା ରୁଜୁ ହୋଇନାହିଁ।

## ଦିଗହରା ଆମ ଗାଁ ଆମ ବିକାଶ ଯୋଜନା

**ଚଣ୍ଡିଖୋଲ,୨୪।୧୧(ଡି.ଏନ.ଏ.)**

ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଆମ ଗାଁ ଆମ ବିକାଶ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଗ୍ରାମାଞ୍ଚଳରେ ଥିବା ଛୋଟ ଛୋଟ ପ୍ରକଳ୍ପଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରାଯିବାକୁ ନିର୍ଦ୍ଦେଶ ଥିଲାବେଳେ ଦୀର୍ଘ ୨ମାସ ବିତିଯାଇଥିଲେ ମଧ ବଡ଼ଚଣା ବ୍ଲକରେ ଗୋଟିଏ ବି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଜଣାପଡ଼ିଛି। ଚଳିତବର୍ଷ ସେପ୍ଟେମ୍ବର ୧୧ ତାରିଖରୁ ବଡ଼ଚଣାରେ ଆମ ଗାଁ ଆମ ବିକାଶ ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନା ଅନ୍ତର୍ଗତ ବ୍ଲକର ମୋଟ ୪୩ ପଞ୍ଚାୟତରେ ୪୧୨ ପ୍ରକଳ୍ପ ପାଇଁ ୧୦ କୋଟି ୭୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ଅଦ୍ୟାବଧି ୯୬ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ବଣ୍ଟନ ହୋଇଥିବା ବେଳେ ଗୋଟିଏ ବି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏ ନେଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଗୁରୁବାର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଏହାର ସମୀକ୍ଷା କରିଥିଲେ। ଯୋଜନା କାର୍ଯ୍ୟକାରୀ ନ ହେବା ନେଇ ପ୍ରଶାସନିକ ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ ଡିସେମ୍ବର ୧୫ ତାରିଖ ମଧ୍ୟରେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରି ଏକ ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ମଞ୍ଜୁର ହୋଇଥିବା ଅଧିକାଂଶ ପ୍ରକଳ୍ପରେ କମ୍ୟୁନିଟି ସେକ୍ଟରକୁ ଗୁରୁତ୍ୱ ଦିଆଯାଉଛି। ଫଳରେ ଜମିର ସତ୍ତ୍ୱ ଠିକ୍ ନ ଥିବା ସାଙ୍ଗକୁ ଦଳୀୟ ବିବାଦ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିବା ଜଣାପଡ଼ିଛି। କେତେକ ସ୍ଥାନରେ ବିବାଦୀୟ ପରିସ୍ଥିତି ରହିଥିବାରୁ ବ୍ଲକ ପ୍ରଶାସନ କାର୍ଯ୍ୟ କରିବାକୁ ଅମଙ୍ଗ ହେଉଥିବା ଜଣାପଡ଼ିଛି। ଉକ୍ତ ବ୍ଲକର ସିହା, କାଇମାଟିଆ, ଶାଳପଡ଼ା, ବଡ଼ଚଣା, ସୋଲର, ମାଣ୍ଡୁକା, ଶାନ୍ତିପୁର ଓ ବାଲିପଡ଼ିଆ ଆଦି ପଞ୍ଚାୟତରେ ଦଳୀୟ କନ୍ଦଳ ପାଇଁ ପୂର୍ବରୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ମଞ୍ଜୁର ହୋଇଥିବା ଅର୍ଥରୁ ଏଯାବତ୍ ୧୫ ଭାଗ ଅର୍ଥ ଖର୍ଚ୍ଚ ହୋଇ ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ, ଆମ ଗାଁ ଆମ ବିକାଶ ଯୋଜନା କାର୍ଯ୍ୟକାରୀ ହେବା ନେଇ ସମୀକ୍ଷା ହୋଇଛି। ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ।

### ଏନ୍‌ଏଚ୍‌ରେ ଲାଗିବ ସ୍ପିଡ୍ ଡିଟେକ୍ଟର କ୍ୟାମେରା

## ଖୋର୍ଦ୍ଧାରୁ ଚଣ୍ଡିଖୋଲ ମଧ୍ୟରେ ୨୫ ସ୍ଥାନ ଚିହ୍ନଟ

**କଟକ ଅଫିସ୍,୨୪।୧୧**

କଟକ ମହାନଦୀ ବସ୍ ଦୁର୍ଘଟଣାରେ ୧୧ଜଣଙ୍କ ମୃତ୍ୟୁ ପରେ ପରିବହନ ବିଭାଗର ଚେତା ପଶିଛି। ଦ୍ରୁତଗାଡି ଚାଳନାକୁ ରୋକିବା ପାଇଁ ୧୬ ନମ୍ବର ଜାତୀୟ ରାଜପଥ(ଏନ୍‌ଏଚ୍)ରେ ସ୍ପିଡ ଡିଟେକ୍ଟର କ୍ୟାମେରା ଲାଗିବ। ଏଥିପାଇଁ ଖୋର୍ଦ୍ଧାରୁ ଚଣ୍ଡିଖୋଲ ମଧ୍ୟରେ ୨୫ ସ୍ଥାନ ଚିହ୍ନଟ କରାଯାଇଛି ବୋଲି ଶନିବାର ପରିବହନ କମିଶନର ସଞ୍ଜିବ ପଣ୍ଡା ସୂଚନା ଦେଇଛନ୍ତି। ପଣ୍ଡାଙ୍କ କହିବା ଅନୁଯାୟୀ, କେଉଁ ଅଞ୍ଚଳରେ କେତେ ବେଗରେ ଗାଡ଼ି ଚାଲିବ ତାହା ଆଞ୍ଚଳିକ ପରିବହନ ବିଭାଗ ନିଷ୍ପତ୍ତି ନେବ। ନିର୍ଦ୍ଧାରିତଠାରୁ ଅଧିକ ବେଗରେ ଯାଉଥିବା ଗାଡିକୁ ଉକ୍ତ କ୍ୟାମେରା ମାଧ୍ୟମରେ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ପିଡ ଡିଟେକ୍ଟର କ୍ୟାମେରା ୨୪ ଘଣ୍ଟା କାର୍ଯ୍ୟ କରିବ ଏବଂ ତାହାକୁ ପରିଚାଳନା କରିବା ପାଇଁ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ରହିବ।

### ପଲିଥିନମୁକ୍ତ ସଚେତନତା କାର୍ଯ୍ୟକ୍ରମ

**କୋରେଇ,୨୪।୧୧(ସ୍ୱ.ପ୍ର.)**

ସ୍ମାଇଲ ଫାଉଣ୍ଡେଶନ ଦ୍ୱାରା ଶନିବାର ଶଙ୍ଖଚିଲାଠାରେ ପଲିଥିନମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଉଣ୍ଡେଶନ ସଭାପତି ଅକ୍ଷୟ କୁମାର ଜେନା ସଭାପତିତ୍ୱ କରିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥି, କାହ୍ନୁଚରଣ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ମୋହନ ଚରଣ ଖୁଣ୍ଟିଆ ମୁଖ୍ୟବକ୍ତା, ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

### ■ କାମ ଦେଉନି ରାତ୍ରି ପାଟ୍ରୋଲିଂ

## ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ରସୁଲପୁର,୨୪।୧୧(ଡିଏନଏ)**

ରସୁଲପୁର ବ୍ଲକ କୁଆଖିଆ ବଜାରର ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମା' ଶାରଳା ସେଲ୍ସ ଆଣ୍ଡ ସର୍ଭିସେସ୍ ଦୋକାନରୁ ଶୁକ୍ରବାର ରାତ୍ରିରେ ଲକ୍ଷାଧିକ ଟଙ୍କାର ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଚୋରି ହୋଇଯାଇଛି। ଏ ସମ୍ପର୍କରେ ଦୋକାନ ମାଲିକ ଭୋଟକା ଏହି ବ୍ଲକ ପଞ୍ଚାୟତର ରଂଜିତ ସାହୁ ଶନିବାର କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଯେ, ମା' ଶାରଳା ସେଲ୍ସ ଆଣ୍ଡ ସର୍ଭିସେସ୍‌ର ଗୋଦାମ ଗୃହ ସଟର ଭାଙ୍ଗି ଶୁକ୍ରବାର ବିଳମ୍ବିତ ରାତିରେ ଚୋରମାନେ ୬ଟି ଫ୍ରିଜ୍ ଓ ଗୋଟିଏ ଏସିକୁ ଚୋରାଇ ନେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଉଛି। ଏ ନେଇ ଦୋକାନୀ ମାଲିକ କୁଆଖିଆ ଥାନାରେ ଅଭିଯୋଗ କରବା ପରେ ପୋଲିସ ଏକ ମାମଲା (ନଂ-୧୮୯/୧୮) ରୁଜୁ କରି ତଦନ୍ତ ଚଳାଇଛି। କୁଆଖିଆ ବଜାରରେ ପୋଲିସ ପକ୍ଷରୁ ରାତ୍ରିରେ ପାଟ୍ରୋଲିଂ କରାଯାଉଛି। ହୋମଗାର୍ଡ ଓ ଜଗୁଆଳିମାନେ ରାତିରେ ବଜାରକୁ ଜଗୁଛନ୍ତି। ଏହାସତ୍ତ୍ୱେ ବଜାରର ବସଷ୍ଟାଣ୍ଡ ନିକଟରୁ ଚୋରି ହୋଇଯାଇଛି। ଏପରିକି ପ୍ରତ୍ୟେକ ବର୍ଷ ବଜାରରୁ ଅନ୍ୟୁନ ଥରେ ଦୁଇଥର ଚୋରି ହେଉଛି। ଚୋରିକୁ ରୋକିବାରେ ପୋଲିସର ସମସ୍ତ ଯୋଜନା ଫେଲ ମାରୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

## ସତ୍ୟସାଇବାବାଙ୍କ ୯୩ତମ ଜନ୍ମୋତ୍ସବ

**ଧର୍ମଶାଳା,୨୪।୧୧(ଡିଏନଏ)**

ଧର୍ମଶାଳା ବ୍ଲକ ଶ୍ରୀ ସତ୍ୟସାଇ ସେବା ସମିତି ଜାରକା ପକ୍ଷରୁ ସାଇବାବାଙ୍କ ୯୩ତମ ଜନ୍ମୋତ୍ସବ ମହାଡମ୍ବରରେ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ପ୍ରାତଃ ସାଢେ ୪ଟାରୁ ଓଁକାର, ସୁପ୍ରଭାତମ୍, ନଗର ସଂକୀର୍ତ୍ତନ, ଷୋଡଶ ଉପଚାର ପୂଜା, ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ନାରାୟଣ ସେବା ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଏକ ସୁସଜ୍ଜିତ ବିମାନ ଯୋଗେ ଭଗବାନଙ୍କ ଫଟୋଚିତ୍ରକୁ ଅଧିଷ୍ଠାନ କରାଯାଇ ଜାରକା, କୁମାରୀ, ଜାମୁବଣିଆ, ଶାନ୍ତିବଜାର ଆଦି ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ସାମୁହିକ ଭଜନ ଓ ବାଳବିକାଶ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ସମ୍ମାନିତ ଅତିଥିଭାବେ ଜିଲା ସଭାପତି ଆବାସ କୁମାର ମଜୁମଦାର, ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀସାଇ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଆଦି ଯୋଗାଇ ଦେବା ସହ ଅଲୌକିକ ପ୍ରତିଭା ଦେଖାଇ ଯେଉଁ କାର୍ଯ୍ୟକ୍ରମ ଆଗେଇ ନେଇଛନ୍ତି ତାହା ତାଙ୍କୁ ପୂଜ୍ୟ କରାଇଛି ବୋଲି ମତବ୍ୟକ୍ତ କରିଥିଲେ। ସମିତିର ଆବାହକ ପବିତ୍ର ମୋହନ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଧ୍ୟାତ୍ମିକ ସଂଯୋଜକ ଯତୀନ୍ଦ୍ର ମୋହନ ଦାସ, ସେବା ସଂଯୋଜକ ଅର୍ଜୁନ ଚରଣ ରାଉତ୍ , ସନ୍ଦୀପ କୁମାର ସାହୁ, ଗଗନ ବିହାରୀ ସାହୁ, ପ୍ରଫୁଲ୍ଲ ଜେନା, ବଟକୃଷ୍ଣ ମଲ୍ଲିକ , ହେମନ୍ତ ଦାସ, ବାସନ୍ତୀ ବିଶ୍ୱାଳ, ଅରୁନ୍ଧତୀ ସାହୁ, ପ୍ରତିମା ଦତ୍ତ, ସୀମା ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ନୀଳକଣ୍ଠପୁର ସତ୍ୟସାଇ ସେବା ସମିତି ପକ୍ଷରୁ ଶ୍ରୀ ସତ୍ୟସାଇ ବାବାଙ୍କ ୯୩ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଆବାହକ ପୂର୍ଣ୍ଣଚନ୍ଦ୍ର ପାଣି ବରିଷ୍ଠ ଶିକ୍ଷାବିତ୍, ଆତ୍ମାରାମ ସୂତାର, କାମଦେବ ଶତପଥୀ, ରଞ୍ଜନ କୁମାର ପାଣି, ପ୍ରଭାତ କୁମାର ତ୍ରିପାଠୀ, ଆଦିତ୍ୟ ସୂତାର, ଅଧ୍ୟାତ୍ମିକ ସଂଯୋଜକ ପ୍ରକାଶ ଚନ୍ଦ୍ର ବଳ ପ୍ରମୁଖ ପରିଚାଳନା କରିଥିଲେ।

### ଆମ ପୋଲିସ ସମିତି, ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଫେଇ

**କୋରେଇ,୨୪।୧୧(ସ୍ୱ.ପ୍ର)**

ପାଣିକୋଇଲି ଥାନା ଆମ ପୋଲିସ ସମିତି ଓ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟଙ୍କ ଦ୍ୱାରା ଶନିବାର ମୂଳାପାଳ ପଞ୍ଚାୟତ ଲିଙ୍ଗେଶ୍ୱର ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ଆମ ପୋଲିସ ସଦସ୍ୟ ସୁବାସ ଚନ୍ଦ୍ର ଧଳ, ଅଦ୍ୱୈତ୍ୟ ପ୍ରସାଦ ଦାସ, ତାରିଣୀ କୁମାର ପଟ୍ଟନାୟକ, ଶଶିକାନ୍ତ ମଲ୍ଲିକ, ଦେବକୀ ମୁଣ୍ଡା, ରାମଚନ୍ଦ୍ର ବେହେରା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, ଉମାକାନ୍ତ ଖଣ୍ଡାଇ, ବୈଷ୍ଣବ ଚରଣ ସାହୁ, ଗୋକୁଳାନନ୍ଦ ମହାରଣା, ମଦନ ସାମଲ, ରାମଚନ୍ଦ୍ର ମଲ୍ଲିକ, ଶିବ ଚରଣ ପାତ୍ର, ନାରାୟଣ ସାହୁ, ପାଣିକୋଇଲି ଥାନା କର୍ମଚାରୀ ବିଜୟ କୁମାର ସାହୁ, ନିର୍ମଳ ସାହୁ, ରୀତାକାନ୍ତ ତିର୍କୀ, ସୀତାରାମ ବେହେରା ପ୍ରମୁଖ ଉପସ୍ଥିତ ରହି ମନ୍ଦିର ପରିସର ସଫେଇ କରିଥିଲେ।

### ■ ବ୍ୟାସ ମିଡିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ଟାଟାକୁ ହରାଇ ଫାଇନାଲରେ ଓଏସ୍‌ଆରୟୁ

**ଯାଜପୁର ଅଫିସ,୨୪।୧୧**



ଉଦ୍‌ଘାଟନୀ ମ୍ୟାଚରେ ଖେଳାଳିଙ୍କ ସହ ଅତିଥିବୃନ୍ଦ।

ଯାଜପୁରରୋଡ଼ଠାରେ ବ୍ୟାସନଗର ପ୍ରେସ୍ ଫୋରମ ପକ୍ଷରୁ ଶନିବାର ଏନ୍‌ସି ହାଇସ୍କୁଲ ପଡିଆଠାରେ ୯ମ ବ୍ୟାସ ମିଡିଆ କପ ଉଦ୍‌ଘାଟିତ ହୋଇଛି। ଏଥିରେ ପ୍ରଥମ ଦିନରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଇଲେକ୍‌ଟ୍ରୋନିକ ମିଡିଆ ଇଲେଭେନକୁ ୧୦ଉଇକେଟରେ ପରାସ୍ତ କରି ଟାଟା ଷ୍ଟିଲ ସେମିଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚରେ ଓଏସଆରୟୁ ୧୩ରନ ବ୍ୟବଧାନରେ ସୌମିକ ଇଲେଭେନକୁ ପରାସ୍ତ କରି ସେମିଫାଇନଲକୁ ଉନ୍ନୀତ ହୋଇଥିଲା। ତୃତୀୟ ମ୍ୟାଚରେ କୋରେଇ ପ୍ରେସ କ୍ଲବକୁ ୫୫ରନରେ ପରାସ୍ତ କରି ଯାଜପୁର ପୋଲିସ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଅପରାହ୍ନରେ ଟାଟା ଷ୍ଟିଲ ଏବଂ ଓଏସଆରୟୁ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଓଏସଆରୟୁ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ହରାଇ ୯୮ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଟାଟାଷ୍ଟିଲ ୭ଉଇକେଟ ହରାଇ ୮୦ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ପ୍ରଥମ ଦଳ ଭାବେ ଓଏସ୍‌ଆରୟୁ ଫାଇନାଲକୁ ପ୍ରବେଶ କରିଛି। ଖେଳକୁ ରାଜେଶ ରାଉତ ଏବଂ ପ୍ରକାଶ ଜେନା ପରିଚାଳନା କରିଥିବାବେଳେ ସ୍କୋରର ଭାବେ ପ୍ରକାଶ ସାମଲ ଓ ଅଜୟ ସାହୁ ଏବଂ ଭାଷ୍ୟକାର ଭାବେ ସୁଦାମ ଚରଣ ବାରିକ ଦାୟିତ୍ୱ ତୁଲାଇଥିଲେ। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲାବେଳେ ସମ୍ମାନିତ ଅତିଥି ଭାବେ ଯାଜପୁର ଅତିରିକ୍ତ ଏସ୍‌ପି ଅକ୍ଷୟ ଦାଶ, ଟାଟା ଷ୍ଟିଲର ବରିଷ୍ଠ ଅଧିକାରୀ ରାକେଶ ଅମ୍ବାଷ୍ଟା, ପୂର୍ବତନ ଜିଲା ପରିଷଦ ସଭାପତି ଅଶୋକ ବଳ, ବ୍ୟାସନଗରର ପୂର୍ବତନ ନଗରପାଳ ବନ୍ଦିତା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଫୋରମ ସଭାପତି ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ସମ୍ପାଦକ ଉଦୟ ନାଥ ଖଣ୍ଡାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ପ୍ରକାଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଓୟୁଜେର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ କୈଳାସ ନାୟକ, ଜେମ୍ସର ସଭାପତି ଅସ୍ମିତା ପତି, ଓୟୁଜେ ଯାଜପୁର ଜିଲା ସଭାପତି ସୁବାସ ଧଳ ପ୍ରମୁଖ ଯୋଗଦେଇଥିଲେ।



ଯେଉଁ କାର୍ଯ୍ୟ ଧୀରେ ସୁସ୍ଥେ ଚଳିବ ତାକୁ ଯଥେଷ୍ଟ ବିଚାର କର। କିନ୍ତୁ ଯାହା ତୁରନ୍ତ କରିବା କଥା ତାକୁ ତୁରନ୍ତ କର।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ଏଇ ସପ୍ତାହର କାର୍ଯ୍ୟକ୍ରମ

୨୫।୧୧।୨୦୧୮ (ରବିବାର)

- ହକି ପାଇଁ ଗଣଦୌଡ଼ (ମିନି ମାରଥନ୍), ସ୍ଥାନ- ଦକ୍ଷିଣକାଳୀ ମନ୍ଦିରଠାରୁ ପିଟିଏସ୍ ପଡ଼ିଆ ସମୟ- ସକାଳ ୬ଟା ୩୦
- ଭୁବନେଶ୍ୱର କଂସାରୀ ସମାଜ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ- କଣ୍ଟିଲୋ ପାଣୁସାହି ପାଟଣା ପ୍ରାଥମିକ ବିଦ୍ୟାଳୟ, ଖଣ୍ଡପଡ଼ା, ସମୟ- ପୂର୍ବାହ୍ନ ୮ଟା ୩୦
- ବିଜୁ ଯୁବବାହିନୀ ପକ୍ଷରୁ ହକି ପାଇଁ ଗଣଦୌଡ, ସ୍ଥାନ-ସାମନ୍ତ ସ୍ମୃତି ମନ୍ଦିର, ଖଣ୍ଡପଡା, ସମୟ- ପୂର୍ବାହ୍ନ ୮ଟା
- ପୋଲିସ ଜନସମ୍ପର୍କ ମୈତ୍ରୀଉତ୍ସବ, ସ୍ଥାନ- ବଡ଼ସିଲିଙ୍ଗା ପଞ୍ଚାୟତ, ଗଣିଆ , ସମୟ- ପୂର୍ବାହ୍ନ ୧୦ଟା

୨୬।୧୧।୨୦୧୮ (ସୋମବାର)

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ- ବ୍ଲକ କାର୍ଯ୍ୟାଳୟ ପରିସର, ରଣପୁର, ସମୟ- ପୂର୍ବାହ୍ନ ୧୧ଟା
- ସମ୍ବିଧାନ ଦିବସ ଉପଲକ୍ଷେ ଶପଥ ପାଠ, ସ୍ଥାନ- ଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ- ପୂର୍ବାହ୍ନ ୧୦ଟା

୨୭।୧୧।୨୦୧୮ (ମଙ୍ଗଳବାର)

- ଗଣିଆ କଳାପାଟ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ- ଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ- ଅପରାହ୍ନ ୧ଟା

## ସଂକ୍ଷେପରେ

### ରାସ୍ତା ଦୁର୍ଘଟଣାରେ ଆହତ ଛାତ୍ରୀଙ୍କ ମୃତ୍ୟୁ

**ଭାପୁର,୨୪।୧୧(ଡି.ଏନ.ଏ.):** ଏକ ରାସ୍ତା ଦୁର୍ଘଟଣାରେ ଆହତ ଜଣେ ଛାତ୍ରୀଙ୍କର ମୃତ୍ୟୁ ଘଟିଛି । ସେ ହେଲେ ନୟାଗଡ଼ ଜିଲା ଭାପୁର ବ୍ଲକ ପିଠାଖାଇ ଗ୍ରାମର ଗଦାଧର ରାଉତଙ୍କ ଝିଅ ସୌମ୍ୟାଶୁଭଦର୍ଶିନୀ(୮)। ସେ ଭାପୁର ସରସ୍ୱତୀ ଶିଶୁ ମନ୍ଦିରରେ ୩ୟ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ଗତ ୧୬ତାରିଖରେ ସ୍କୁଲ ସରିବା ପରେ ସେ ଗାଁକୁ ଫେରୁଥିଲାବେଳେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା । ଫଳରେ ସେ ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ମାତ୍ର ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ମାତ୍ର ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି ।

### ବାଇକ୍ ଧକ୍କାରେ ଜଣେ ଗୁରୁତର

**ଦଶପଲ୍ଲା,୨୪।୧୧ (ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଚଢେଇ୍ୟାପଲ୍ଲୀ ଠାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଚଢେଇ୍ୟାପଲ୍ଲୀ ଗ୍ରାମର ପାଣୁ ନାୟକ(୭୦)। ପାଣୁ ଚଢେଇ୍ୟାପଲ୍ଲୀ ଛକ ଠାରେ ସାଇକେଲ ଯୋଗେ ଯାଉଥିବା ବେଳେ ବାଇକ୍‌ରେ ଯାଉଥିବା ପୋଡାସାହି ଗ୍ରାମର ସାଇବନ ସେଠୀ(୩୬) ତାଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଉଭୟ ଆହତ ହୋଇଥିଲେ। ମାତ୍ର ପାଣୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନୟାଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

### ଶ୍ରୀସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳିତ

**ଓଡ଼ଗାଁ, ୨୪।୧୧(ସ୍ୱ.ପ୍ର.):** ଓଡଗାଁରେ ପ୍ରତିଷ୍ଠିତ ଶ୍ରୀସତ୍ୟସାଇ ଅଧ୍ୟାତ୍ମିକ ଶିକ୍ଷା ଓ ସାମାଜିକ ସେବା ଅନୁଷ୍ଠାନ ତରଫରୁ ଶୁକ୍ରବାର ଶ୍ରୀସତ୍ୟସାଇ ବାବାଙ୍କ ୯୩ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନାରାୟଣ ସେବାରେ କେତେକ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ଓଡ଼ଗାଁ ସେବା ସମିତି ସଂଯୋଜକ ଲଳିତେନ୍ଦୁ ନନ୍ଦଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହା ସହିତ ଶରତ ଚନ୍ଦ୍ର ଚୌଧୁରୀଙ୍କ ପକ୍ଷରୁ ମଧ ଶ୍ରୀସତ୍ୟସାଇଙ୍କ ଜନ୍ମୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ନୟାଗଡ ଓ ଗଞ୍ଜାମ ଜିଲାର ବହୁ ସାଇଭକ୍ତଙ୍କ ସହିତ କୁରାଳ ଶ୍ରୀସତ୍ୟସାଇ ସେବା ସଂଗଠନର ସମସ୍ତ ଶ୍ରଦ୍ଧାଳୁ ସାମୂହିକ ଭଜନ ପରିବେଷଣ କରିଥିଲେ । କୁରାଳ ସଂଗଠନ ସଂଯୋଜକ ଶ୍ୟାମବନ୍ଧୁ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କାର୍ତ୍ତିକ ପୂର୍ଣ୍ଣିମା ସମାରୋହ ଉଦ୍‌ଯାପିତ

**ଭାପୁର,୨୪।୧୧(ଡି.ଏନ.ଏ.):** କାର୍ତ୍ତିକ ପୂର୍ଣ୍ଣିମା ନିମନ୍ତେ ନୟାଗଡ଼ ଜିଲା ଭାପୁର ଅଞ୍ଚଳରେ ଥିବା ଶିବ ଏବଂ ହନୁମାନ ମନ୍ଦିରରେ ସପ୍ତାଙ୍ଗ ଚାଲିଥିଲା । ଏହି ଅବସରରେ ନିହଲପ୍ରସାଦ ଗ୍ରାମରେ ବିଜେ ଭୁବନେଶ୍ୱର ଦେବଙ୍କ ପୀଠରେ ସ୍ଥାନୀୟ ଯୁବ କଳାକାରଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହୋଇଥିଲା । ବଡ଼ସହରା ଗ୍ରାମରେ ୪ଦିନ ଧରି ବିଭିନ୍ନ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଯୋଜନାରୁ ବାଦ୍ ପଡ଼ିଲେ ଅମିତ

- ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ କଲେ ଅଭିଯୋଗ
- ମେଧାବୃତ୍ତି ନ ପାଇ ହତୋତ୍ସାହିତ ଛାତ୍ର
- ଏନ୍ଏସି ଅଧୀନରେ ପାଇଛନ୍ତି ଇଟାମାଟି, ଶରଣକୁଳ ଛାତ୍ର

**ନୟାଗଡ଼ ଅଫିସ,୨୪।୧୧**

ନୟାଗଡ଼ ଜିଲାର ଜଣେ ଛାତ୍ର ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଯୋଜନାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ସେ ହେଲ ନୟାଗଡ଼ ଏନ୍ଏସି ଗାନ୍ଧୀମାର୍ଗରେ ରହୁଥିବା ବୈଦ୍ୟଭୂଷଣ ମହାପାତ୍ରଙ୍କ ପୁଅ ଅମିତ ମହାପାତ୍ର।

ଅମିତଙ୍କ ଅଭିଯୋଗ ଅନୁସାରେ ୨୦୧୭-୧୮ ଶିକ୍ଷାବର୍ଷରେ ସେ ଦଶମ ଶ୍ରେଣୀରେ ୫୪୯ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପାଇବାକୁ ସେ ଯୋଗ୍ୟଥିବା ବେଳେ ତାଙ୍କୁ ଅଣଦେଖା କରାଯାଇଛି। ୪୮୦ ମାର୍କ ରଖି ଛାତ୍ରୀଛାତ୍ରମାନେ ଏହି ଯୋଜନାରେ ବୃତ୍ତି ପାଇଥିବା ବେଳେ ସେ କିପରି ଏଥିରୁ ବାଦ୍ ପଡ଼ିଲେ ସେ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ଯୋଗେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ୨୦୧୭ ନଭେମ୍ବର ୧୪ ଶିଶୁଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଓ ଓଡ଼ିଆ ଭାଷା ବୃତ୍ତି ପ୍ରଦାନ ଲାଗି ଘୋଷଣା କରିଥିଲେ। ପ୍ରତି ବ୍ଲକରେ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଯୋଜନାରେ ଦଶମ ଶ୍ରେଣୀରେ ଭଲ ମାର୍କ ରଖିଥିବା ୧୦୦ ଜଣ (ଏନ୍ଏସିର ୨୦ ଜଣ) ଛାତ୍ରୀଛାତ୍ରୀଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି ଓଡ଼ିଆରେ ଭଲ ମାର୍କ



ଛାତ୍ର ଅମିତ ମହାପାତ୍ର।

ରଖିଥିବା ବ୍ଲକରୁ ୧୦ ଜଣଙ୍କୁ (ଏନ୍ଏସିର ୨ ଜଣ)ଙ୍କୁ ୫ ହଜାର ଲେଖାଏ ଟଙ୍କା ଓଡ଼ିଆ ଭାଷାବୃତ୍ତି ମାଧ୍ୟମରେ ପ୍ରଦାନ କରାଯିବ। ନଭେମ୍ବର ୫ ୨୦୧୮ରେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନ୍‌ଫେରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୩୫୪୯୦ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଓ ୩୫୪୯ ଜଣଙ୍କୁ ଓଡ଼ିଆ ଭାଷାବୃତ୍ତି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ଅଭିଭାବକମାନଙ୍କୁ ମଧ ପ୍ରତି ବ୍ଲକରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅମିତ୍ ଯୋଗ୍ୟତା ହାସଲ କରିଥିଲେ ମଧ ତାଙ୍କୁ ଏଥିରୁ ବାଦ୍ ଦିଆଗଲା। ଏ ନେଇ ଅମିତଙ୍କ ଅଭିଭାବକ ଜିଲା ଶିକ୍ଷା କାର୍ଯ୍ୟାଳୟକୁ ଯାଇ ବୁଝିବାରୁ ଏନ୍ଏସିର ୨୦ ଜଣ ଛାତ୍ରୀଛାତ୍ର ପାଇଥିବା ମେଧାବୃତ୍ତି ଯୋଜନାରେ ତାଙ୍କ ନାମ ନାହିଁ। ୨୦ ଜଣଙ୍କ ମଧ୍ୟରୁ ୧୬ ଜଣ ସରକାରୀ ଓ ୪ ଜଣ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କୁ ବୋର୍ଡ଼ ପକ୍ଷରୁ ଚୟନ କରାଯାଇଥିବା ସୂଚନା ଦିଆଯାଇଥିଲା। ହେଲେ ଘୋଷଣା ବେଳେ ଏହା ଉଲ୍ଲେଖ କରାଯାଇ ନ ଥିଲା। ଅନ୍ୟପକ୍ଷେ ନୟାଗଡ଼ ଏନ୍ଏସି ଅଧୀନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢୁଥିବା ଅମିତ ତାଙ୍କ ବିଦ୍ୟାଳୟରେ ୩ୟ ସ୍ଥାନରେ ଥିଲେ। ଯେହେତୁ ଏନ୍ଏସିରୁ ୪ ଜଣ ପାଇବା ଯୋଗ୍ୟ, ସେଥିରେ ଅମିତ୍‌ଙ୍କ ନାମ ରହିବା ସ୍ୱାଭାବିକ। ମାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ ଇଟାମାଟି ଓ ଶରଣକୁଳଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପିଲାଙ୍କୁ ଯୋଗ କରିଥିବାରୁ ଅମିତ୍ ଏଥିରୁ ବାଦ୍ ପଡ଼ିଥିଲେ। କିଭଳି ଭାବେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହିଭଳି କଲେ ଏହାକୁ ନେଇ ଅମିତ୍‌ଙ୍କ ବାପା ବୈଦ୍ୟଭୂଷଣ ମହାପାତ୍ର ପ୍ରଶ୍ନ କରିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ଯୋଗ ଅଭିଯୋଗ କରିଛନ୍ତି। ସେହିଭଳି ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବ, ବିଏସ୍‌ଇ ସଚିବ, ନୟାଗଡ଼ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କଠାରେ ମଧ ଅମିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ କୁହନ୍ତି ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଏହି ମେଧାବୃତ୍ତି ଚୟନ କରାଯାଇଛି। ସେଥିରେ ଆମର କୌଣସି ଭୂମିକା ନାହିଁ। ସେହିଭଳି ଯଦି ଏ ନେଇ ଆମ ପାଖରେ ଅଭିଯୋଗ ହୁଏ, ତାହା ହେଲେ ଆମେ ଏ ବିଷୟରେ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଜଣାଇବୁ ବୋଲି ମଲ୍ଲିକ ପ୍ରକାଶ କରିଥିଲେ। ଏ ନେଇ ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ କୁହନ୍ତି, ଶରଣକୁଳ ଓ ଇଟାମାଟିରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଆମ ବିଦ୍ୟାଳୟ ଅଧୀନରେ ପରୀକ୍ଷା ଦେଇଥିଲେ। ସମସ୍ତେ ନିଜ ନିଜ ଉପରୁ ଦୋଷ କାଢ଼ି ଖସିବାକୁ ଉଦ୍ୟମ କରୁଥିବା ବେଳେ ଛାତ୍ର ଅମିତ ବର୍ତ୍ତମାନ ନିରାଶରେ ଅଛନ୍ତି। ଅମିତ ପୂର୍ବରୁ ୨୦୧୨-୧୩ ଶିକ୍ଷାବର୍ଷରେ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ତାଙ୍କୁ ବୃତ୍ତି ଟଙ୍କା ମିଳିନାହିଁ।

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଗଲା



ପୋଡ଼ିଯାଇଥିବା ଘର।

**ରଣପୁର,୨୪।୧୧ (ସ୍ୱ.ପ୍ର.)**

ରଣପୁର ବ୍ଲକ ବ୍ରଜରାଜପୁର ପଞ୍ଚାୟତର ବାମ୍ବଡା ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି । ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ଘଟଣାରୁ ପ୍ରକାଶ ଯେ, ବାମ୍ବଡା ଗ୍ରାମର ଜୁମା ଖାଁଙ୍କ ଝିଅ ମିର୍ ବିବି ଗ୍ରାମ ମୁଣ୍ଡରେ ଘର କରି ପରିବାର ସହ ଦୀର୍ଘ ବର୍ଷ ହେଲା ରହି ଆସୁଛନ୍ତି। ଶନିବାର ଅପରାହ୍ନ ୨ଟାରେ ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଘରର ସମସ୍ତ ଆସବାବପତ୍ର ସହିତ ଧାନ, ଚାଉଳ ପୋଡି ଧ୍ୱଂସ ହୋଇଯାଇଛି। ଖବର ପାଇ ରଣପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗରିବ ଶ୍ରେଣୀର ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ରୋଗୀ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା

- ଡାକ୍ତରଙ୍କ ବିରୋଧରେ ଅଭିଯୋଗ କଲେ ସ୍ତ୍ରୀ

**ରଣପୁର,୨୪।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଡାକ୍ତରଖାନାରେ ଶନିବାର ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକେ ଏଥିପାଇଁ ସମ୍ପୃକ୍ତ ଡାକ୍ତରଙ୍କୁ ଦାୟୀ କରିଛନ୍ତି। ମୃତକଙ୍କ ସ୍ତ୍ରୀ ଡାକ୍ତରଙ୍କ ବିରୋଧରେ ରଣପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ମୃତଦେହ ଡାକ୍ତରଖାନାରେ ପଡିରହିଛି । ଥାନାରେ ହୋଇଥିବା ଅଭିଯୋଗରୁ ପ୍ରକାଶ ଯେ, ରଣପୁର ନିକଟ ଶ୍ୟାମଘନପୁର ଗ୍ରାମର ଗୋବିନ୍ଦ୍ର ମହାନ୍ତି (୩୫) ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଶନିବାର ଅପରାହ୍ନ ୩ଟା ସମୟରେ ପରିବାର ଲୋକେ ତାଙ୍କୁ ରଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ମୀନକେତନ ବଳିୟାରସିଂଙ୍କୁ ଦେଖା କରିଥିଲେ। ଡାକ୍ତର ତାଙ୍କୁ ପରୀକ୍ଷା କରି ଔଷଧ ଆଣିବା ପାଇଁ କହିଥିଲେ। ପରିବାର ଲୋକେ ଇଞ୍ଜେକ୍‌ସନ ଓ ଔଷଧ କିଣି ଆଣିଥିଲେ। ଡାକ୍ତର ଇଞ୍ଜେକସନ ଦେଇ ଗୋବିନ୍ଦ୍ରଙ୍କୁ ଘରକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ଘରେ ପହଞ୍ଚିବା ପରେ ଗୋବିନ୍ଦ ଛାତିରେ ଅଧିକ ଯନ୍ତ୍ରଣା ଅନୁଭବ କରିବା ସହ ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପୁଣି ଡାକ୍ତରଖାନା ଅଣାଯାଇଥିଲା। ମାତ୍ର ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପ୍ରଚାରିତ ହେବା ପରେ ପରିବାର ଓ ଗାଁ ଲୋକେ ସେଠାରେ ପହଞ୍ଚି ହୋହଲ୍ଲା କରିଥିଲେ। ଏହା ଦେଖି ଚିକିତ୍ସା କରୁଥିବା ଡାକ୍ତର ସେଠାରୁ ପଳାଇ ଯାଇଥିଲେ। ଚିକିତ୍ସାରେ ଅବହେଳା ସହ ଇଞ୍ଜେକ୍‌ସନ ଦେଇ ସମ୍ପୃକ୍ତ ଡାକ୍ତର ତାଙ୍କ ସ୍ୱାମୀଙ୍କୁ ମାରିଦେଇଥିବା ନେଇ ଗୋବିନ୍ଦଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଚିକିତ୍ସା କରୁଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ମୀନକେତନ ବଳିୟାରସିଂଙ୍କୁ ପଚାରିବାରୁ ସେ କୁହନ୍ତି, ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ମୁଁ ଇଞ୍ଜେକ୍‌ସନ ଦେଇ ଭୁବନେଶ୍ୱର ରେଫର କରିଥିଲି। ମାତ୍ର ସେମାନେ ଭୁବନେଶ୍ୱର ନ ନେଇ ଘରକୁ ନେଇଯାଇଥିଲେ।

## ଶ୍ରୀକୃଷ୍ଣଙ୍କୁ ହରାଇ ରାଜାହେଲେ ରାଇ

**ଖଣ୍ଡପଡା୨୪।୧୧(ସ୍ୱ.ପ୍ର.)**

କଣ୍ଟିଲୋ ବିଜେ ଶ୍ରୀ ନୀଳମାଧବ ଜୀଉଙ୍କ ପାରମ୍ପରିକ ଶରଦ ରାସ ଉତ୍ସବ ଶନିବାର ପ୍ରତ୍ୟୁଷରେ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଶ୍ରୀ ମଦନମୋହନ ରାସର ଗୋପାଙ୍ଗନା ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ସହିତ ବିଜେ ହେବା ପରେ ରାସ ଉତ୍ସବ ଆରମ୍ଭ ହୋଇଥିଲା। ରାସ ପଞ୍ଚୁକର ଶେଷ ଦିବସ କାର୍ତ୍ତିକ ପୂର୍ଣ୍ଣିମାର ଶେଷ ରାତ୍ରରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ହୋଇଥିବା ପଶାଖେଳ ବେଶ ଚିତ୍ତାକର୍ଷକ ଥିଲା । ପଶାଖେଳରେ ଶ୍ରୀକୃଷ୍ଣ ପ୍ରଥମେ ବଂଶୀ, ଦ୍ୱିତୀୟରେ ଆଭରଣ ଓ ୩ୟରେ ନିଜେ ହାରିଯାଇଥିଲେ। ପରେ ଶ୍ରୀକୃଷ୍ଣଙ୍କ ଆଭୂଷଣ ପିନ୍ଧାଇ ଶ୍ରୀ ରାଧାଙ୍କୁ ଗୋପାଙ୍ଗନାମାନେ ରାଜା କରିଥିଲେ। ଏହି ସମୟରେ ବୃନ୍ଦାବନରେ ଶ୍ରୀକୃଷ୍ଣ କଟୁଆଳ ଭୂମିକା ଗ୍ରହଣ କରିଥିଲେ। କଟୁଆଳର ବର୍ତ୍ତନ ସ୍ୱରୂପ ଶ୍ରୀକୃଷ୍ଣ ବଂଶୀଟିକୁ ଫେରାଇଦେବା ପାଇଁ ଶ୍ରୀ ରାଧାଙ୍କୁ କହିଥିଲେ। ଏହାର ଉତ୍ତରରେ ଲଳିତା, ବିଶାଖା ପ୍ରମୁଖ କହିଥିଲେ ଯେ, ଏହି ବଂଶୀ ଆମକୁ କୁଳଛଡା କରିଛି, କେତେ ଝିଅବୋହୂ ବାହାରେ ପଡି ରହିଛନ୍ତି। ତେଣୁ ଏହାକୁ ଯମୁନା ନଦୀରେ ଭସାଇଦେବା ପାଇଁ ରାଧାଙ୍କୁ ପରାମର୍ଶ ଦେଇଥିଲେ। କଥା କଟାକଟି ପରେ ପରିଶେଷରେ ସମସ୍ତ ଗୋପାଙ୍ଗନା ଶ୍ରୀ ରାଧା ଓ ଶ୍ରୀକୃଷ୍ଣଙ୍କୁ ଏକାଠି କରି ରାଧା କୃଷ୍ଣଙ୍କ ଭକ୍ତିଭାବର ଉତ୍କର୍ଷତା ପ୍ରତିପାଦନ କରିଥିଲେ।

**ଶରଦ ରାସ ଉତ୍ସବ ଉଦ୍‌ଯାପିତ**



ଶରଦ ରାସ ଉତ୍ସବରେ ରାଧାକୃଷ୍ଣଙ୍କ ପଶା ଖେଳ।

## ଅଷ୍ଟପ୍ରହର ନାମଯଜ୍ଞ ଓ ଦୀପଦାନ

**ଖଣ୍ଡପଡା,୨୪।୧୧(ସ୍ୱ.ପ୍ର.)**

ବିଶ୍ୱଶାନ୍ତି ନିମନ୍ତେ ବାଣପୁର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଅନ୍ତିମ ଦିବସରେ ନଗର କୀର୍ତ୍ତନ ହୋଇ ଦୁଆରୀ ଓ ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପବିତ୍ର କୁମାର ରଣାଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ 'କେମିତି ସହିବି କୁହ' ସାମାଜିକ ନାଟକ ପରିବେଷଣ ହୋଇଥିଲା। ଗତ ୧୯ ତାରିଖଠାରୁ ସିଧାମୂଳା ଗ୍ରାମବାସୀ ଓ ଶ୍ରୀଶ୍ରୀ ପଞ୍ଚାନନ ମେଳା କମିଟି ଆନୁକୂଲ୍ୟରେ ସ୍ଥାନୀୟ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ସପ୍ତାହବ୍ୟାପୀ ଆରମ୍ଭ ହୋଇଥିବା ଏକ ଲକ୍ଷ ଆଠ ଦୀପଦାନ ଓ ହରିନାମ ସଂକୀର୍ତ୍ତନ ଶୁକ୍ରବାର ଶେଷ ହୋଇଛି। ସେହିପରି ସ୍ଥାନୀୟ ବାପୁଜୀ ନଗର ଭାଗବତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅଷ୍ଟପ୍ରହର ହରିନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ଏ ଉପଲକ୍ଷେ ଅଧିବାସ, କଳସ ଯାତ୍ରା ଓ ବାଲ୍ୟଲୀଳା ଆଦି କରାଯାଇଥିଲା।

## ବୈଷ୍ଣବ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଶୋକସଭା

**ଦଶପଲ୍ଲା,୨୪।୧୧ (ଡି.ଏନ.ଏ.):** ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଭାଷା ସୁରକ୍ଷା ସମ୍ମିଳନୀର ପ୍ରତିଷ୍ଠାତା ସ୍ୱର୍ଗତ ବୈଷ୍ଣବ ଚରଣ ପରିଡାଙ୍କ ଉଦ୍ଦେଶ୍ୟରେ ଶନିବାର ସ୍ଥାନୀୟ ଦୁର୍ଗାବଜାର କଲୋନୀଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦଶପଲ୍ଲାର ବହୁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଯୋଗଦେଇ ସ୍ୱର୍ଗତ ପରିଡାଙ୍କ ଜୀବନଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରୀ ସ୍ତରରେ ଓଡିଆ ଭାଷାକୁ କିଭଳି କାର୍ଯ୍ୟକାରୀ କରାଯିବ ସେଥିପାଇଁ ସ୍ୱର୍ଗତ ପରିଡାଙ୍କ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା, ସାମାଜିକ କର୍ମୀ ଡଃ ଅନ୍ତର୍ଯାମୀ ଭୂୟାଁ, ଗୁଣ୍ଡିଚା ଲେଙ୍କା, ବ୍ରଜ କିଶୋର ସାମନ୍ତରାୟ ପ୍ରମୁଖ ଯୋଗଦେଇ ଥିଲେ।

## କାର୍ତ୍ତିକେଶ୍ୱର ଦେବଙ୍କ ଭସାଣି ଉତ୍ସବ

**ଖଣ୍ଡପଡା,୨୪।୧୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଞ୍ଚଳରେ କାର୍ତ୍ତିକେଶ୍ୱର ଦେବଙ୍କ ଭସାଣି ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟିର କର୍ମକର୍ତ୍ତାମାନେ ପ୍ରଭୁଙ୍କ ମୃଣ୍ମୟ ମୂର୍ତ୍ତିକୁ ଶୋଭାଯାତ୍ରାରେ ପୂଜା ମଣ୍ଡପରୁ ନେଇ ସହର ପରିକ୍ରମା କରିଥିଲେ । ବାଜା, ବାଣ ଓ ରୋଷଣିରେ ସହର ପ୍ରକମ୍ପିତ ହୋଇଉଠିଥିଲା । ଖଳିସାହି ଗଉଡସାହିର କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ଆୟୋଜିତ ଭସାଣି ଉତ୍ସବରେ ଆଖପାଖ ଅଞ୍ଚଳରୁ ୨ ହଜାରରୁ ଊର୍ଦ୍ଧ୍ୱ ଜନ ସମାଗମ ହୋଇଥିଲା। ଖଳିସାହି ନେଳିଆ ପୋଖରୀରେ ମୃଣ୍ମୟ ମୂର୍ତ୍ତିକୁ ପୂଜାର୍ଚ୍ଚନା ପରେ ବିସର୍ଜନ କରାଯାଇଥିଲା ।

## ମା' କାଳୀଙ୍କ ଭସାଣି ଯାତ୍ରା

**ଖଣ୍ଡପଡା,୨୪।୧୧(ସ୍ୱ.ପ୍ର.)**

ଖଣ୍ଡପଡା ରଥଗଡା ଛକସ୍ଥିତ ମା' କାଳୀଙ୍କ ପୂଜା ମଣ୍ଡପରେ କାଳିପୂଜା ଦିନଠାରୁ ପୂଜା ପାଇଆସୁଥିବା ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଶୁକ୍ରବାର ସନ୍ଧ୍ୟାରେ ବିସର୍ଜନ କରାଯାଇଛି। ରଥଗଡା ବଣିକ ସଂଘ ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଭସାଣି ଉତ୍ସବ ଦେଖିବାକୁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

## ଆଞ୍ଚଳିକ ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ

**ଖଣ୍ଡପଡ଼ା,୨୪।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଆଞ୍ଚଳିକ ତୈଳିକ ବୈଶ୍ୟ ସମାଜ କଣ୍ଟିଲୋ ପକ୍ଷରୁ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ସମାଜ ପକ୍ଷରୁ ଶ୍ରୀ ନୀଳମାଧବ ଜୀଉଙ୍କ ପାଦଦେଶରେ ପ୍ରବାହିତ ମହାନଦୀ କୂଳରେ ଏକ ସମାବେଶ ଆୟୋଜନ କରାଯାଇଥିଲା। ତୈଳିକ ବୈଶ୍ୟ ସମାଜର ଆଞ୍ଚଳିକ ସଭାପତି ତ୍ରିନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ସ୍ୱଜାତୀୟ ପତାକା ଉତ୍ତୋଳନ ସହ ବିଶ୍ୱରୂପା ସାହୁଙ୍କ ଦ୍ୱାରା କୌଳିକ ସଙ୍ଗୀତ ଗାନ କରାଯାଇଥିଲା। ପରେ ପୁରୋହିତ ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ସହ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ନିକଟସ୍ଥ ଅକୁରାବନ୍ଧ, ସିଧାମୂଳା, ପାଟଣା, କେନ୍ଦୁପଲ୍ଲୀ ଆଦି ଅଞ୍ଚଳର ତୈଳିକ ବୈଶ୍ୟ ସମାଜର ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳ କାର୍ଯ୍ୟକାରୀ କମିଟିର ସମ୍ପାଦକ ବନମାଳୀ ସାହୁ, କୋଷାଧ୍ୟକ୍ଷ ଭିକାରୀ ଚରଣ ସାହୁ, ସଦସ୍ୟ ଗୋକୁଳାନନ୍ଦ ସାହୁ, ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ବୋଇତ ବନ୍ଦାଣ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପୃକ୍ତ ଅଞ୍ଚଳର ପୂର୍ବ ସୂରୀମାନଙ୍କୁ ସ୍ମରଣ କରି ସେମାନଙ୍କ ଆତ୍ମାର ସଦ୍‌ଗତି ନିମିତ୍ତ ପ୍ରାର୍ଥନା କରିଥିଲେ। ସେହିପରି କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଆୟୋଜିତ ଜିଲା ସ୍ତରୀୟ ଯୁବ ରେଡକ୍ରସ ଶିବିରର ଶିବିରାର୍ଥୀଙ୍କ ଦ୍ୱାରା ଅଧ୍ୟାପକ ମାନଗୋବିନ୍ଦ ରାଉତଙ୍କ ନେତୃତ୍ୱରେ ମହାନଦୀ ଘାଟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

## କାର୍ଯ୍ୟକ୍ଷମ ହୋଇପାରୁନି ପାନୀୟ ଜଳ ପ୍ରକଳ୍ପ

**ଗଣିଆ,୨୪।୧୧(ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନାଁରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଅନେକ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରିବର୍ତ୍ତେ ଅଧାପନ୍ତରିଆ ହୋଇ ପଡିରହୁଛି। ସେହିପରି କେତେକ ପ୍ରକଳ୍ପ ନିମ୍ନମାନର କାର୍ଯ୍ୟ ଯୋଗୁ ଆରମ୍ଭରୁ ଅଚଳ ହୋଇରହିଛି । ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ଅଧିକାଂଶ ଗ୍ରାମରେ ଥିବା ଜଳଯୋଗାଣ ପ୍ରକଳ୍ପଗୁଡିକର ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ବଡମୂଳଠାରେ ନିର୍ମାଣାଧୀନ ପ୍ରକଳ୍ପଟି ୨୦୦୭ମସିହାରୁ ଆରମ୍ଭ ହୋଇଥିଲା। ଦୀର୍ଘ ୧୦ବର୍ଷ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ବଡମୂଳ, ବଡମୂଳମାଳିସାହି ଓ ବେଠିଆସାହିକୁ ଜଳ ଯୋଗାଣ ନିମନ୍ତେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଇନ୍‌ଟେକ୍ ୱେଲ୍, ପମ୍ପହାଉସ ଗୃହ, ଷ୍ଟାଣ୍ଡପୋଷ୍ଟ ନିର୍ମାଣ ଶେଷ ହୋଇଥିବାବେଳେ ପାଣି ମୋଟର ଓ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ପ୍ରଶାସନିକ ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ସେହି ଗ୍ରାମର ବ୍ରଜକିଶୋର ସାମଲ କହିଛନ୍ତି। ସେହିପରି ହରିପୁର ଓ



ବଡମୂଳଠାରେ ଅର୍ଦ୍ଧନିର୍ମିତ ପ୍ରକଳ୍ପ।

ଗୋପୀନାଥପୁର ଗ୍ରାମକୁ ଜଳ ଯୋଗାଣ ନିମିତ୍ତ ୧୨ବର୍ଷ ହେଲା ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ଏହା ଆରମ୍ଭରୁ ସମ୍ପୂର୍ଣ୍ଣ ଅଚଳ ହୋଇପଡିରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ପମ୍ପହାଉସ ପରିସର ଘଞ୍ଚ ଜଙ୍ଗଲ ପାଲଟିଲାଣି। ଈଶ୍ୱରପୁର ଗ୍ରାମଠାରେ ନିର୍ମାଣ କରାଯାଇଥିବା ପ୍ରକଳ୍ପରୁ ପର୍ଯ୍ୟାପ୍ତ ପରିମାଣର ପାଣି ନ ହେବାରୁ ଚଳିତବର୍ଷ ମେ' ମାସରେ ନୂତନ ବୋରିଂ କରାଯାଇଛି । ହେଲେ ଇତିମଧ୍ୟରେ ୬ମାସ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଫଳରେ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିପରି ରାଜିଙ୍ଗି ପ୍ରକଳ୍ପଟି ଦୀର୍ଘଦିନ ଧରି ମରାମତି ଅଭାବରୁ ପାଇପ୍‌ଗୁଡିକ ଫାଟି ପାଣି ଲିକେଜ୍ ହେଉଥିବା ଦେଖିବାକୁ ମିଳିଛି। ନିମ୍ନମାନର କାମ ହେତୁ ଇନ୍‌ଟେକ୍ ୱେଲକୁ ସଂଯୋଗ କରାଯାଇଥିବା ଷ୍ଟେନର ପାଇପ୍ ବୃତ୍ତଙ୍ଗ ବନ୍ୟା ଜଳରେ ଭାସିଯାଇଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ଏହି ପଞ୍ଚାୟତର ମହୁକଣ ଗ୍ରାମଠାରେ ଥିବା ପ୍ରକଳ୍ପର ଇନ୍‌ଟେକ୍ ୱେଲଟି ଗତ ତିତ୍‌ଲି

**ଛାମୁଣ୍ଡିଆ ଗ୍ରାମପଞ୍ଚାୟତ**

ବାତ୍ୟା ବେଳେ ବୃତ୍ତଙ୍ଗ ନଦୀର ଖରସ୍ରୋତା ବନ୍ୟାଜଳରେ ଢଳିପଡି ଅଚଳାବସ୍ଥା ସୃଷ୍ଟି ହୋଇଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ପ୍ରକଳ୍ପଟିରେ ପର୍ଯ୍ୟାୟକ୍ରମେ ୮୪ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଏଠାରେ ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଏହି ପଞ୍ଚାୟତର ମୁଦୁଲିଗାଡିଆ, ବେଷ୍ଟପଡା, କାଣିପୋଖରୀ, ମହନାପଦା, ଯଶୀପୁର, ଛାଡମୂଳ, ଭଗାମୁଣ୍ଡା, ବୁଟୁବୁରେଇ ଓ କୁତୁରୀ ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପ ନ ଥିବାରୁ ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଚଳିତ ଶୀତଋତୁରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟଜଳ ସଙ୍କଟ ଦେଖାଦେଉଥିବା ବେଳେ ଖରାଦିନେ ଏହା ଉତ୍କଟ ରୂପ ଧାରଣ କରିବା ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଗଣିଆ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଲିପ୍‌ସା ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ମହୁକଣ ପ୍ରକଳ୍ପ କାର୍ଯ୍ୟ ମରାମତି ଚାଲୁରହିଛି ଓ ନୂତନ ପ୍ରକଳ୍ପ ମଞ୍ଜୁରୀ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଛି। ଆସନ୍ତା ସପ୍ତାହ ମଧ୍ୟରେ ବଡମୂଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ।